بِسۡمِ اللّٰہِ الرَّحۡمٰنِ الرَّحِیۡمِ نَحۡمَدُہٗ وَنُصَلِّیۡ عَلٰی رَسُوۡلِہِ الۡکَرِیۡمِ وَعَلٰی عَبۡدِہِ الۡمَسِیۡحِ الۡمَوۡعُوۡدِ

وَلَقَدۡ نَصَرَکُمُ اللّٰہُ بِبَدۡرٍ وَّاَنۡتُمۡ اَذِلَّۃٌ

ଖଣ୍ଡ 6

ସଂଖ୍ୟା 08

ସାପ୍ତାହିକ ବଦର କାଦିଆନ

Weekly BADAR Qadian Odia

www.akhbarbadarqadian.in

ବାର୍ଷିକ ଦେୟ: ୫୦୦/-

ସମ୍ପାଦକ : କମରୁଲ ହକ୍ ଖାନ୍

ସହ-ସମ୍ପାଦକ : ମକସୁଦ୍ ଅଲୀ ଖାନ୍

25 ଫେବୃଆରୀ 2021 | 25 ତବ୍ଲିଗ୍ 1400 ହି.ଶ | 12 ରଜବ୍ 1442 ହି.କ


## ଅଲ୍ଲାଃ ତାଲାଙ୍କ ବାଣୀ

وَالَّذِیۡنَ اٰمَنُوۡا بِاللّٰہِ وَرُسُلِہٖ

وَلَمۡ یُفَرِّقُوۡا بَیۡنَ اَحَدٍ مِّنۡہُمۡ

اُولٰٓئِکَ سَوۡفَ یُؤۡتِیۡہِمۡ اُجُوۡرَہُمۡ

(النساء:153)

ଅନୁବାଦ- ଏବଂ ଯେଉଁମାନେ ଅଲ୍ଲାଃ ଓ ତାହାଙ୍କର ସମସ୍ତ ରସୁଲଙ୍କ ଉପରେ ବିଶ୍ୱାସ କରିଛନ୍ତି ଏବଂ ସେମାନେ ସେ (ରସୁଲ)ମାନଙ୍କ ମଧ୍ୟରେ କୌଣସି ପାର୍ଥକ୍ୟ ସୃଷ୍ଟି କରି ନାହାନ୍ତି; ସେ ଲୋକମାନେ ଏପରି ଅଟନ୍ତି ଯେ ସେ (ଅଲ୍ଲାଃ) ସେମାନଙ୍କୁ ଶୀଘ୍ର ସେମାନଙ୍କର ପୁରସ୍କାର ଦେବେ । । ।

*(ନିସା: ୧୫୩)*

## ଅହମଦୀୟା ଖବର

ଅଲ୍ଲାଃତାଲାଙ୍କ ଅସୀମ ଦୟା ବଳରୁ ସୟଦନା ହଜରତ ଅମିରୁଲ୍ ମୁମେନିନ୍ ଖଲିଫତୁଲ୍ ମସିହ ପଂଚମ[ଅ:ବ]ଙ୍କ କୁଶଳ ଓ ମଙ୍ଗଳରେ ଅଛନ୍ତି । (ଅଲହମ୍ଦୋଲିଲ୍ଲାଃ)

ହୁଜୁର ଅନ୍ୱର[ଅ:ବ]ଙ୍କ ସୁସ୍ଥ,ସବଳ,ଦୀର୍ଘାୟୁ,ମହାନ ଉଦ୍ଦେଶ୍ୟରେ କୃତକାର୍ଯ୍ୟ ଏବଂ ବିଶେଷ ସୁରକ୍ଷାରେ ରହିବା ନିମନ୍ତେ ସମସ୍ତେ ଦୁଆ କରିଚାଲନ୍ତୁ । ଅଲ୍ଲାଃତାଲା ହୁଜୁର[ଅ:ବ]ଙ୍କୁ ପ୍ରତ୍ୟେକ ମୁହୂର୍ତ୍ତରେ ସୁରକ୍ଷା,ସାହାଯ୍ୟ ଓ ସମର୍ଥନ ପ୍ରଦାନ କରନ୍ତୁ । ॥ ଆମିନ୍ ॥ ॥

ଅଲ୍ଲାହୁମ୍ମା ଐୟଦ୍ ଇମାମନା ବେରୁହିଲ୍ କୁଦୁସ୍ ୱ ବାରିକ୍ଲନା ଫି'ଉମ୍ରିହି ୱ ଅମ୍ରିହି ॥

**ଈଶ୍ୱରଙ୍କ ସହିତ ସୁଲାହ କରିନିଅ । ସତ୍ ଆତ୍ମସଂଜମତା ଗ୍ରହଣ କର । ଆକାଶ ନିଜର ଆସାଧାରଣ ବିପଦ ଦ୍ୱାରା ଭୟଭୀତ କରାଉଛି । ପୃଥିବୀ ଆମକୁ ମହାମାରୀ ରୋଗ ଦ୍ୱାରା ସର୍ତକ କରାଉଛି । ଯିଏ ଏହା ବୁଝିନେଲା ସେ ହେଉଛି ଧନ୍ୟ ।**

## ହଜରତ ମସିହ ମଉଦ[ଆ:ସ]ଙ୍କ ନୀତି ବାଣୀ

### ଦୁଆ (ପ୍ରାର୍ଥନା)ର ଆଶିର୍ବାଦ

ଯଦି ଦୁଆ ନଥାନ୍ତା ତା'ହେଲେ ମନୁଷ୍ୟ ଈଶ୍ୱରଙ୍କୁ ଚିହ୍ନିବା ପାଇଁ ହକ୍କୁଲ୍ ୟକିନ୍ (ଅର୍ଥାତ ଈଶ୍ୱରଙ୍କ ଜ୍ଞାନରେ ସମ୍ପୂର୍ଣ୍ଣ ନିଶ୍ଚିତତା) ହାସଲ କରିବାକୁ ସମର୍ଥ ହୋଇପାରିନଥାନ୍ତା । ଦୁଆ ଦ୍ୱାରା ଐଶିବାଣୀ ପ୍ରାପ୍ତ ହୋଇଥାଏ । ଦୁଆ ଦ୍ୱାରା ଆମେ ଈଶ୍ୱରଙ୍କ ସହିତ ବାର୍ତାଳାପ କରିଥାଉଁ । ଯେତେବେଳେ ମନୁଷ୍ୟ ନିଷ୍ଠା, ଏକେଶ୍ୱରବାଦ, ଆନ୍ତରିକତ ପ୍ରେମ, ସତ୍ୟତା ଏବଂ ଶୁଦ୍ଧତାକୁ ଆପଣାଇ ଦୁଆ କରି କରି ଫନା (ଅର୍ଥାତ ବିଲିନ) ହୋଇଯାଏ ସେତେବେଳେ ସେହି ଜୀବନ୍ତ ଈଶ୍ୱର ତା' ଉପରେ ପ୍ରକାଶ ହୋଇଥାନ୍ତି, ଯିଏ ଲୋକମାନଙ୍କଠାରୁ ଲୁକ୍କାୟିତ ଅବସ୍ଥାରେ ଥାନ୍ତି ।

### ଯିଏ ଏହାକୁ ବୁଝିଲା ତାକୁ ଶୁଭେଚ୍ଛା

ଈଶ୍ୱରଙ୍କ ସହିତ ସୁଲାହ କରିନିଅ । ସତ୍ ଆତ୍ମସଂଜମତା ଗ୍ରହଣ କର । ଆକାଶ ନିଜର ଆସାଧାରଣ ବିପଦ ଦ୍ୱାରା ଭୟଭୀତ କରାଉଛି । ପୃଥିବୀ ଆମକୁ ମହାମାରୀ ରୋଗ ଦ୍ୱାରା ସର୍ତକ କରାଉଛି । ଯିଏ ଏହା ବୁଝିନେଲା ସେ ହେଉଛି ଧନ୍ୟ ।

### ଉଚ୍ଚ ସାହାସ ଓ ଦମ୍ଭ

ହାର ମାନିବା ଉଚିତ ନୁହେଁ । ସାହସ ହେଉଛି ନୈତିକ ଗୁଣ ମଧ୍ୟରୁ ଅନ୍ୟତମ । ଜଣେ ମୋମିନ୍ (ଈଶ୍ୱର ବିଶ୍ୱାସୀ) ବଡ଼ ଉଚ୍ଚ ସାହାସୀ ହୋଇଥାଏ । ସର୍ବଦା ଅଲ୍ଲାଃଙ୍କ ଧର୍ମର ସାହାଯ୍ୟ ସମର୍ଥନ କରିବାପାଇଁ ପ୍ରସ୍ତୁତ ରହିବା ଉଚିତ । କେବେ ବି ଭୟଭୀତତା ପ୍ରକାଶ କରିବା ଉଚିତ ନୁହେଁ । ଭୟଭୀତତା ହେଉଛି ମୁନାଫିକ ଅର୍ଥାତ କପଟୀର ଲକ୍ଷଣ । ମୋମିନ୍ ଦାମ୍ଭିକ ଓ ସାହାସୀ ହୋଇଥାଏ କିନ୍ତୁ ସାହାସର ଅର୍ଥ ଏହା ନୁହେଁ ଯେ ସେ ସୁଯୋଗବାଦୀ ହେବନାହିଁ । ଉପଯୁକ୍ତ ବିଚାର ବିନା ଯେଉଁ କାର୍ଯ୍ୟ କରାଯାଏ ତାହା ହେଉଛି ବେପରୁଆ ବୀରତା । ଜଣେ ବିଶ୍ୱାସକାରୀ ମଧ୍ୟରେ ଶିଘ୍ରତା ନଥାଏ ବରଂ ସେ ବହୁତ ସତର୍କତା ଓ ଧୈର୍ଯ୍ୟ ଅବଲମ୍ବନ କରି ଧର୍ମର ସାହାଯ୍ୟ ସହଯୋଗ ପାଇଁ ପ୍ରସ୍ତୁତ ରହିଥାଏ ଓ ଭୟ କରେନାହିଁ । ମଣିଷ ଦ୍ୱାରା ବେଳେ ବେଳେ ଏପରି କାର୍ଯ୍ୟ ହୋଇଯାଏ ଯେ ତାହା ଖୁଦାତାଲାଙ୍କୁ ଅସନ୍ତୁଷ୍ଟ କରିଦିଏ...... ଉଦାହରଣ ସ୍ୱରୂପ ଯଦି ଜଣେ ଭିକାରୀକୁ ତଡ଼ିଦିଏ ତା ହେଲେ ଏହା ହେଉଛି କଠୋର ଆଚରଣ । ଏତଦଦ୍ୱାରା ଈଶ୍ୱର ଅସନ୍ତୁଷ୍ଟ ହୋଇଥାନ୍ତି ତେଣୁ ଏପରି ବ୍ୟକ୍ତି ଭିକାରୀଙ୍କୁ କିଛି ଦେବାର ସୁଯୋଗରୁ ବଂଚିତ ହୋଇଥାଏ । କିନ୍ତୁ ଯଦି ସେ ନମ୍ର ଆଚରଣ ଓ ଭଦ୍ରାମି ଦେଖାଇବ ଏବଂ ଭିକାରୀକୁ ପାତ୍ରରେ ପାଣି ପିଇବାକୁ ଦେବ ତାହେଲେ ଏହା ଦ୍ୱାରା ତା'ର ଆଧାତ୍ମିକ ସଙ୍କୋଚନ ଦୂର ହୋଇଯିବ ।

*(ମଲଫୁଜାତ୍ ଖଣ୍ଡ-୧, ପୃ-୨୫୮ ପ୍ରକାଶନ୨୦୧୮ କାଦିୟାନ)*

**ମିଥ୍ୟା ଦେବତାଗୁଡ଼ିକ ଏକ ସୀମିତ ସମୟରୁ ଚାଲିଆସୁଛନ୍ତି କିନ୍ତୁ ଈଶ୍ୱରଙ୍କ କାନୁନ୍ ପ୍ରଥମରୁ ଚାଲି ଆସୁଛି ।**

**ଯେଉଁ କାର୍ଯ୍ୟ ଏକ ଧାର୍ଯ୍ୟ କାନୁନ ଅନ୍ତର୍ଗତ ସର୍ବଦା ହୋଇ ଆସୁଅଛି ତାହା ତୁମ ଆଡ଼କୁ କିପରି ସମ୍ବନ୍ଧିତ ହୋଇପାରେ ।**

ସୟଦନା ହଜ୍‌ରତ୍ ମୁସ୍‌ଲେହ ମଉଦ୍ ର:ଅ ସୁରଃ ୟୁନୁସ୍‌ର ଆୟତ ନଂ-୩୫ **କୁଲିଲ୍ଲାହୁ ୟବ୍‌ଦଉଲ୍ ଖଲ୍‌କା ସୁମ୍ମା ୟୁଇଦୁହୁ ଫଅନ୍ନା ତୁଫକୁନ୍** ର ବ୍ୟାଖ୍ୟା କରି କହିଛନ୍ତି:

"ଏହି ଆୟତରେ ସିର୍କ (ଅନେକେଶ୍ୱରବାଦ)କୁ ଖଣ୍ଡନ କରିବା ପାଇଁ ଏକ ବଳିଷ୍ଠ ପ୍ରମାଣ ଉପସ୍ଥାପନ କରାଯାଇଅଛି । ଯାହାକୁ ସାଧାରଣତଃ ଲୋକମାନେ ବୁଝିନାହାନ୍ତି । ଅଲ୍ଲାଃ ତାଲା କହୁଛନ୍ତି ଯେ ଖଲକ୍ (ସୃଷ୍ଟି)ର ପ୍ରମାଣ ହେଉଛି ଲେଉଟାଇବା ଅର୍ଥାତ ସୃଷ୍ଟିର ପୁନରାବୃତି । ନଚେତ ପ୍ରତ୍ୟେକ ବ୍ୟକ୍ତି ଏ ଦାବି କରିବେ ଯେ ମୁଁ ହେଉଛି ସୃଷ୍ଟିକର୍ତା । ଆଜି ଯଦି କିଏ ଉଠି ଏକଥା କହେ ଯେ ମୁଁ ଦୁନିଆକୁ ସୃଷ୍ଟି କରିଛି ବୋଲି ତା'ହେଲେ ଏହାର ଖଣ୍ଡନ ଏପରି ହୋଇପାରେ ଯେ ତାକୁ ଏହା କୁହାଯିବ କି ପୁଣି ଥରେ ସୃଷ୍ଟି କରି ଦେଖାଇ ଦିଅ । ଅତଏବ ପୁନରାବୃତି ହିଁ କର୍ମ ଉପରେ କ୍ଷମତା ରଖିବାର ପ୍ରମାଣ । ତେଣୁ ଈଶ୍ୱର କହିଲେ ଯେ ଆମେ କେବଳ ସୃଷ୍ଟିକୁ ଉପସ୍ଥାପନ କରୁନାହୁଁ ଯେ କିଏ ଏକଥା କହିବ ଯେ ହଜରତ୍ ଇସା ଆ:ସ ବା ଅନ୍ୟ କୌଣସି ଅସ୍ତିତ୍ୱ ମଧ୍ୟ ସୃଷ୍ଟି କରିଛନ୍ତି ବରଂ ଆମ୍ଭେ ପୁନରାବୃତିକୁ ଉପସ୍ଥାପନ କରୁଅଛୁ । ପୁନରାବୃତିରେ ଦୁଇଟି କଥା ମିଳିଥାଏ ପ୍ରଥମତଃ ଏହାଦ୍ୱାରା ତତକ୍ଷଣାତ୍ ପରୀକ୍ଷା କରାଯାଇଥାଏ । ଦ୍ୱିତୀୟତଃ ପୁନରାବୃତି ଅନନ୍ତ ନିୟମକୁ ମଧ୍ୟ ବତାଇଥାଏ । ଉଦାହରଣ ସ୍ୱରୂପ ଶସ୍ୟରୁ ଶସ୍ୟ ସୃଷ୍ଟି ହୋଇଆସୁଅଛି । ଆଜି ଯଦି ଜୈଦ୍ ଈଶ୍ୱର ହୋଇଯାଏ ଓ ସୃଷ୍ଟିକର୍ତା ହେବାର ଦାବି କରେ ତେବେ ତାକୁ କୁହାଯିବ ଯେ ଶସ୍ୟତ ପ୍ରଥମରୁ ସୃଷ୍ଟି ହେଉଅଛି କିନ୍ତୁ ତୁମେ ଏବେ ଜନ୍ମ ହୋଇଅଛ । ସୁତରାଂ ମିଥ୍ୟା ଦେବତାଗୁଡ଼ିକ ଏକ ସୀମିତ ସମୟରୁ ଚାଲିଆସୁଛନ୍ତି କିନ୍ତୁ ଈଶ୍ୱରଙ୍କ କାନୁନ୍ ପ୍ରଥମରୁ ଚାଲି ଆସୁଛି । ତେଣୁ ଏ ପ୍ରଶ୍ନ ହୋଇପାରେ ଯେ ଯେଉଁ କାର୍ଯ୍ୟ ଏକ ଧାର୍ଯ୍ୟ କାନୁନ ଅନ୍ତର୍ଗତ ସର୍ବଦା ହୋଇ ଆସୁଅଛି ତାହା ତୁମ ଆଡ଼କୁ କିପରି ସମ୍ବନ୍ଧିତ ହୋଇପାରେ । ତେଣୁ ଈଶ୍ୱର କହିଲେ ଯେ ଏହି ସୃଷ୍ଟି ଏବଂ ପୁନରାବୃତିର ଏ ଧାରା କିଏ ତିଆରି କରିଛି ? ଯଦି କୁହ ଯେ ଅଲ୍ଲାଃ ତାଲା ବନାଇଛନ୍ତି ତେବେ ଏକଥା କୁହ ଯେ ଯଦି ଖୁଦାତାଲା ଅନନ୍ତକାଳରୁ କିଛି କାନୁନ୍ ଧାର୍ଯ୍ୟ କରି ରଖିଛନ୍ତି ଓ ତାହା ଅନ୍ତର୍ଗତ ବିଶ୍ୱ ବ୍ରହ୍ମଣ୍ଡ ସୃଷ୍ଟି ହେଉଅଛି ତେବେ ତୁମ ମିଥ୍ୟା ଈଶ୍ୱରଙ୍କର ହସ୍ତକ୍ଷେପ ଏଥିରେ କେଉଁଠି ପ୍ରମାଣିତ ହେଲା ଓ ତାହାର ଆବଶ୍ୟକତା କଣ ଥିଲା ?

## ନବୀ ସ:ଆ:ସଙ୍କ ବାଣୀ

### ହଜ୍‌ରତ୍ ମୁହମ୍ମଦ ସ:ଆ:ସଙ୍କର ଏକ ପ୍ରୀୟ ଦୁଆ

(୧୧୨୦) ହଜ୍‌ରତ୍ ଇବ୍‌ନେ ଅବାସ୍ ର:ଅଙ୍କଠାରୁ ବର୍ଣ୍ଣିତ ଅଛି ଯେ ନବୀ କରିମ୍ ସ:ଆ:ସ ଯେତେବେଳେ ରାତିରେ ତହଜ୍ଜୁଦ୍ ପଢ଼ିବାପାଇଁ ଉଠନ୍ତି ଏହି ଦୁଆ କରନ୍ତି: **ଅଲ୍ଲାହୁମ୍ମା ଲକା ଅସ୍‌ଲମ୍‌ତୁ ୱ ବିକା ଆମନ୍‌ତୁ ୱ ଆଲୈକା ତୱକ୍କଲ୍‌ତୁ ୱ ଇଲୈକା ଅନବ୍‌ତୁ ୱ ବିକା ଖାସମ୍‌ତୁ ୱ ଇଲୈକା ହାକମ୍‌ତୁ ଫଗ୍‌ଫିର୍‌ଲି ମା କଦମ୍‌ତୁ ୱମା ଅଖ୍‌ଖର୍‌ତୁ ୱମା ଅସ୍‌ରର୍‌ତୁ ୱମା ଆଲନ୍‌ତୁ ଅନ୍‌ତଲ୍ ମୁକଦ୍ଦିମୁ ୱ ଅନ୍‌ତାଲ୍ ମୁଅଖ୍‌ଖିରୁ ଲା ଇଲାହା ଇଲ୍ଲା ଅନ୍‌ତା ଅଓ ଲା ଇଲାହା ଗୈରୁକା**

ଅର୍ଥାତ:- ହେ ଅଲ୍ଲାଃ ମୁଁ ତୁମ ସମ୍ମୁଖରେ ନିଜର ବେକ ନୁଆଁଇ ଦେଉଛି (ଅର୍ଥାତ ମୁଣ୍ଡପାତି ଦେଇଛି) । ତୁମ ଉପରେ ବିଶ୍ୱାସ ଆଣିଛି । ତୁମ ଉପରେ ମୁଁ ଭରଷା ରଖିଛି । ତୁମ ଆଡ଼କୁ ମୁଁ ଢ଼ଳିଛି । ତୁମ ଖାତିର ମୁଁ ଏ ପ୍ରସଙ୍ଗ ଉଠାଇଛି ଏବଂ ତୁମ ନିକଟରୁ ନିଷ୍ପତି ଚାହିଁଛି । ମୋତେ କ୍ଷମା କର ଏହି ଅଗ୍ରୀମ ଓ ବିଳମ୍ବ କାର୍ଯ୍ୟ ଯାହା ମୁଁ କରିଅଛି ଏବଂ ଯାହା ମୁଁ ଲୁଚାଇଛି ଓ ଯାହା ମୁଁ ପ୍ରକାଶ କରିଛି, ସେଥିରୁ ମତେ କ୍ଷମା କର । ତୁମେ ହିଁ ଅଗ୍ରଗାମୀ ଓ ତୁମେ ହିଁ ଅନ୍ତ । ତୁମ ବ୍ୟତୀତ ଅନ୍ୟ କୌଣସି ଠାକୁର ନାହାନ୍ତି ବା (ଏହା କହିଲେ) ତୁମ ବ୍ୟତୀତ ଅନ୍ୟ କେହି ଉପାସନାର ଅଧିକାରୀ ନୁହନ୍ତି ।

***(ସହୀ ବୁଖାରୀ, ଖଣ୍ଡ-୨, କିତାବୁଲ୍ ତହଜ୍ଜୁଦ୍, ପୃ-୫୧୦)***

ଏହି ଆୟତରେ ଏଥିପ୍ରତି ଇଙ୍ଗିତ ମିଳୁଛି ଯେ ଯେଉଁ ସମ୍ରାଟ ସୃଷ୍ଟିର ଏକ ଅସୀମ ଧାରାକୁ ସୃଷ୍ଟି କରିଛନ୍ତି ସେ ତାହାର ମାର୍ଗଦର୍ଶନର ଦାୟିତ୍ୱ ଅନ୍ୟ କାହା ଉପରେ କିପରି ନ୍ୟସ୍ତ କରିଥାନ୍ତା ବା ଗୋଟିଏ ଯୁଗର ଲୋକମାନଙ୍କର ମାର୍ଗଦର୍ଶନ କରାଇ ପରବର୍ତୀ ପିଢ଼ିକୁ କିପରି ବଂଚିତ ରଖିପାରିଥାନ୍ତା । ଯଦି ସୃଷ୍ଟିକର୍ତା ଜଣେ ଓ ସୃଷ୍ଟିର ଧାରାକୁ ଜାରି କରିବାବାଲା ଆଉ ଜଣେ ଥାନ୍ତା ତେବେ ଏକଥା କହିପାରିଥାନ୍ତେ ଯେ ସୃଷ୍ଟି କରିବା ବାଲା ସୃଷ୍ଟିର ପ୍ରାରମ୍ଭରେ ହିଦାୟତ୍ (ମାର୍ଗଦର୍ଶନ) ଦେଇଛନ୍ତି କିନ୍ତୁ ସୃଷ୍ଟିର ଧାରାକୁ ଜାରି ରଖୁଥିବା ସତା ଏହାର ପରବାଏ କଲେନାହିଁ । କିନ୍ତୁ ଯେବେ ସୃଷ୍ଟିକର୍ତା ଏବଂ ସୃଷ୍ଟିର ଧାରାକୁ ଜାରି ରଖୁଥିବା ସତା ହେଉଛି ଏକ ପାଳନକର୍ତା ତେବେ ଆସନ୍ତା ପିଢ଼ିର ଲୋକମାନଙ୍କୁ ସେ ମାର୍ଗଦର୍ଶନରୁ କିପରି ବଂଚିତ କରିପାରିଥାନ୍ତା ।”

***(ତଫ୍‌ସୀର୍ କବୀର୍, ଖଣ୍ଡ-୩, ପୃ-୭୨........୨୦୧୦)***

⌘⌘⌘⌘⌘⌘⌘⌘⌘⌘

*ପୃଷ୍ଠା- ୧୧ ର ଅବଶିଷ୍ଟାଂଶ ......*

Dr. Hartmann ନିଜର ମନୋଭାବକୁ ବ୍ୟକ୍ତ କରି କହିଲେ, ଲୋକମାନେ ନିଜକୁ ଯେତେବି ଖୋଲା ହୃଦୟର ବୋଲି ଦାବି କରନ୍ତୁ ନା କାହିଁକି ପୁଣି ମଧ୍ୟ ସେମାନଙ୍କ ମନ ଭିତରେ ସନ୍ଦେହ ରହିଥାଏ । ଯମାତ୍ ଅହେମଦୀୟାର ଇମାମ୍‌ଙ୍କ ବାର୍ତାଳାପ ସେହି ସମସ୍ତ ସନ୍ଦେହକୁ ଦୂର କରିଦେଉଥିଲା । ତାଙ୍କ ବ୍ୟକ୍ତିତ୍ୱ ଏତେ ବିନମ୍ର ସ୍ୱଭାବ ଓ ସହାନୁଭୁତିଶୀଳ ଥିଲା ଯେ, ମତେ ଏମିତି ଲାଗୁଥିଲା କି, ତାଙ୍କୁ କୌଣସି ମଧ୍ୟ ପ୍ରଶ୍ନ କରାଯାଇପାରେ । ଏହିଭଳି ବ୍ୟକ୍ତି ବିଶେଷଙ୍କ ସହିତ କଥା ହେବା ପରେ ମନ ଭିତରେ କୌଣସି ଶଙ୍କା ଓ ସନ୍ଦେହ ରହେନାହିଁ ।

ମିଡ଼ିଆର ପ୍ରତିନିଧିମାନଙ୍କ ମଧ୍ୟରୁ SAT-1 TV ଚ୍ୟାନେଲ୍‌ର ପ୍ରତିନିଧି ମିଷ୍ଟର ଗେରିଟ୍ ନିଜର ମନୋଭାବକୁ ବ୍ୟକ୍ତ କରି ଲେଖିଛନ୍ତି ଯେ, ପ୍ରଥମେ ତ ମତେ ଏତେ ବଡ଼ ଉତ୍ସବ ଅନୁଷ୍ଠିତ କରିବା ଯୋଗୁଁ ଆଶ୍ଚର୍ଯ୍ୟ ଲାଗୁଛି ଓ ଏଥିରେ ଯେଉଁ ଭାଇଚାରା, ଆପୋଷ ପ୍ରେମଭାବ ଏବଂ ସୁନ୍ଦର ସୁବ୍ୟବସ୍ଥିତ ଶୈଳୀରେ ଆପଣଙ୍କ ଲୋକମାନେ ଏହାକୁ ଅନୁଷ୍ଠିତ କରିଛନ୍ତି । ଏହା ମୋ ପାଇଁ ସମ୍ପୁର୍ଣ୍ଣ ରୂପେ ମୋ ପାଇଁ ଅବିଶ୍ୱସନୀୟ ଥିଲା । କିନ୍ତୁ ଏହା ସତ୍ତ୍ୱେ ମଧ୍ୟ ମତେ ବିଶ୍ୱାସ କରିବାକୁ ହେବ କାରଣ ମୁଁ ଏହା ସବୁକିଛି ନିଜ ଆଖି ଦ୍ୱାରା ହିଁ ଦେଖୁଅଛି ।

ୱିଜ୍‌ବାଦନ୍ ଡ଼ାକ୍ତରଖାନାର ଡ଼କ୍ଟର ଫେରାରି ସାହିବା କହୁଛନ୍ତି ଯେ, ଆଜିକାର ଏହି ସଭାରେ ସାମିଲ ହେବା ମୋ ପାଇଁ ଗୌରବର ବିଷୟ । ଯମାତ୍ ଅହେମଦୀୟାର ଇମାମ୍‌ଙ୍କ ଭାଷଣ ମତେ ଯେଉଁ ଶିକ୍ଷା ଓ ବାର୍ତା ମିଳିଛି ତାକୁ ମୁଁ ମୋ ନିଜ ପାଇଁ ନୁହେଁ ବରଂ ନିଜ ସନ୍ତାନମାନଙ୍କ ପାଇଁ ମଧ୍ୟ ଜରୁରୀ ବୋଲି ଜାଣୁଅଛି । ଧର୍ମ ଓ ସମ୍ପ୍ରଦାୟଠାରୁ ଉପରକୁ ଉଠି ମଣିଷର ଦୁଃଖରେ ସହାନୁଭୁତି ଦେଖାଇବା ଓ ଲୁଚି ଯାଉଥିବା ମାନବିକ ମୂଲ୍ୟବୋଧକୁ ପ୍ରତିଷ୍ଠା କରିବାପାଇଁ ବର୍ତମାନ ଆର୍ନ୍ତଜାତିୟ ପ୍ରେମ ଓ ଏକଥା ନିମନ୍ତେ ଅତ୍ୟନ୍ତ ଜରୁରୀ ଅଟେ । ହଜୁରଙ୍କର ଏହି ଭାଷଣ ପ୍ରତ୍ୟେକ ଦୃଷ୍ଟିରୁ ସେହି ସମସ୍ତ ଆବଶ୍ୟକତାକୁ ଉଜାଗର କରିଅଛି ।

ସିଟି ପୋଲିସ୍‌ର ଜଣେ ପ୍ରତିନିଧି ନିଜ ମନୋଭାବକୁ ବ୍ୟକ୍ତ କରି କହିଲେ ଯେ, ଆପଣଙ୍କ ଯମାତ୍‌ର ଶାନ୍ତିପୂର୍ଣ୍ଣ ଏବଂ ମାନବଜାତିକୁ ଭଲ ପାଇବାର ପ୍ରସିଦ୍ଧି ସମ୍ବନ୍ଧରେ ମୁଁ ତ ଜାଣିଥିଲି ଓ ଏହି ସହରର ଜନସାଧାରଣ ମଧ୍ୟ ଜାଣିଛନ୍ତି କିନ୍ତୁ ଆଜି ଏହି ମସ୍‌ଜିଦ୍ ନିର୍ମାଣ ହେବାପରେ ସେହି ଶିକ୍ଷାକୁ ଏକ ଅସ୍ତିତ୍ୱ ମିଳିଯାଇଛି । ଯାହାକୁ ଲୋକମାନେ ମସ୍‌ଜିଦ୍ ରୂପେ ଦେଖିପାରିବେ ଏବଂ ଏହିଭଳି ଆପଣଙ୍କ ଯମାତ୍‌ର ଶାନ୍ତି ଓ ପ୍ରେମପୂର୍ଣ୍ଣ ଶିକ୍ଷାର ଶାରିରୀକ ଏବଂ ଭୌତିକ ପରିପ୍ରକାଶ ମଧ୍ୟ ଏହି ସହରରେ ଏକ ମସ୍‌ଜିଦ୍ ରୂପରେ ଅବଲୋକନ କରାଯାଇପାରିବ । ଯମାତ୍ ଅହେମଦୀୟାର ଇମାମ୍ ଯେଉଁ ପ୍ରେମ ଓ ଭାଇଚାରାର ବାର୍ତା ନିଜ ଭାଷଣରେ ପ୍ରଦାନ କରିଛନ୍ତି ମସ୍‌ଜିଦ୍ ସେହି ବାର୍ତା, ଶାନ୍ତି ଏବଂ ସୌହାର୍ଦ୍ଧ୍ୟର ଏକ ଜ୍ୱଳନ୍ତ ଉଦାହରଣ ଏବଂ ବହୁତ ଆନନ୍ଦର କଥା ଏହା କି ଆପଣ ଏହାର ଉଦ୍‌ଘାଟନି ଉତ୍ସବରେ ପ୍ରତ୍ୟେକ ଗୋଷ୍ଠୀ ଓ ସମ୍ପ୍ରଦାୟର ଲୋକମାନଙ୍କୁ ନିମନ୍ତ୍ରଣ କରିଛନ୍ତି ।

ମାଇନିଜ୍ ସହରରୁ ଆସିଥିବା ଗୋଟିଏ ଚର୍ଚ୍ଚର ପ୍ରତିନିଧି ମିଷ୍ଟର ଏଙ୍ଗନ୍ ବର୍ଗର ସାହେବ୍ ନିଜର ମନୋଭାବକୁ ବ୍ୟକ୍ତ କରି କହିଲେ ଯେ, ଯମାତ୍ ଅହେମଦୀୟାର ଇମାମ୍ ପଡ଼ୋଶୀମାନଙ୍କ ଅଧିକାର ସମ୍ବନ୍ଧରେ ଯେଉଁ ଇସ୍‌ଲାମୀୟ ଶିକ୍ଷାକୁ ବିସ୍ତୃତଭାବେ ଉପସ୍ଥାପନ କଲେ ଏହା ମୋ ପାଇଁ ସମ୍ପୁର୍ଣ୍ଣରୂପେ ନୂଆ ଓ ଆଗ୍ରହ ବିଷୟ ଥିଲା । ଜଣେ ଧାର୍ମିକ ବ୍ୟକ୍ତିଙ୍କଠାରୁ ପଡ଼ୋଶୀଙ୍କ ଅଧିକାର ପ୍ରତି ଏତେମାତ୍ରାରେ ତାଗିଦ୍ କରାଯିବା ମୁଁ ପ୍ରଥମଥର ଶୁଣିବାକୁ ପାଇଲି ।

ଗୋଟିଏ ରାଜନୈତିକ ଦଳ SPD ର ପ୍ରତିନିଧି ନିଜର ମନୋଭାବକୁ ବ୍ୟକ୍ତ କରି କହିଲେ ଯେ, ଯମାତ୍ ଅହେମଦୀୟାର ଇମାମ୍ ଇସ୍‌ଲାମ୍‌ର ଶାନ୍ତିପ୍ରୀୟ ଶିକ୍ଷା ଏବଂ ମଣିଷର ସାମାଜିକ ଅଧିକାର ପ୍ରଦାନ କରିବାପ୍ରତି ଏତେମାତ୍ରାରେ ନିଜ ଭାଷଣର ବିଷୟବସ୍ତୁ ଉପରେ ତାଗିଦ୍ କରିବା ଆମ ପାଇଁ ଇସ୍‌ଲାମ୍ ଏବଂ ମୁସଲମାନମାନଙ୍କୁ ଶାନ୍ତିପ୍ରୀୟ ବୋଲି ବୁଝିବା ସହଜ କରିଦେଲେ ଏବଂ ମତେ ଖୁସି ଲାଗୁଛି ଯେ, ଏହା ଦ୍ୱାରା ସମାଜରେ ଆପୋଷ ପ୍ରେମଭାବ ଓ ଭାଇଚାରାର ବାତାବରଣକୁ ଅଧିକ ପ୍ରୋତ୍ସାହନ ମିଳିବ ।

ଜଣେ ମହିଳା ପତ୍ରକାର ମିସ୍ ୱେ୍ରନର୍ କହୁଛନ୍ତି ଯେ, ମତେ ଏହି ଉଦ୍‌ଘାଟନୀ ଉତ୍ସବ ପୂର୍ବରୁ ମୁଳଦୁଆ ରଖାଯିବା ଅବସରରେ ମଧ୍ୟ ଯମାତ୍ ଅହେମଦୀୟାର ଇମାମ୍ ଓ ତାଙ୍କ ବେଗମ୍ ସାହିବାଙ୍କ ସହିତ ସାକ୍ଷାତ କରିବାର ଅବସର ମିଳିଥିଲା । ଦୁଇଜଣଯାକ ପ୍ରେମର ବାର୍ତାକୁ ସର୍ବସାଧାରଣରେ ପହଂଚାଉଥିବା ଅସ୍ତିତ୍ୱ ଅଟନ୍ତି । ଯଦି ଲୋକମାନେ ଏପରି ଶିକ୍ଷା ଉପରେ ପରିଚାଳିତ ହେବା ଆରମ୍ଭ କରିଦେବେ । ତେବେ ଏ ସମାଜ ଶାନ୍ତି ଓ ସୌହାର୍ଦ୍ଧ୍ୟର ଦୃଷ୍ଟାନ୍ତ ହୋଇପାରିବ ।

ଏହି ସହରରୁ ଉତ୍ସବରେ ସାମିଲ ହୋଇଥିବା ଆଉ ଜଣେ ମହିଳା ମିସ୍ ମ୍ୟାରି ସାହିବା କହିଲେ ଯେ, ଯମାତ୍ ଅହେମଦୀୟାର ଇମାମ୍ ନାଗରିକମାନଙ୍କର ଅଧିକାର ଓ ସେମାନଙ୍କ ପ୍ରତି ସହାନୁଭୂତି ଦେଖାଇବାର ଆନ୍ତରିକ ଆବେଗରେ ପରିପୂର୍ଣ୍ଣ କଥା କହୁଛନ୍ତି । ତାଙ୍କ ଭାଷଣରୁ ସେ କେଡ଼େ ସୌହାର୍ଦ୍ଧ୍ୟପୂର୍ଣ୍ଣ ବ୍ୟକ୍ତି ଓ କେଡ଼େ ସ୍ନେହୀ ତାହା ଜଣାପଡୁଅଛି । ସେ ପ୍ରତ୍ୟେକ ବ୍ୟକ୍ତିଙ୍କୁ ଭଲ ପାଉଛନ୍ତି । ସେହି ଲୋକମାନଙ୍କର ସମ୍ବନ୍ଧ ଯେ କୌଣସି ଧର୍ମ ସହିତ ହେଉ ନା କାହିଁକି । ମତେ ତାଙ୍କର କୌଣସି ଧର୍ମ ଓ ସମ୍ପ୍ରଦାୟକୁ ପାତରଅନ୍ତର ବିନା ସମସ୍ତଙ୍କ ସହିତ ସହାନୁଭୁତି ଦେଖାଇବା ଏବଂ ମାନବ ସମାଜ ପ୍ରତି ପ୍ରେମ ପୂର୍ଣ୍ଣ ଶିକ୍ଷା ଦେବା ବହୁତ ପସନ୍ଦ ଲାଗିଲା ।

ଇଂଟିଗ୍ରେସନ୍ କମିଶନର୍ Mr. Christoph Manjura ମନ ପକାଇଦେଲେ ଯେ, ମୁଳଦୂଆ ରଖାଯାଇଥିବା ଦିନ ମଧ୍ୟ ବର୍ଷା ହେଉଥିଲା କିନ୍ତୁ ଯମାତ୍ ଅହେମଦୀୟାର ଇମାମ୍‌ଙ୍କ ଆଗମନ ସହିତ ହିଁ ଆକାଶ ନିର୍ମଳ ହୋଇଗଲା ଓ ସୂର୍ଯ୍ୟ ବାହାରି ପଡ଼ିଲା । ଫଳତଃ ଏହି ଉତ୍ସବର ବ୍ୟବସ୍ଥା କରିବାରେ ସହଜ ହେଲା । ଆଜି ମଧ୍ୟ ଦିନ ତମାମ୍ ସୂର୍ଯ୍ୟ ବାହାରିଛି ଓ କାଲିଠାରୁ ପୁଣି ବର୍ଷା ହେବାର ପୂର୍ବାନୁମାନ କରାଯାଇଅଛି ।

ସେହିଭଳି Mr. Hans Peter ମଧ୍ୟ ଇଂଟିଗ୍ରେସନ୍ ବିଭାଗ ସହିତ ସମ୍ବନ୍ଧ ରଖିଛନ୍ତି । ସେ ନିଜର ମନୋଭାବକୁ ବ୍ୟକ୍ତ କରି କହିଲେ ଯେ, ଯମାତ୍ ଅହେମଦୀୟାର ଇମାମ୍‌ଙ୍କର ଏହି ଅଭିଭାଷଣ ପ୍ରତ୍ୟେକ ଗୋଷ୍ଠୀ ଓ ସମ୍ପ୍ରଦାୟ ମଧ୍ୟରେ ପ୍ରକାଶ ହେବା ଉଚିତ । ଫଳତଃ ଲୋକମାନେ ଏକଥା ଜାଣିପାରିବେ ଯେ, କେବଳ ମୁହଁରେ ଦାବି କରିଦେବା କୌଣସି ଗୁରୁତ୍ୱ ରଖେନାହିଁ ଯେପର୍ଯ୍ୟନ୍ତ ତାକୁ କର୍ମରେ ମାନବିକ ମୂଲ୍ୟବୋଧକୁ ଆଖି ଆଗରେ ରଖି ନ ଦେଖାଇ ଦିଆଯାଇଛି । ଯମାତ୍ ଅହେମଦୀୟା ଏବଂ ଯମାତ୍ ଅହେମଦୀୟାର ଇମାମଙ୍କ କଥନ ଓ କର୍ମରେ ମେଳ ଖାଉଥିବା ଯୋଗୁଁ ମତେ ବହୁତ ଭଲ ଲାଗିଲା । ମୁଁ ଚାହୁଁଛି ଯେ, ଅନ୍ୟ ସମସ୍ତ ସମ୍ପ୍ରଦାୟଗୁଡ଼ିକରେ ମଧ୍ୟ ମାନବିକ ମୂଲ୍ୟବୋଧର ସମ୍ମାନରେ ଏହି ପ୍ରସଙ୍ଗକୁ ପ୍ରୋତ୍ସାହିତ କରାଯାଉ ।

ଜଣେ ସ୍ଥାନିୟ ଡ଼ାକ୍ତରଖାନାର ଡ଼ାକ୍ତର ନିଜ ମନୋଭାବକୁ ବ୍ୟକ୍ତ କରି କହିଲେ ଯେ, ଧର୍ମିୟ ସଂଘଟନ ଗୁଡ଼ିକରୁ ଯଦି ଏହି ଭଳି ଶିକ୍ଷା ମିଳେ, ଯାହାର ପରିପ୍ରକାଶ ଆଜି ଯମାତ୍ ଅହେମଦୀୟାର ଇମାମ୍‌ଙ୍କ ଅଭିଭାଷଣରୁ ହେଲା ତେବେ ସମାଜରେ ମାନବିକ ମୂଲ୍ୟବୋଧର ସମ୍ମାନ ପ୍ରତିଷ୍ଠା ହୋଇପାରିବ । ଚର୍ଚ୍ଚକୁ ମଧ୍ୟ ଏହି ଦୃଷ୍ଟିକୋଣକୁ ଉଜାଗର କରିବାକୁ ହେବ । ଏବେ ଚର୍ଚ୍ଚ ଅନେକଗୁଡ଼ିଏ ପ୍ରଶ୍ନରୁ ଆଖି ଚୁରାଉଛି ଯେବେ କି ଯମାତ୍ ଅହେମଦୀୟାର ଇମାମ୍ ସମ୍ଭାବିକ ପ୍ରତ୍ୟେକ ପ୍ରଶ୍ନର ଓ ପ୍ରତ୍ୟେକ ଆପତି ଅଭିଯୋଗର ଉତର ଅନେକ ପାର୍ଶ୍ୱରୁ ଦେଇଛନ୍ତି ଏବଂ ନିର୍ଭୟ ସ୍ୱଷ୍ଟିକରଣ ସହିତ ଇସ୍‌ଲାମ୍‌ର ଦୃଷ୍ଟିକୋଣକୁ ସ୍ୱଷ୍ଟ କରିଛନ୍ତି । ଖୁସିର କଥା ହେଉଛି ଏହା ଯେ, ତାଙ୍କର ପ୍ରତ୍ୟେକ ସ୍ୱଷ୍ଟିକରଣ ଏବଂ ବ୍ୟାଖ୍ୟା ମାନବ ସମାଜକୁ ଶାନ୍ତି ଓ ସୌହାର୍ଦ୍ଧ୍ୟ ଏବଂ ପ୍ରେମ ପ୍ରତି ନେଇ ଯାଉଛି ।

ଡ଼ାକ୍ତର ଉସାମା ଅବୁ ହସନ୍ କହୁଛନ୍ତି ଯେ, ଆପଣଙ୍କ ଖଲିଫା ଅସଲ ଇସ୍‌ଲାମୀୟ ଶିକ୍ଷା ଏବଂ ବାସ୍ତବିକ ଇସ୍‌ଲାମ୍‌ର ସୁନ୍ଦର ଚେହେରା ଦେଖାଇ ଇସ୍‌ଲାମ୍ ସମ୍ବନ୍ଧରେ ଭୁଲ ବୁଝାମଣାକୁ ଦୂର କରିବା ବ୍ୟତିତ ସର୍ବସାଧାରଣଙ୍କ ହୃଦୟରୁ ଇସ୍‌ଲାମ୍ ପ୍ରତି ଥିବା ଭୟ ଓ ଡ଼ରକୁ ବାହାର କରିଦେଲେ ।

ଆଉ ଜଣେ ଅତିଥି ମୋହତରମା ଆଇସା ସାହିବା ନିଜର ମନୋଭାବକୁ ବ୍ୟକ୍ତ କରି କହିଲେ ଯେ, ମୁଁ ଇସ୍‌ଲାମ୍‌ର ରୂପକୁ ଆଉ ଏକ ପ୍ରକାର ଦେଖିଛି କିନ୍ତୁ ଆଜିର ଏହି ଉତ୍ସବ ମତେ ଆଉ ଏକ ପ୍ରକାର ଇସ୍‌ଲାମ୍ ସହିତ ପରିଚିତ କରାଇ ଦେଲା ଓ ତାହା ଏତେ ହୃଦୟସ୍ୱର୍ଶୀ ଯେ ମୋର ଆନ୍ତରିକ ଇଚ୍ଛା ହେଉଛି କି ମୁଁ ଆସନ୍ତାକୁ ମଧ୍ୟ ଏହିଭଳି ଉତ୍ସବରେ ସାମିଲ ହେବି ।

ମୋହତରମା Heik Brader ସାହିବା କହୁଛନ୍ତି ଯେ, ଯମାତ୍ ଅହେମଦୀୟାର ଇମାମ୍ ଈଶ୍ୱରଙ୍କୁ ସମଗ୍ର ବ୍ରହ୍ମାଣ୍ଡର ପାଳନକର୍ତା ବୋଲି ବତାଇଲେ । ସାରା ବ୍ରହ୍ମାଣ୍ଡର ପାଳନକର୍ତା ସଜ୍ଞାଧାରୀ ବ୍ୟାପକ ଈଶ୍ୱରଙ୍କ ମଧ୍ୟରେ ମତେ ବହୁତ ଆଗ୍ରହ ଦେଖିବାକୁ ମିଳିଲା । ଓ ଆଶ୍ଚର୍ଯ୍ୟ ଚକିତ କରିଦେଉଥିବା କଥା ହେଉଛି ଏହି କି ଯେ, ଈଶ୍ୱର ଏକ ଓ ଅଦ୍ୱିତୀୟ ହେବା ସତ୍ତ୍ୱେ ମଧ୍ୟ ସମସ୍ତ ଧର୍ମ, ସମସ୍ତ ମାନବ ଓ ସମସ୍ତ ଜାତିର ସେ ଈଶ୍ୱର ଅଟନ୍ତି ଏବଂ ସମସ୍ତଙ୍କୁ ସେ ପାଳନ କରୁଛନ୍ତି ।

*କ୍ରମଶଃ......*

## ଜରୁରୀ ଘୋଷଣା

### ହଜୁର ଅନଓ୍ୱର ଆପଣମାନଙ୍କ ଚିଠି ଦେଖୁଛନ୍ତି ଓ ଆପଣମାନଙ୍କ ପାଇଁ ଦୁଆ କରୁଛନ୍ତି ।

ଯେଉଁମାନେ ହଜ୍‌ରତ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅୟଦୁହୁଲ୍ଲାହୁ ତାଲାଙ୍କ ପବିତ୍ର ଗୋଚରେ ଚିଠି ଲେଖୁଛନ୍ତି ସେହି ସମସ୍ତ ପୁରୁଷ ଓ ମହିଳାମାନଙ୍କୁ ଜଣାଇ ଦିଆଯାଉଅଛି ଯେ:-

ସେମାନଙ୍କର ସମସ୍ତ ଚିଠି ନିତ୍ୟାନୁସାରେ ହଜୁର ଅନଓ୍ୱର ଅୟଦହୁଲ୍ଲାହୁ ତାଲାଙ୍କ ଗୋଚରେ ପେଶ୍ କରାଯାଉଅଛି । ଯଦିଚ କରୋନା ଭାଇରସ ଯୋଗୁଁ ଆଜିକାଲି ଯେଉଁ ପରିସ୍ଥିତି ଉପୁଜିଛି, ସେଥିଯୋଗୁଁ ଚିଠିର ଉତର ଲେଖୁଥିବା ସଦସ୍ୟମାନଙ୍କ ସଂଖ୍ୟା କମ୍ କରିଦିଆ ଯାଇଅଛି ତେଣୁ ସେହି ସମସ୍ତ ଚିଠିର ଗୋଟି ଗୋଟି କରି ଉତର ପଠାଇବା ସମ୍ଭବ ନୁହେଁ । ହଜୁର ଅନଓ୍ୱର ଅୟଦହୁଲ୍ଲାହୁ ତାଲା ଆପଣମାନଙ୍କ ଚିଠି ପଢ଼ି ଆପଣମାନଙ୍କ ପାଇଁ ଦୁଆ କରୁଛନ୍ତି । ଅଲ୍ଲାଃ ତାଲା କୃପା ଓ ଦୟା କରନ୍ତୁ, ଏହି ମହାମାରୀ ଏବଂ ଅନ୍ୟାନ୍ୟ ସମସ୍ତ ବିପଦ ଆପଦରୁ ପ୍ରତ୍ୟେକଙ୍କୁ ବଂଚାନ୍ତୁ । ସମସ୍ତଙ୍କୁ ନିଜ ସୁରକ୍ଷା ବଳୟ ଭିତରେ ରଖନ୍ତୁ ଏବଂ ସର୍ବଦା ତାହାଙ୍କ ପ୍ରେମପୂର୍ଣ୍ଣ ଦୃଷ୍ଟି ଆପଣମାନଙ୍କ ଉପରେ ପଡୁଥାଉ ।

*(ମୁନିର୍ ଅହ୍‌ମଦ୍ ଜାୱେଦ୍, ପ୍ରାଇଭେଟ୍ ସେକ୍ରେଟାରୀ)*

# : ଖୁତ୍‌ବା ଜୁମା :

ସବୁଠାରୁ ସୁନ୍ଦର ଦମ୍ପତି ଯଦି କିଏ ଦେଖିଛି ତା ହେଲେ ସେହି ଦମ୍ପତି ହେଉଛି ହଜ୍‌ରତ୍ ରୁକେୟା ର:ଅ
ଓ ତାଙ୍କ ସ୍ୱାମୀ ହଜ୍‌ରତ୍ ଉସ୍‌ମାନ ର:ଅଙ୍କର ଦମ୍ପତି

**ହଜ୍‌ରତ୍ ମୁହମ୍ମଦ ସ:ଆ:ସଙ୍କ ମହାନ୍ ପଦମର୍ଯ୍ୟାଦାସମ୍ପନ୍ନ ଖଲିଫା ରାଶିଦ୍ ଜୁନ୍ ନୁରୈନ୍**
**ହଜ୍‌ରତ୍ ଉସ୍‌ମାନ ବିନ୍ ଅଫାନ୍ ର:ଅଙ୍କ ବିଶେଷ ଗୁଣାବଳୀର ଚର୍ଚ୍ଚା ।**

ହଜ୍‌ରତ୍ ଉସ୍‌ମାନ ର:ଅ ରସୁଲେ ଖୁଦା ସ:ଆ:ସଙ୍କଠାରୁ ପ୍ରାୟ ପାଂଚବର୍ଷ ସାନ ଥିଲେ । ସେ ପ୍ରାରମ୍ଭିକ ମୁସଲମାନମାନଙ୍କ ମଧ୍ୟରୁ ଥିଲେ ।

ରସୁଲୁଲ୍ଲାଃ ସ:ଆ:ସ ହଜ୍‌ରତ୍ ରୁକେୟା ର:ଅଙ୍କୁ କହିଲେ ଝିଅ ! ଅବୁ ଅବ୍‌ଦୁଲ୍ଲାଃଙ୍କ ସହିତ ସଦ୍‌ବ୍ୟବହାର କରୁଥାଅ ।
ନିଶ୍ଚିତରୂପେ ସେ ମୋ ସାହାବାମାନଙ୍କ ମଧ୍ୟରେ ନୈତିକତା ଦୃଷ୍ଟିକୋଣରୁ ମୋ ସହିତ ଅଧିକ ସାମଞ୍ଜସ୍ୟ ରଖିଛନ୍ତି:

ଏଗାର ଜଣ ମର୍‌ହୁମୀନ୍ (ମୃତକ) ମୋକରମ୍ ମୌଲାନା ସୁଲ୍‌ତାନ୍ ମେହ୍‌ମୁଦ୍ ଅନୱର ସାହେବ ପୂର୍ବତନ ନାଜିର୍ ଇସ୍‌ଲାହ୍ ୱ ଇର୍‌ଶାଦ୍ ମର୍କଜୀୟା, ନାଜିରେ ଖିଦ୍‌ମତେ ଦର୍‌ୱେଶାନ୍ ଏବଂ ନାଜିରେ ଇସ୍‌ଲାହ୍ ୱ ଇର୍‌ଶାଦ୍ ରିସ୍ତାନାତା, ମୋକରମ୍ ମୌଲାନା ମୁହମ୍ମଦ ଅହେମଦ ସାହେବ ପୂର୍ବତନ ନାଜିର୍ ଇସ୍‌ଲାହ୍ ୱ ଇର୍‌ଶାଦ୍ ମର୍କଜିୟା କାଦିଆନ୍, ମୋକରମ୍ ହବିବ୍ ଅହେମଦ ସାହେବ ସୁପୁତ୍ର ମୁହମ୍ମଦ ଇସ୍‌ମାଇଲ୍ ସାହେବ ପୂର୍ବତନ ଅମୀର୍ ଏବଂ ମିଶ୍‌ନାରୀ ଇନ୍‌ଚାର୍ଜ ନାଇଜେରିୟା, ମୁକରମ୍ ବଦ୍‌ରୁଜ୍ ଜମାନ୍ ସାହେବ୍ କାର୍‌କୁନ୍ ୱକାଲତେ ମାଲ୍ ୟୁ,କେ, ମୋକରମ ମନ୍‌ସୁର୍ ଅହ୍‌ମଦ୍ ତାସିର୍ ସାହେବ୍ କାର୍‌କୁନ୍ (କର୍ମୀ) ଏହ୍‌ତେସାବ୍ ବିଭାଗ ନିଜାରତ୍ ଉମୁରେ ଆମା ରବୱା, ମୋକରମ୍ ଡ଼ାକ୍ତର ଇବ୍ରାହିମ୍ ମୋଆଙ୍ଗା ସାହେବ୍ ତାଞ୍ଜାନିଆ, ମୋକରମ୍ ସୁଗ୍‌ରା ବେଗମ୍ ସାହିବା ପତ୍ନୀ ଦୀନ୍ ମୁହମ୍ମଦ୍ ସାହେବ୍ ନଙ୍ଗଲି ଦର୍‌ୱେଶ୍ କାଦିଆନ୍, ମୋକରମ୍ ଚୌଧୁରୀ କରାମତୁଲ୍ଲାଃ ସାହେବ୍ ପୂର୍ବତନ ରଜାକାର (ଉତ୍ସର୍ଗୀକର୍ମୀ) ଅଲ୍‌ଫଜଲ୍ ଇଂଟନ୍ୟାଶନ୍ୟାଲ୍, ମୋକରମ୍ ଚୌଧୁରୀ ମୁନୱର୍ ଅହ୍‌ମଦ୍ ଖାଲିଦ୍ ସାହେବ (ଜର୍ମାନୀ), ମୋକରମ୍ ନସିରା ବେଗମ୍ ସାହିବା ପତ୍ନୀ ଅହେମଦ୍ ସାଦିକ୍ ତାହେର୍ ମେହେମୁଦ୍ ରିଟାଏର୍ଡ଼ ମୁରବୀ ସିଲ୍‌ସିଲା ବଙ୍ଗଲାଦେଶ୍ ଏବଂ ମୋକରମ୍ ରଫିଉଦ୍ଦିନ୍ ବଟ ସାହେବ୍ (ବଦୁ ମଲହି)ଙ୍କ ଉତମ ଗୁଣାବଳୀର ଚର୍ଚ୍ଚା ଏବଂ ସମସ୍ତଙ୍କର ନମାଜ ଯନାଜାଃ ଗାଏବ୍ ପାଠ ।

**ଖୁତ୍‌ବା ଜୁମା: ସୟଦନା ଅମିରୁଲ ମୁମେନିନ ଖଲିଫତୁଲ ମସିହ ଖାମିସ୍ ଅ.ବ**
**(ପ୍ରଦତ୍ତ: ୨୨ ଜାନୁୟାରୀ ୨୦୨୧ ଅନୁଯାୟୀ ୨୨ ସୁଲାହ୍ ୧୪୦୦ ହିଜ୍‌ରି ଶମ୍‌ସି)**

**ଖୁତ୍‌ବା ଜୁମାର ଏହି ଆଲେଖ୍ୟଟି ବଦର୍ କାର୍ଯ୍ୟାଳୟ ଅଲ୍‌ଫଜଲ୍ ଇଂଟରନ୍ୟାସନାଲ ଲଣ୍ଡନର କାର୍ଯ୍ୟାଳୟକୁ ଧନ୍ୟବାଦ ଜଣାଇ ପ୍ରକାଶ କରୁଅଛୁ ।**

اَشْهَدُ اَنْ لَّا اِلٰهَ اِلَّا اللّٰهُ وَحْدَهٗ لَا شَرِيْكَ لَهٗ وَاَشْهَدُ اَنَّ مُحَمَّدًا عَبْدُهٗ وَرَسُوْلُهٗ
اَمَّا بَعْدُ فَاَعُوْذُ بِاللّٰهِ مِنَ الشَّيْطٰنِ الرَّجِيْمِ - بِسْمِ اللّٰهِ الرَّحْمٰنِ الرَّحِيْمِ -
اَلْحَمْدُ لِلّٰهِ رَبِّ الْعٰلَمِيْنَ - اَلرَّحْمٰنِ الرَّحِيْمِ - مٰلِكِ يَوْمِ الدِّيْنِ - اِيَّاكَ نَعْبُدُ وَاِيَّاكَ نَسْتَعِيْنُ -
اِهْدِنَا الصِّرَاطَ الْمُسْتَقِيْمَ - صِرَاطَ الَّذِيْنَ اَنْعَمْتَ عَلَيْهِمْ ۙ غَيْرِ الْمَغْضُوْبِ عَلَيْهِمْ وَلَا الضَّآلِّيْنَ -

ଆଜି ମୁଁ ହଜ୍‌ରତ୍ ଉସ୍‌ମାନ ର:ଅଙ୍କ ଚର୍ଚ୍ଚା ଆରମ୍ଭ କରିବି । ହଜ୍‌ରତ୍ ଉସ୍‌ମାନ ର:ଅଙ୍କ ସମ୍ପର୍କରେ ପ୍ରଥମ କଥା ତ ଏହା ସ୍ମରଣ ରଖିବା ଉଚିତ ଯେ, ସେ ସ୍ୱୟମ ବଦର ଯୁଦ୍ଧରେ ସାମିଲ ହୋଇନଥିଲେ କିନ୍ତୁ ସେହି ଆଠଜଣ ସାହାବାଙ୍କ ମଧ୍ୟରୁ ଜଣେ ଥିଲେ ଯାହାଙ୍କୁ ହଜୁର ସ:ଆ:ସ ବଦର ଯୁଦ୍ଧର ମାଲେ ଗନିମତ୍‌ରୁ କିଛି ଅଂଶ ପ୍ରଦାନ କରି ଯୁଦ୍ଧରେ ସାମିଲ ଥିବାର ଦର୍ଶାଇଥିଲେ ।

ତାଙ୍କର ବଂଶବୃକ୍ଷାବଳୀ ରସୁଲେ୍ କରିମ୍ ସ:ଆ:ସଙ୍କ ବଂଶ ବୃକ୍ଷାବଳୀର ପଂଚମ ପୀଢ଼ୀ ଅର୍ଥାତ ଅବ୍‌ଦେ ମୁନାଫ୍‌ଙ୍କଠାରେ ଯାଇ ମିଶୁଥିଲା । ହଜ୍‌ରତ୍ ଉସ୍‌ମାନଙ୍କ ମାଆଙ୍କ ନାମ ଅର୍‌ୱା ବିନ୍‌ତେ କୁରୈଜ୍ ଥିଲା । ହଜ୍‌ରତ୍ ଉସ୍‌ମାନ ର:ଅଙ୍କ ଆଇ ମା ଉମ୍ମେ ହକିମ୍ ବୈଜାଆ ବିନ୍‌ତେ ଅବଦୁଲ୍ ମୁତଲବ୍ ନବୀ କରିମ୍ ସ:ଆ:ସଙ୍କ ପିତାଶ୍ରୀ ହଜ୍‌ରତ୍ ଅବ୍‌ଦୁଲ୍ଲାଃଙ୍କ ରକ୍ତର ଭଉଣୀ ଥିଲେ । ଆଉ ଏକ ରିୱାୟତ ମୁତାବକ ରସୁଲୁଲ୍ଲାଃ ସ:ଆ:ସଙ୍କ ବାପା ହଜ୍‌ରତ୍ ଅବ୍‌ଦୁଲ୍ଲାଃ ଏବଂ ହଜ୍‌ରତ୍ ଉସ୍‌ମାନ ର:ଅଙ୍କ ଆଇ ମା ଦୁଇଜଣଯାକ ଯାଆଁଳା ଜନ୍ମ ହୋଇଥିଲେ ହଜ୍‌ରତ୍ ଉସ୍‌ମାନ ର:ଅଙ୍କ ମାତା ଅରୁୱା ବିନ୍‌ତେ କୁରୈଜ୍ ସୁଲାହ୍ ହୁଦୈବିୟା ପରେ ଇସ୍‌ଲାମ୍ ଧର୍ମ ଗ୍ରହଣ କରିନେଇଥିଲେ ଏବଂ ମକ୍କାରୁ ହିଜ୍‌ରତ୍ କରି ମଦିନାକୁ ଆସିଯାଇଥିଲେ ଏବଂ ନିଜର ପୁତ୍ର ହଜ୍‌ରତ୍ ଉସ୍‌ମାନ ର:ଅଙ୍କ ଖିଲାଫତ୍‌ରେ ମୃତ୍ୟୁ ପର୍ଯ୍ୟନ୍ତ ମଦିନାରେ ଅବସ୍ଥାନ କରିଥିଲେ । ହଜ୍‌ରତ୍ ଉସ୍‌ମାନଙ୍କ ବାପା ଜାହିଲିୟତ୍ ଯୁଗରେ ଅର୍ଥାତ ଇସ୍‌ଲାମ୍ ଆସିବା ପୂର୍ବରୁ ମୃତ୍ୟୁବରଣ କରିସାରିଥିଲେ । ***(ଅଲ୍‌ଅସାବାଃ....... ଖଣ୍ଡ-୪, ପୃ-୩୭୭.......... ବେରୁତ ୨୦୦୫)***

***(ସିରତ୍ ଅମୀରୁଲ୍ ମୁମିନିନ ଉସ୍‌ମାନ..... ପୃ-୧୫...... ବେରୁତ ୨୦୦୬)***

***(ସିରସ୍ ସାହାବା, ଖଣ୍ଡ-୧, ପୃ-୧୫୪..... ବେରୁତ ୨୦୦୪)***

***(ତବକାତୁଲ୍ କୁବ୍‌ରା.........ଖଣ୍ଡ-୮, ପୃ-୧୮୨-୧୮୩.........)***

ହଜ୍‌ରତ୍ ଉସ୍‌ମାନ ର:ଅଙ୍କ ଉପନାମ ପ୍ରସଙ୍ଗରେ କୁହାଯାଏ ସେ ଅଶିକ୍ଷିତ ଯୁଗରେ ତାଙ୍କର ଉପନାମ ଅବୁ ଉମ୍‌ରୋ ଥିଲା ଯେତେବେଳେ ହଜ୍‌ରତ୍ ମୁହମ୍ମଦ ମୁସ୍ତଫା ସ:ଆ:ସଙ୍କ ସୁପୁତ୍ରୀ ହଜ୍‌ରତ୍ ରୁକୈୟାଙ୍କ ଔରଷରୁ ତାଙ୍କୁ ଅବ୍‌ଦୁଲ୍ଲାଃ ଅର୍ଥାତ ତାଙ୍କ ପୁତ୍ର ଜନ୍ମଗ୍ରହଣ କଲେ ସେତେବେଳେ ମୁସଲମାନମାନଙ୍କ ମଧ୍ୟରେ ସେ ଅବୁ ଅବ୍‌ଦୁଲ୍ଲାଃ ନାମରେ ସୁପ୍ରସିଦ୍ଧ ହୋଇଗଲେ ।

***(ସିରତ୍ ଅମୀରୁଲ୍ ମୁମିନିନ..... ପୃ-୧୫...... ବେରୁତ ୨୦୦୬)***

ଇବ୍‌ନେ ଇସ୍‌ହାକ୍‌ଙ୍କ ଅନୁସାରେ ନବୀ କରିମ୍ ସ:ଆ:ସ ନିଜର ସୁପୁତ୍ରୀ ହଜ୍‌ରତ୍ ରୁକୈୟାଙ୍କ ବିବାହ ହଜ୍‌ରତ୍ ଉସ୍‌ମାନ ର:ଅଙ୍କ ସହିତ କରିଥିଲେ । ଅତଏବ ହଜ୍‌ରତ୍ ରୁକୈୟା ର:ଅ ବଦର ଯୁଦ୍ଧ ଦିନରେ ହିଁ ମୃତ୍ୟୁବରଣ କରିଥିଲେ । ଏତଦ୍ ପରେ ନବୀ କରିମ୍ ସ:ଆ:ସ ନିଜର ଦ୍ୱିତୀୟ ସୁପୁତ୍ରୀ ହଜ୍‌ରତ୍ ଉମ୍ମେ କୁଲ୍‌ସୁମ୍ ର:ଅଙ୍କ ସହିତ ହଜ୍‌ରତ୍ ଉସ୍‌ମାନ ର:ଅଙ୍କର ବିବାହ କରିଦେଇଥିଲେ ଯଦ୍ୱାରା ହଜ୍‌ରତ୍ ଉସ୍‌ମାନ ର:ଅଙ୍କୁ ଜୁନ୍‌ନୁରୈନ୍ ବୋଲି ଆଖ୍ୟା ଦିଆଗଲା । ***(ଅଲ୍‌ଅସାବାଃ....... ଖଣ୍ଡ-୪, ପୃ-୩୭୭.......... ବେରୁତ ୨୦୦୫)***

ଏହା ମଧ୍ୟ ବର୍ଣ୍ଣନା ମିଳେ ଯେ, ଆପଣଙ୍କୁ ଜୁନ୍‌ନୁରୈନ୍ ଏଥିପାଇଁ କୁହାଯାଉଥିଲା କି ଆପଣ ପ୍ରତ୍ୟେକ ରାତ୍ରିରେ ତହ୍‌ଯୁଦ୍ ନମାଜ ପାଇଁ ଉଠି ଅତ୍ୟଧିକ ପବିତ୍ର କୁର୍‌ଆନ୍‌ର ପଂକ୍ତି ପାଠ କରୁଥିଲେ । ଯେହେତୁ ପବିତ୍ର ଧର୍ମଗ୍ରନ୍ଥ ନୂର ଅଟେ ଅର୍ଥାତ ପ୍ରକାଶ ଅଟେ ଏବଂ ରାତିରେ ଜାଗ୍ରତ ରହିବା ମଧ୍ୟ ନୂର୍‌କୁ ବୁଝାଇଥାଏ ତେଣୁକରି ଆପଣଙ୍କର ଏଭଳି ନାମକରଣ ହୋଇଯାଇଥିଲା । ଅର୍ଥାତ ଦୁଇଗୋଟି ପ୍ରକାଶମୟ ।

***(ସିରତ୍ ଅମୀରୁଲ୍ ମୁମିନିନ..... ପୃ-୧୬...... ବେରୁତ ୨୦୦୬)***

ଏହା ମଧ୍ୟ ବର୍ଣ୍ଣନା ମିଳୁଅଛି ଯେ, ହଜ୍‌ରତ୍ ଉସ୍‌ମାନ ର:ଅ ଆମୁଲ୍ ଫିଲ୍‌ର ଛଅ ବର୍ଷ ପରେ ମକ୍କାରେ ଜନ୍ମଗ୍ରହଣ କରିଥିଲେ । ହଜ୍‌ରତ୍ ଉସ୍‌ମାନ ର:ଅ ହଜୁର ସ:ଆ:ସଙ୍କଠାରୁ ପ୍ରାୟ ପାଂଚବର୍ଷ ସାନ ଥିଲେ । ***(ସିରତ୍ ଅମୀରୁଲ୍ ମୁମିନିନ..... ପୃ-୧୬...... ବେରୁତ ୨୦୦୬)***

ହଜ୍‌ରତ୍ ଉସ୍‌ମାନ ର:ଅଙ୍କ ଇସ୍‌ଲାମ୍ ଧର୍ମ ଗ୍ରହଣ ସମ୍ପର୍କରେ ଗୋଟିଏ ବର୍ଣ୍ଣନା ମିଳେ ଯେ, ଏକଦା ହଜ୍‌ରତ୍ ଉସ୍‌ମାନ ବିନ୍ ଅଫାନ୍ ର:ଅ ଓ ହଜ୍‌ରତ୍ ତଲ୍‌ହା ବିନ୍ ଉବୈଦୁଲ୍ଲାଃ ଦୁହେଁ ରସୁଲେ କରିମ୍ ସ:ଆ:ସଙ୍କ ସେବାରେ ଉପସ୍ଥିତ ହେଲେ । ହଜୁର ସ:ଆ:ସ ଏହି ଦୁହିଁଙ୍କ ସମ୍ମୁଖରେ ଇସ୍‌ଲାମ୍‌ର ବାର୍ତା ରଖିଥିଲେ । ସେମାନଙ୍କୁ କୁର୍‌ଆନ୍ କରିମ୍‌ର ପଂକ୍ତି ପାଠ କରି ଶୁଣାଇଥିଲେ ଏବଂ ସେମାନଙ୍କୁ ଇସ୍‌ଲାମ୍‌ର ଅଧିକାର ପ୍ରତି ସଚେତନ କରାଇଥିଲେ । ସେମାନଙ୍କୁ ଅଲ୍ଲାଃ ତାଲାଙ୍କ ନିକଟରୁ ପ୍ରାପ୍ତ ହେବାକୁ ଥିବା ସମ୍ମାନ, ମର୍ଯ୍ୟାଦା ଓ ପୁରସ୍କାରର ପ୍ରତିଶୃତି ଦେଇଥିଲେ । ଅର୍ଥାତ ଅଲ୍ଲାଃଙ୍କ ନିକଟରୁ ତୁମକୁ ତାଙ୍କର ଆଜ୍ଞାବହ ହେବା ପରିଣାମରେ ତୁମକୁ ଏ ସମ୍ମାନ ଓ ମର୍ଯ୍ୟାଦା ଆଦି ମିଳିବ । ପରିଣାମ ସ୍ୱରୁପ ହଜ୍‌ରତ୍ ଉସ୍‌ମାନ ର:ଅ ଓ ହଜ୍‌ରତ୍ ତଲ୍‌ହା ର:ଅ ଇସ୍‌ଲାମ୍ ଧର୍ମରେ ଦୀକ୍ଷିତ ହୋଇଗଲେ ଏବଂ ହଜୁର ସ:ଆ:ସଙ୍କର ନବୀ ହେବାର ପୃଷ୍ଟି କରିଥିଲେ । ପୁନଶ୍ଚ ହଜ୍‌ରତ୍ ଉସ୍‌ମାନ ର:ଅ କହିଲେ: ହେ ଅଲ୍ଲାଃଙ୍କ ରସୁଲ୍ ! ମୁଁ ଏହି

ନିକଟରେ ସିରିୟା ଦେଶରୁ ଫେରିଅଛି ଯେତେବେଳେ ଆମେ ମାଆନ୍ ଓ ଜର୍କା ସ୍ଥାନରେ ଅବସ୍ଥାନ କଲୁ । ମାଆନ୍ ହେଉଛି ଉର୍ଦ୍ଦୁନ୍‌ର ଦକ୍ଷିଣପାର୍ଶ୍ୱରେ ହିଜାଜ୍‌ର ସୀମା ନିକଟରେ ଏକ ସହରର ନାମ ଓ ଜର୍କାଆ ମାଆନ୍ ସହିତ ମିଶି ରହିଛି । ସେ ଯାହା ହେଉ ସେ କୁହନ୍ତି ଆମେ ସେଠାରେ ଅଟକି ବିଶ୍ରାମ କରୁଥିଲୁ ଯେ ଜଣେ ଘୋଷଣାକାରୀ ଘୋଷଣା କଲା ଯେ ଲୋକମାନେ ଜାଗି ଉଠ ଏବଂ ଶୁଣିନିଅ ଯେ ଅହେମଦ୍ ମକ୍କାରେ ଅବିର୍ଭାବ ହୋଇସାରିଛି । ପୁନଶ୍ଚ ଯେତେବେଳେ ଆମେ ଆସି ଏଠାରେ ପହଂଚିଲୁ ସେତେବେଳେ ଆପଣଙ୍କ ନୂତନ ଧର୍ମ ବିଷୟରେ ଶୁଣିବାକୁ ପାଇଲୁ । ହଜ୍‌ରତ୍ ଉସ୍‌ମାନ ର:ଅ ହଜୁର ସ:ଆ:ସଙ୍କ ଦାରେ ଅର୍‌କମ୍‌ଠାରେ ପ୍ରବେଶ କରିବା ପୂର୍ବରୁ ଅର୍ଥାତ ପୁରୁଣା ମୁସଲମାନମାନଙ୍କ ମଧ୍ୟରୁ ଜଣେ ଥିଲେ ।

*(ତବକାତୁଲ୍ କୁବ୍‌ରା...... ଖଣ୍ଡ-୩, ପୃ-୩୧....... ବେରୁତ ୧୯୯୬)*

*(ମୁଅଜମୁଲ୍ ବୁଲ୍‌ଦାନ.....ପୃ-୩୨୦)*

ଇସ୍‌ଲାମ୍ ଧର୍ମ ଗ୍ରହଣ କରିବା ଯୋଗୁଁ ହଜ୍‌ରତ୍ ଉସ୍‌ମାନ ର:ଅଙ୍କ ଉପରେ ମଧ୍ୟ ଅତ୍ୟାଚାର ଓ ଶୋଷଣ ବଜାୟ ରହିଥିଲା । ମୁସା ବିନ୍ ମୁହମ୍ମଦ ନିଜ ପିତାଙ୍କଠାରୁ ବର୍ଣ୍ଣନା କରନ୍ତି ଯେ ହଜ୍‌ରତ୍ ଉସ୍‌ମାନ ର:ଅ ଯେତେବେଳେ ଇସ୍‌ଲାମ୍ ଧର୍ମ ଗ୍ରହଣ କଲେ ସେତେବେଳେ ତାଙ୍କର ଚଚା ହକମ୍ ବିନ୍ ଅବୁଲ୍ ଆସ୍ ବିନ୍ ଉମୈୟା ତାଙ୍କୁ ଧରି ଦଉଡ଼ିରେ ବାନ୍ଧିଦେଲେ ଏବଂ କହିଲେ କଣ ତୁମେମାନେ ନିଜର ପୂର୍ବଜଙ୍କ ଧର୍ମ ଛାଡ଼ି ନୂତନ ଧର୍ମ ଗ୍ରହଣ କରିବାକୁ ଚାହୁଁଛ ? ମୁଁ ଈଶ୍ୱରଙ୍କ ଶପଥ କରି କହୁଛି ମୁଁ ତୁମକୁ ଆଦୌ ମୁକ୍ତ କରିବିନାହିଁ । ଯେ ପର୍ଯ୍ୟନ୍ତ କି ତୁମେ ନିଜର ନୂତନ ଧର୍ମକୁ ପରିହାର ନ କରିଦେଇଛ । ପ୍ରତିଉତରରେ ହଜ୍‌ରତ୍ ଉସ୍‌ମାନ ର:ଅ କହିଲେ ମୁଁ ଈଶ୍ୱରଙ୍କ ଶପଥ କରି କହୁଛି ଯେ ମୁଁ କଦାପି ଏପରି କରିବି ନାହିଁ ଅର୍ଥାତ ଏହି ନୂତନ ଧର୍ମରୁ ପୃଥକତା ଅବଲମ୍ବନ କରିବିନାହିଁ । ଅତଏବ ହକମ୍ ଯେତେବେଳେ ହଜ୍‌ରତ୍ ଉସ୍‌ମାନ ର:ଅଙ୍କର ଧର୍ମରେ ଅବିଚଳତାର ଏହି ଅବସ୍ଥାକୁ ଅବଲୋକନ କଲେ ସେତେବେଳେ ବାଧ୍ୟ ହୋଇ ସେ ହଜ୍‌ରତ୍ ଉସ୍‌ମାନ ର:ଅଙ୍କୁ ମୁକ୍ତ କରିଦେଇଥିଲେ । ଯେଉଁ ଦଉଡ଼ିରେ ସେ ତାଙ୍କୁ ବାନ୍ଧି ରଖିଥିଲେ ତାହା ଖୋଲି ଦେଇଥିଲେ ।

*(ତବକାତୁଲ୍ କୁବ୍‌ରା.........ଖଣ୍ଡ-୩, ପୃ-୩୧....... ବେରୁତ ୧୯୯୬)*

ହଜ୍‌ରତ୍ ରୁକେୟାଙ୍କ ସହିତ ଯେତେବେଳେ ଆପଣଙ୍କ ବିବାହ ସମ୍ପନ୍ନ ହେଲା ସେହି ପରିପ୍ରେକ୍ଷୀରେ ଉଲ୍ଲେଖ ରହିଛି ଯେ, ହଜ୍‌ରତ୍ ମୁହମ୍ମଦ ମୁସ୍ତଫା ସ:ଆ:ସଙ୍କ ଅବତାରତ୍ୱ ହେବା ପୂର୍ବରୁ ହଜ୍‌ରତ୍ ରୁକେୟାଙ୍କ ବିବାହ ଅବୁ ଲେହବ୍‌ର ପୁତ୍ର ଉତ୍‌ବା ସହିତ ଓ ହଜ୍‌ରତ୍ ଉମ୍ମେ କୁଲ୍‌ସୁମ୍‌ଙ୍କର ବିବାହ ଉମୈୟାର ଆଉ ଏକ ପୁତ୍ର ଅର୍ଥାତ ଉତ୍‌ବାଙ୍କର ଭାଇ ଅତିବା ସହିତ ହୋଇଯାଇଥିଲା କିନ୍ତୁ ଯେତେବେଳେ ସୁରେଃ ଲେହବ ଅବତୀର୍ଣ୍ଣ ହେଲା ସେତେବେଳେ ଅବୁ ଲହବ୍ ନିଜ ପୁତ୍ର ଦ୍ୱୟଙ୍କୁ କହିଲା ଯେ ପର୍ଯ୍ୟନ୍ତ ତୁମେ ନିଜ ନିଜ ପତ୍ନୀ ଅର୍ଥାତ ମୁହମ୍ମଦ ସ:ଆ:ସଙ୍କ କନ୍ୟାମାନଙ୍କୁ ନ ଛାଡ଼ି ଦେଇଛ ଅର୍ଥାତ ସେମାନଙ୍କଠାରୁ ଅଲଗା ନ ହୋଇଛ ସେ ପର୍ଯ୍ୟନ୍ତ ତୁମର ମୋ ସହିତ କୌଣସି ସର୍ମ୍ପକ ରହିବନାହିଁ । ଏହି ସମ୍ପର୍କକୁ ଭାଙ୍ଗିଦିଅ । ଅତଏବ ସେହି ଦୁଇଭାଇ ଏହି ଦୁଇ ଭଉଣୀଙ୍କୁ ଅର୍ଥାତ ହଜ୍‌ରତ୍ ରୁକେୟା ଓ ହଜ୍‌ରତ୍ ଉମ୍ମେ କୁଲ୍‌ସୁମ୍‌ଙ୍କୁ ତଲାକ୍ ଦେଇ ଦେଇଥିଲେ । ଏଥିଅନ୍ତେ ହଜୁର ସ:ଆ:ସଙ୍କ ସୁପୁତ୍ରୀ ହଜ୍‌ରତ୍ ରୁକେୟାଙ୍କର ବିବାହ ହଜ୍‌ରତ୍ ଉସ୍‌ମାନ ର:ଅଙ୍କ ସହିତ ମକ୍କାରେ ହିଁ ହୋଇଯାଇଥିଲା । ହଜ୍‌ରତ୍ ଉସ୍‌ମାନ ର:ଅ ତାଙ୍କ ସହିତ ହବ୍‌ଶା ଆଡ଼କୁ ହିଜ୍‌ରତ୍ କରିଥିଲେ । ହଜ୍‌ରତ୍ ରୁକେୟା ଓ ହଜ୍‌ରତ୍ ଉସ୍‌ମାନ ର:ଅ ଦୁହେଁ ହିଁ ସୌନ୍ଦର୍ଯ୍ୟର ନିଜ ନିଜ ପରିଧିରେ ଅନୁପମ ଥିଲେ । ସୁତରାଂ କୁହାଯାଏ **ଅହ୍‌ସନା ଯୌଜଇନି ରାଆହୁମା ଇନ୍‌ସାନୁନ୍ ରୁକୟତୁ ଓ୍ୱ ଯୌଜୁହା ଉସ୍‌ମାନ** ଅର୍ଥାତ:- ସବୁଠୁ ସୁନ୍ଦର ବିବାହିତ ଯୋଡ଼ି ଯଦି କୌଣସି ବ୍ୟକ୍ତି ଦେଖିଥିବେ ସେହି ଯୋଡ଼ି ହେଉଛନ୍ତି ହଜ୍‌ରତ୍ ଉସ୍‌ମାନ ର:ଅ ଓ ହଜ୍‌ରତ୍ ରୁକେୟାଙ୍କର ।

*(ଶରହ ଅଲ୍ଲାମା ଜର୍‌କାନୀ ଖଣ୍ଡ-୪, ପୃ-୩୨୨,୩୨୩...... ବେରୁତ ୧୯୯୬)*

ଅବ୍‌ଦୁର୍ ରହ୍‌ମାନ୍ ବିନ୍ ଉସ୍‌ମାନ କୁର୍‌ଶି ର:ଅ ବର୍ଣ୍ଣନା କରନ୍ତି: ଯେ ରସୁଲେ କରିମ୍ ସ:ଆ:ସ ଏକଦା ନିଜର ସୁପୁତ୍ରୀଙ୍କ ଘରକୁ ଆସିଲେ ଯେତେବେଳେ କି ସେ ହଜ୍‌ରତ୍ ଉସ୍‌ମାନ ର:ଅଙ୍କ ମୁଣ୍ଡ ଧୋଉଥିଲେ । ଅତଏବ ଏହା ଦେଖି ହଜୁର ସ:ଆ:ସ କହିଲେ ହେ ପୁତ୍ରୀ ଅବୁ ଅବ୍‌ଦୁଲ୍ଲାଃଙ୍କ ସହିତ ଉତମ ବ୍ୟବହାର ପ୍ରଦର୍ଶନ କରୁଥାଅ । ନିଃସନ୍ଦେହରେ ସେ ମୋ ସାହାବାଙ୍କ ମଧ୍ୟରୁ ଚରିତ୍ର ଦୃଷ୍ଟିକୋଣରୁ ମୋ ସହିତ ସମସ୍ତଙ୍କଠାରୁ ଅଧିକା ସାଦୃଶ୍ୟତା ରଖିଛନ୍ତି ।

*(ଅଲ୍‌ମୁଅଜମୁଲ୍ କବୀର..... ଖଣ୍ଡ-୧, ପୃ-୭୬ ହଦିସ୍-୯୮..... ବେରୁତ ୨୦୦୨)*

ରସୁଲେ କରିମ୍ ସ:ଆ:ସ ଯେଉଁ ପରୀକ୍ଷାର ସମ୍ମୁଖୀନ ହେଉଥିଲେ ଆପଣଙ୍କ ସାହାବାମାନେ ମଧ୍ୟ ସମାନ ଅନ୍ୟାୟ ଓ ଅତ୍ୟାଚାରର ଶୀକାର ଥିଲେ । ତେଣୁ ହଜୁର ସ:ଆ:ସ ସେମାନଙ୍କୁ କହିଲେ, କି ଯଦି ତୁମେ ହବ୍‌ଶା ଅଭିମୁଖେ ବାହାରିଯାଅ ହିଜ୍‌ରତ୍ କର । ତେବେ ସେଠାରେ ଏଭଳି ଜଣେ ମହାପ୍ରତାପି ରାଜା ରାଜତ୍ୱ କରୁଛନ୍ତି ଯେ ସେ କାହା ଉପରେ ଅନ୍ୟାୟ ଅତ୍ୟାଚାର କରୁନାହାନ୍ତି ତାହା ସତ୍ୟତାର ଭୂମି ଅଟେ । ବସ୍ତୁତଃ ନିଜ ସାହାବାଙ୍କୁ ହବ୍‌ଶା ଆଡ଼କୁ ହିଜ୍‌ରତ୍ କରି ଚାଲିଯିବା ପାଇଁ ନିର୍ଦ୍ଦେଶ ଦେଲେ ଅତଏବ ଇସ୍‌ଲାମ୍ ଧର୍ମରେ ପ୍ରଥମ ହିଜ୍‌ରତ୍ ମଧ୍ୟରୁ ଏହା ଥିଲା ସର୍ବପ୍ରଥମ ହିଜ୍‌ରତ୍ ।

ହବ୍‌ଶା ଆଡ଼କୁ ହିଜ୍‌ରତ୍ କରିଥିବା ସାହାବାମାନଙ୍କ ମଧ୍ୟରେ ହଜ୍‌ରତ୍ ଉସ୍‌ମାନ ର:ଅ ନିଜ ପତ୍ନୀ ହଜ୍‌ରତ୍ ରୁକେୟା ବିନ୍‌ତେ ରସୁଲୁଲ୍ଲାଃ ସ:ଆ:ସଙ୍କ ସହିତ ସାମିଲ ଥିଲେ ।

*(ସିରତୁନ୍ ନବୱିୟା ଲି ଇବ୍‌ନେ ହୁଶାମ୍, ପୃ-୨୩୭-୨୩୮...... ବେରୁତ ୨୦୦୧)*

ହଜ୍‌ରତ୍ ଅନସ୍ ର:ଅ ବର୍ଣ୍ଣନା କରନ୍ତି: ହଜ୍‌ରତ୍ ଉସ୍‌ମାନ ର:ଅ ହବ୍‌ଶା ଆଡ଼କୁ ହିଜ୍‌ରତ୍ କରିବା ଉଦ୍ଦେଶ୍ୟରେ ବାହାରିଲେ ସେତେବେଳେ ତାଙ୍କ ସାଥିରେ ରୁକେୟା ମଧ୍ୟ ଥିଲେ । ଏକଥା ହଜୁର ସ:ଆ:ସଙ୍କ ନିକଟରେ ପହଂଚିବାରେ ବିଳମ୍ବ ଘଟିଥିଲା ଅତଏବ ହଜୁର ସ:ଆ:ସ ତାଙ୍କ ପ୍ରସଙ୍ଗରେ ଖବର ନେବାପାଇଁ ବାହାରକୁ ବାହାରିଲେ ଇତି ମଧ୍ୟରେ ଜଣେ ମହିଳା ଆସି ତାଙ୍କ ସମକ୍ଷରେ ସୁଚନା ଦେଲେ ସେଥିରେ ହଜୁର ସ:ଆ:ସ କହିଲେ ହଜ୍‌ରତ୍ ଲୁତ୍ ଆ:ସଙ୍କ ପରେ ହଜ୍‌ରତ୍ ଉସ୍‌ମାନ ହେଉଛନ୍ତି ପ୍ରଥମ ବ୍ୟକ୍ତି ଯିଏ ନିଜ ପତ୍ନୀଙ୍କ ସାଥିରେ ପ୍ରଭୁଙ୍କ ମାର୍ଗରେ ହିଜ୍‌ରତ୍ କରିଛନ୍ତି ।

*(ମଜ୍‌ମୁଅଜ୍ ଜୱାଇଦ୍..... ଖଣ୍ଡ-୯, ପୃ-୫୮ କିତାବୁଲ୍ ମନାକିବ୍..... ହଦିସ୍-୧୪୪୯୮..... ବେରୁତ ୨୦୦୧)*

ହଜ୍‌ରତ୍ ସାଆଦ୍ ବର୍ଣ୍ଣନା କରନ୍ତି କି ହଜ୍‌ରତ୍ ଉସ୍‌ମାନ ର:ଅ ଯେତେବେଳେ ହବ୍‌ଶା ଆଡ଼କୁ ହିଜ୍‌ରତ୍ କଲେ ସେତେବେଳେ ରସୁଲେ କରିମ୍ ସ:ଆ:ସ ସେମାନଙ୍କୁ କହିଲେ କି ରୁକେୟାଙ୍କୁ ମଧ୍ୟ ନିଜ ସାଥିରେ ନେଇଯାଅ ମୋ ବିଚାରରେ ତୁମେ ଦୁହେଁ ପରସ୍ପରକୁ ପ୍ରୋତ୍ସାହିତ କରିବ । (ପୁଣି ରସୁଲୁଲ୍ଲାଃ ସ:ଆ:ସ ହଜ୍‌ରତ୍ ଅସ୍‌ମାଅ ବିନ୍‌ତେ ଅବୁବକରଙ୍କୁ କହିଲେ ଯେ ଯାଇ ଏହି ଦୁଇଜଣଙ୍କ ଖବର ଘେନି ଆଣ ଯେ ସେମାନେ ଚାଲିଗଲେଣି କି ନାହିଁ ? କେଉଁଠାରେ ପହଂଚିଲେଣି ? ସେମାନଙ୍କର ଅବସ୍ଥା ବାହାରେ କିପରି ଅଛି ? ହଜ୍‌ରତ୍ ଅସ୍‌ମାଆ ଯେବେ ଲେଉଟିଲେ ସେତେବେଳେ ହଜ୍‌ରତ୍ ଅବୁବକର ର:ଅ ରସୁଲୁଲ୍ଲାଃ ସ:ଆ:ସଙ୍କ ନିକଟରେ ଉପସ୍ଥିତ ଥିଲେ । ସେ କହିଲେ ଯେ ହଜ୍‌ରତ୍ ଉସ୍‌ମାନ ର:ଅ ଗୋଟିଏ ଖଚର୍ (ଗଧ) ଉପରେ ପାଲିଙ୍କି ଲଗାଇ ହଜ୍‌ରତ୍ ରୁକେୟାଙ୍କୁ ସେଥିରେ ବସାଇ ସମୁଦ୍ରତଟ ଆଡ଼କୁ ବାହାରିଯାଇଛନ୍ତି । ଏହା ଶୁଣି ରସୁଲେ କରିମ୍ ସ:ଆ:ସ କହିଲେ ହେ ଅବୁବକର ! ହଜ୍‌ରତ୍ ଲୁତ୍ ଓ ହଜ୍‌ରତ୍ ଇବ୍ରାହିମ୍ ଆ:ସଙ୍କ ପରେ ଏହି ଦୁହେଁ ଅର୍ଥାତ ଉସ୍‌ମାନ୍ ଓ ରୁକେୟା ହିଜ୍‌ରତ୍‌କାରୀଙ୍କ ମଧ୍ୟରେ ସର୍ବପ୍ରଥମ ହିଜ୍‌ରତ୍‌କାରୀ ।

*(ମୁସ୍‌ତଦ୍‌ରକ..... ଖଣ୍ଡ-୪, ପୃ-୪୧୪... ହଦିସ୍-୬୯୯୯.... ବେରୁତ ୨୦୦୨)*

ହବ୍‌ଶାରୁ ସେମାନଙ୍କ ପ୍ରତ୍ୟାବର୍ତନର ଘଟଣା ମଧ୍ୟ ବର୍ଣ୍ଣିତ ହୋଇଛି । ଯେତେବେଳେ କେତେକ କୁରୈଶ୍‌ର ସାହାବାମାନେ ଇସ୍‌ଲାମ୍ ଧର୍ମରେ ଦିକ୍ଷୀତ ହେବାର ଭ୍ରାନ୍ତ ଖବର ପାଇ ନିଜର ଜନ୍ମଭୂମି ମକ୍କାକୁ ଫେରିଆସିଲେ ସେତେବେଳେ ହଜ୍‌ରତ୍ ଉସ୍‌ମାନ ର:ଅ ମଧ୍ୟ ମକ୍କାକୁ ଫେରି ଆସିଥିଲେ । ସେମାନେ ମକ୍କାକୁ ଫେରିବାପରେ ଜାଣିବାକୁ ପାଇଲେ ଯେ, ଏହି ଖବରଟି ବିଭ୍ରାନ୍ତକର ଖବର । ଅର୍ଥାତ ମିଥ୍ୟା ଅଟେ । ଏହି କାରଣରୁ କେତେକ ସାହାବାମାନେ ପୁନଶ୍ଚ ହବ୍‌ଶା ଆଡ଼କୁ ଫେରିଯାଇଥିଲେ କିନ୍ତୁ ହଜ୍‌ରତ୍ ଉସ୍‌ମାନ ର:ଅ ମକ୍କାରେ ହିଁ ରହିଯାଇଥିଲେ । ଏପରିକି ମଦିନା ହିଜ୍‌ରତ୍ କରିବାର ସାଧନ ସୃଷ୍ଟି ହୋଇଯାଇଥିଲା ।

*(ସିରତୁନ୍ ନବୱିୟା ..... ପୃ-୨୬୫-୨୬୬...... ବେରୁତ ୨୦୦୧)*

ହଜୁର ସ:ଆ:ସ ନିଜର ସମସ୍ତ ସାହାବାମାନଙ୍କୁ ମଦିନା ଆଡ଼କୁ ହିଜ୍‌ରତ୍ କରିବାପାଇଁ ଆଦେଶ ଦେଲେ ସେତେବେଳେ ହଜ୍‌ରତ୍ ଉସ୍‌ମାନ ର:ଅ ନିଜର ପରିବାରବର୍ଗଙ୍କ ସହିତ ମଦିନାକୁ ପ୍ରସ୍ଥାନ କରିଥିଲେ । ଇବ୍‌ନେ ଇସ୍‌ହାକ୍ କୁହନ୍ତି: ହଜୁର ସ:ଆ:ସଙ୍କର ଯେଉଁ ସାହାବାଗଣ ହବ୍‌ଶା ଅଭିମୁଖେ ହିଜ୍‌ରତ୍ କରିଥିଲେ ସେମାନଙ୍କୁ ଏ ଖବର ମିଳିଲା ଯେ ମକ୍କାବାସୀ ଇସ୍‌ଲାମ୍ ଧର୍ମ ଗ୍ରହଣ କରିନେଇଛନ୍ତି । ଏକଥା ଶୁଣି ସେମାନେ ମକ୍କା ଫେରି ଆସିଥିଲେ କିନ୍ତୁ ଯେତେବେଳେ ସେମାନେ ମକ୍କାର ନିକଟବର୍ତୀ ହେଲେ ସେତେବେଳେ ତାଙ୍କୁ ଖବର ମିଳିଲା ଯେ, ସେହି ସୁଚନାଟି ଭୁଲ୍ ଅଟେ । ଅତଏବ ସେମାନେ ଗୁପ୍ତ ଭାବରେ ମକ୍କାରେ ପ୍ରବେଶ କଲେ ଅବା କାହା ସୁରକ୍ଷା ନେଇ ମକ୍କାରେ ପ୍ରବେଶ କଲେ । ସେମାନଙ୍କ ମଧ୍ୟରୁ ଆଉ କେତେକ ସାହାବା ମଦିନା ଅଭିମୁଖେ ହିଜ୍‌ରତ୍ କରିଥିଲେ । ସେମାନେ ସଭିଏଁ ବଦର ଓ ଓ୍ୱହଦ୍ ଯୁଦ୍ଧରେ ହଜୁର ସ:ଆ:ସଙ୍କ ସାଥିରେ ସାମିଲ ଥିଲେ । ଆଉ କିଛି ଏପରି ଥିଲେ ଯାହାଙ୍କୁ ଅମାନ୍ୟକାରୀମାନେ ମକ୍କାରେ ଅଟକାଇ ଦେଇଥିଲେ । ସେମାନେ ବଦର୍ ଯୁଦ୍ଧରେ ସାମିଲ ହୋଇପାରିନଥିଲେ । ହବ୍‌ଶା ରୁ ଆସି ମଦିନା ହିଜ୍‌ରତ୍‌କାରୀଙ୍କ ମଧ୍ୟରେ ହଜ୍‌ରତ୍ ଉସ୍‌ମାନ ର:ଅ ଓ ତାଙ୍କର ପତ୍ନୀ ହଜ୍‌ରତ୍ ରୁକେୟା ମଧ୍ୟ ସାମିଲ ଥିଲେ । ସେ ହବ୍‌ଶାରେ କିଛି ବର୍ଷ ଅବସ୍ଥାନ କରିଥିଲେ ।

ଗୋଟିଏ ବର୍ଣ୍ଣନାରେ ଉଲ୍ଲେଖ ରହିଛି କି ହଜ୍‌ରତ୍ ଉସ୍‌ମାନ ର:ଅ ପୂର୍ବବାର ହବ୍‌ଶା ଅଭିମୁଖେ ହିଜ୍‌ରତ୍ କରିଥିଲେ କିନ୍ତୁ ଅଧିକାଂଶ ଜୀବନୀର ପୁସ୍ତକରେ ତାଙ୍କ ହବ୍‌ଶା ଅଭିମୁଖେ ଦ୍ୱିତୀୟ ହିଜ୍‌ରତ୍‌ର ଚର୍ଚ୍ଚା ମିଳୁନାହିଁ । ଏମିତି ବି ହବ୍‌ଶା ଅଭିମୁଖେ ଦ୍ୱିତୀୟ ହିଜ୍‌ରତ୍‌ର ବ୍ୟାଖ୍ୟା ଜୀବନୀର ପୁସ୍ତକମାନଙ୍କରେ ବର୍ଣ୍ଣନା ରହିଛି ତାହାକୁ ବିଶିଷ୍ଟ ଜୀବନୀ ଲେଖାଳିମାନେ ଠିକ୍ ଠିକ୍ ସେହିପରି ସ୍ୱୀକାର କରୁନାହାନ୍ତି ।

ହବ୍‌ଶା ହିଜ୍‌ରତ୍ କରିବା ପ୍ରସଙ୍ଗରେ ହଜ୍‌ରତ୍ ମିର୍ଜା ବଶିର ଅହେମଦ୍ ଏମ୍.ଏ ନିଜର ଯେଉଁ ଅନୁସନ୍ଧାନ ଓ ଗବେଷଣା କରିଥିଲେ ତାହା ଉଲ୍ଲେଖ କରିଛନ୍ତି ଯାହାର କିଛି ଅଂଶ ସାହାବାଙ୍କ ଜୀବନୀ ଚର୍ଚ୍ଚାରେ ଆଲୋଚନା ହୋଇସାରିଛି କିନ୍ତୁ ଏଠାରେ ମଧ୍ୟ ମୁଁ ପୁନର୍ବାର ତାହା ଆଲୋଚନା କରିଦେଉଛି କାରଣ ଏହା ଜରୁରୀ ଅଟେ । ହଜ୍‌ରତ୍ ମିର୍ଜା ବଶିର ଅହେମଦ୍ ଏମ୍.ଏ କୁହନ୍ତି ଯେତେବେଳେ ମୁସଲମାନମାନଙ୍କ ଉପରେ ଅନ୍ୟାୟ, ଅତ୍ୟାଚର ଓ ଶୋଷଣ ଇତ୍ୟାଦି ଜୁଲମ କରିବାରେ କୁରୈଶ୍ ସୀମାଲଂଘନ କଲେ ସେତେବେଳେ ହଜୁର ସ:ଆ:ସ ସେମାନଙ୍କୁ କହିଲେ, ଯେ ହବ୍‌ଶା ଅଭିମୁଖେ ହିଜ୍‌ରତ୍ କରିଯାଅ କାରଣ ସେଠାକାର ସମ୍ରାଟ ନ୍ୟାୟବନ୍ତ ଓ ପ୍ରଜାଙ୍କ ହିତାକାଂକ୍ଷି ତାଙ୍କ ରାଜ୍ୟରେ କାହା ଉପରେ ଅତ୍ୟାଚାର କରାଯାଏନାହିଁ । ହବ୍‌ଶା ଯାହାର ନୂତନ ନାମ ଅର୍ଥାତ ବର୍ତମାନ ଯାହାକୁ ଇଥୋପିୟା ଅବା ଅବୁ ସିନାନ୍ କୁହାଯାଏ ତାହା ଆଫ୍ରିକା ମହାଦେଶର ଉତରପୂର୍ବ ପାର୍ଶ୍ୱରେ ଅବସ୍ଥିତ ତାହାର ମଧ୍ୟ ଭାଗରେ ରେଡ୍ ସି ବ୍ୟତିତ ଅନ୍ୟ କୌଣସି ଦେଶ ନାହିଁ । ସେତେବେଳେ ହବ୍‌ଶାରେ ଇସାଇମାନଙ୍କ ସୁଦୃଢ଼ ଆଧିପତ୍ୟ ତଥା ରାଜୁତି ରହିଥିଲା ଏବଂ ତାହାର ରାଜା ନଜାସି ବୋଲାଉଥିଲା । ବର୍ତମାନ ସୁଦ୍ଧା ସେଠାକାର ଶାସନ ମୁଖ୍ୟଙ୍କୁ ଏହି ନାମରେ ସମ୍ବୋଧିତ କରାଯାଏ । ହବ୍‌ଶା ସହିତ ଆରବବାସୀଙ୍କର ବାଣିଜ୍ୟ

କାରବାର ରହିଥିଲା । ସେତେବେଳେ ହବ୍‌ଶାର କେନ୍ଦ୍ର ଅକ୍‌ସମ୍ ଥିଲା । ଯାହାକି ବର୍ତମାନ ଆଡ଼ୋୱା ନିକଟରେ ଅବସ୍ଥିତ । ବର୍ତମାନ ସୁଦ୍ଧା ତାହା ପବିତ୍ର ସହର ନାମରେ ଖ୍ୟାତ । ଅକ୍‌ସମ୍ ସେହି ଦିନରେ ଏକ ବିରାଟ ଶକ୍ତିଶାଳୀ ରାଜ୍ୟର ରାଜଧାନୀ ଥିଲା ସେତେବେଳେ ଯେଉଁ ନଜାସି ଅଧିପତୀ ଥିଲେ ତାଙ୍କର ନାମ ଅସ୍‌ହାମା ଥିଲା । ସେ ଜଣେ ନ୍ୟାୟବନ୍ତ, ନିରପେକ୍ଷ ଓ ସୁଦୃଢ଼ ସମ୍ରାଟ ଥିଲେ ଓ ଉତମ ପ୍ରଶାସକ ଥିଲେ । ଯେତେବେଳେ ମୁସଲମାନମାନଙ୍କ କଷ୍ଟ, ଅନ୍ୟାୟ ଓ ଅତ୍ୟାଚାର ଚରମସୀମାରେ ପହଂଚିଗଲା ସେତେବେଳେ ହଜୁର ସ:ଆ:ସ କହିଲେ, ଯେଉଁମାନେ ହବ୍‌ଶା ଅଭିମୁଖେ ହିଜ୍‌ରତ୍ କରିବାର ସାମର୍ଥ ରଖୁଛନ୍ତି ସେମାନେ ହିଜ୍‌ରତ୍ କରିଯାଆନ୍ତୁ । ଅତଏବ ଏହି ନିର୍ଦ୍ଦେଶର ପାଳନ କରି ରଜବ୍ ମାସ ପଂଚମ ନବୱିରେ ୧୧ ଜଣ ପୁରୁଷ ଓ ଚାରିଜଣ ମହିଳା ହବ୍‌ଶା ଅଭିମୁଖେ ହିଜ୍‌ରତ୍ କରିଗଲେ । ସେମାନଙ୍କ ମଧ୍ୟରେ ଯେଉଁ ବିଶିଷ୍ଟ ବ୍ୟକ୍ତିମାନେ ଥିଲେ ସେମାନେ ହେଉଛନ୍ତି:- ହଜ୍‌ରତ୍ ଉସ୍‌ମାନ ର:ଅ ଓ ତାଙ୍କ ପତ୍ନୀ ରୁକୈୟା ବିନ୍‌ତେ ମୁହମ୍ମଦ ସ:ଆ:ସ, ଅବ୍‌ଦୁର୍ ରହ୍‌ମାନ୍ ବିନ୍ ଅଓଫ୍, ଜୁବୈର୍ ବିନ୍ ଅୱାମ୍, ଅବୁ ହୁଜୈଫା ବିନ୍ ଉତ୍‌ବା, ଉସ୍‌ମାନ୍ ବିନ୍ ମଜ୍‌ଉନ୍, ମୁସ୍‌ଅବ୍ ବିନ୍ ଉମୈର୍, ଅବୁ ସଲ୍‌ମା ବିନ୍ ଅବ୍‌ଦୁଲ୍ଲ ଅସଦ୍ ଓ ତାଙ୍କ ପତ୍ନୀ ଉମେ ସଲ୍‌ମା ।

ହଜ୍‌ରତ୍ ମିର୍ଜା ବଶିର ଅହେମଦ୍ ଏମ୍.ଏ ଉଲ୍ଲେଖ କରିଛନ୍ତି ଯେ ବଡ଼ ଅଦ୍ଭୁତ କଥା ହେଉଛି ଏହା କି ପ୍ରାରମ୍ଭିକ ହିଜ୍‌ରତ୍‌କାରୀଙ୍କ ମଧ୍ୟରୁ ଅଧିକାଂଶ ଏପରି ବ୍ୟକ୍ତି ଥିଲେ ଯିଏ କୁରୈଶ୍‌ର ସମ୍ଭ୍ରାନ୍ତ ଓ ଶକ୍ତିଶାଳୀ ବର୍ଗ ସହ ସମ୍ପର୍କ ରଖୁଥିଲେ ଏବଂ ସେମାନଙ୍କ ମଧ୍ୟରେ ଦୁର୍ବଳ ଶ୍ରେଣୀର ଲୋକେ ଖୁବ୍ କମ୍ ଦୃଶ୍ୟମାନ ହେଉଛନ୍ତି । ଏଥିରୁ ଦୁଇଟି କଥା ଉପନୀତ ହେଉଛି ଯେ, ଏହି ଶକ୍ତିଶାଳୀ ଗୋଷ୍ଠୀ ସହ ସମ୍ପର୍କ ରଖୁଥିବା ବ୍ୟକ୍ତିମାନେ ମଧ୍ୟ କୁରୈଶ୍‌ର ଅତ୍ୟାଚାର ଓ ଉତ୍ପୀଡ଼ନରୁ ସୁରକ୍ଷିତ ନଥିଲେ । ଦ୍ୱିତୀୟତଃ ସେହି ଦୁର୍ବଳ ଶ୍ରେଣୀର ଲୋକମାନେ ଅର୍ଥାତ କ୍ରିତଦାସ ଇତ୍ୟାଦି ସେ ସମୟରେ ଯେ ଏଭଳି ଦୁର୍ବଳ ଓ ଶ୍ରୀହିନ ଅବସ୍ଥାରେ ଥିଲେ ଯେ ସେମାନେ ହିଜ୍‌ରତ୍ କରିବାର ମଧ୍ୟ ସାମର୍ଥ୍ୟ ରଖୁନଥିଲେ ।

ଯେତେବେଳେ ଏହି ହିଜ୍‌ରତ୍ କାରୀ ଯାତ୍ରା କରି ଶୁଏଇବା ନିକଟରେ ପହଂଚିଲେ ଶୁଏଇବା ଏକ ସ୍ଥାନର ନାମ ଯାହାକି ସେତେବେଳେ ଆରବର ଏକ ବନ୍ଦର ଥିଲା । ସେଠାରେ ଅଲ୍ଲାଃ ତାଲା ସେମାନଙ୍କ ଉପରେ ଏପରି କୃପା ଅବତୀର୍ଣ୍ଣ କଲେ କି ତାଙ୍କୁ ଏକ ବାଣିଜ୍ୟ କାରବାର କରୁଥିବା ପାଣି ଜାହାଜ ମିଳିଗଲା ଯାହାକି ହବ୍‌ଶା ଅଭିମୁଖେ ବାହାରୁଥିଲା । ସୁତରାଂ ସେ ସଭିଏଁ ଉକ୍ତ ଜାହାଜରେ ଆରୋହଣ କରିଗଲେ ଏବଂ ଜାହାଜଟି ନିଜର ଯାତ୍ରା ଆରମ୍ଭ କରିଦେଲା । ଯେତେବେଳେ କୁରୈଶ୍‌ବାସୀଙ୍କୁ ସେମାନଙ୍କ ପଳାୟନର ଖବର ମିଳିଲା ସେତେବେଳେ ସେମାନେ ଭୀଷଣ ଉତ୍ୟକ୍ତ ହୋଇ କହିଲେ, ହାଏ ! ଏହି ଶିକାର ଆମ ହାତରୁ ଖସିଗଲା । ତଥାପି ସେମାନେ ତାଙ୍କର ପଛ ଧରିଲେ କିନ୍ତୁ ଯେତେବେଳେ ସେମାନେ ବନ୍ଦରର ନିକଟରେ ପହଂଚିଲେ ସେତେବେଳକୁ ଜାହାଜଟି ଚାଲିଯାଇଥିଲା । ତେଣୁ ସେମାନେ ଶୂନ୍ୟ ହସ୍ତରେ ମକ୍କା ଫେରିବାପାଇଁ ବାଧ୍ୟ ହୋଇଥିଲେ । ହବ୍‌ଶାରେ ପହଂଚିବା ପରେ ମୁସଲମାନମାନଙ୍କୁ ଅତି ଶାନ୍ତିରେ ଜୀବନ ଯାପନ କରିବା ଲାଭ ହୋଇଥିଲା ଏବଂ ଅଲ୍ଲାଃ ଅଲ୍ଲାଃ କରି କୁରୈଶର ଅତ୍ୟାଚାରରୁ ସେମାନେ ନିସ୍ତାର ପାଇଯାଇଥିଲେ କିନ୍ତୁ ଯେପରି କି କେତେକ ଐତିହାସିକ ଏକଥା ଲେଖିଛନ୍ତି ଯେ ସେଠାରେ ସେମାନେ ଅଧିକ ସମୟ ଅତିବାହିତ କରିନଥିଲେ କି ଗୋଟିଏ ଉଡ଼ନ୍ତା ଖବର ମିଳିଲା ଯେ କୁରୈଶ୍ ଅର୍ଥାତ ମକ୍କାରେ ଥିବା କୁରୈଶ୍ ବଂଶର ଲୋକମାନେ ମୁସଲମାନ ହୋଇଯାଇଛନ୍ତି ଏବଂ ମକ୍କାରେ ବର୍ତମାନ ଶାନ୍ତି ଓ ସମୃଦ୍ଧିର ବାତାବରଣ ଖେଳିଯାଇଛି । ଏହାର ପରିଣାମ ସ୍ୱରୁପ ଅଧିକାଂଶ ହିଜ୍‌ରତ୍‌କାରୀ ବିନା ବୁଝିସୁଝି ମକ୍କା ଫେରି ଆସିଥିଲେ କିନ୍ତୁ ଯେତେବେଳେ ସେମାନେ ମକ୍କାର ନିକଟବର୍ତୀ ହେଲେ ସେତେବେଳେ ତାଙ୍କୁ ଖବର ମିଳିଲା କି ସେହି ସୂଚନାଟି ଭୁଲ୍ ଅଟେ । ଅତଏବ ସେମାନେ ଗୁପ୍ତ ଭାବରେ ମକ୍କାରେ ପ୍ରବେଶ କରି ଅବା କାହା ସୁରକ୍ଷା ନେଇ ମକ୍କାରେ ପ୍ରବେଶ କରିଥିଲେ । ଉକ୍ତ ଘଟଣାଟି ଶୱାଲ୍ ମାସ ପାଂଚ ନବୀର ଅଟେ । ତେବେ ପ୍ରକୃତ ପକ୍ଷେ ଏହି ବିଭ୍ରାନ୍ତକାରୀ ସୂଚନାଟିକୁ ପ୍ରବାଶକାରୀଙ୍କୁ ହବ୍‌ଶାରୁ ଫେରାଇ ଆଣିବା ଓ ସେମାନଙ୍କୁ ପୁନଃ ନିର୍ଯ୍ୟାତନା ଦେବା ଉଦ୍ଦେଶ୍ୟରେ କୁରୈଶବାସୀ ପ୍ରଚାରିତ କରିଥିଲେ । ବରଂ ଗଭୀର ଅନୁଧ୍ୟାନ କଲେ ଜଣା ଯାଏ ଯେ ଏହି ବିଭ୍ରାନ୍ତକାରୀ ସୂଚନା ଓ ମୁସଲମାନ ପ୍ରବାଶକାରୀଙ୍କର ମକ୍କା ଫେରିଆସିବା ଘଟଣାଟି ହିଁ ଭିତିହୀନ ଦୃଶ୍ୟମାନ ହେଉଛି କିନ୍ତୁ ଯଦି ତାହାକୁ ସଠିକ୍ ମଣାଯାଏ ତେବେ ଏହାର ମୂଳରେ ସେହି ଘଟଣା ପ୍ରଚ୍ଛନ୍ନ ରହିଛି ଯାହା କେତେକ ହଦିସ୍‌ରେ ଉଲ୍ଲେଖ ରହିଛି କି ଉସ୍‌ମାନ୍ ହବ୍‌ଶାରେ କିଛି ବର୍ଷ କାଳାତିପାତ କରିଥିଲେ ତେବେ ଉପରୋକ୍ତ ବର୍ଣ୍ଣନା ଭୂଲ ସାବ୍ୟସ୍ତ ହେଉଛି ଯଦି ତାହାକୁ ସଠିକ୍ ମଣାଯାଏ ତେବେ ଏହା ଭୂଲ ସାବ୍ୟସ୍ତ ହେବ କି ଉସ୍‌ମାନ ମାତ୍ର ତିନି ଚାରିମାସ ହିଁ ହବ୍‌ଶାରେ ରହି ସେଠାରୁ ଫେରିଆସିଥିଲେ । ସେ ଯାହା ହେଉ ହଜ୍‌ରତ୍ ମିର୍ଜା ବଶିର ଅହେମଦ୍ ଏମ୍.ଏ ଅନୁସନ୍ଧାନ କରି କହିଛନ୍ତି ଯେ, ସେହି କଥା ଭୂଲ ଅଟେ ଯଦି ତାହାକୁ ଠିକ୍ ମଣାଯାଏ ତେବେ କିଛି ହଦିସ୍ ଯେଉଁଥିରେ ବର୍ଣ୍ଣନା ରହିଛି ଯେଉଁଥିରେ ସହୀ ବୁଖାରୀ ମଧ୍ୟ ସାମିଲ ଅଛି ଓ ଯେଉଁଥିରେ ଉଲ୍ଲେଖ ରହିଛି ଯେ, ଏକଦା ହଜୁର ସ:ଆ:ସ କାବାର ପ୍ରାଙ୍ଗଣରେ ସୁରଃ ନଜମ୍ ପାଠ କଲେ ସେତେବେଳେ ସେଠାରେ କିଛି କୁରୈଶ୍‌ର ଧର୍ନାଢ଼୍ୟ ବ୍ୟକ୍ତି ସହିତ ମୁସଲମାନମାନେ ମଧ୍ୟ ଉପସ୍ଥିତ ଥିଲେ । ଉକ୍ତ ସୁରାଃ ପାଠ କରି ହଜୁର ସ:ଆ:ସ ସଜ୍‌ଦା ଅର୍ଥାତ ସାଷ୍ଟାଙ୍ଗ ପ୍ରଣିପାତ କଲେ ଏବଂ ଆପଣଙ୍କ ସାଥିରେ ଉପସ୍ଥିତ ମୁସଲମାନ ଓ ଅମାନ୍ୟକାରୀମାନେ ମଧ୍ୟ ସଜ୍‌ଦା କରିନେଲେ । ଯଦିଚ ଅମାନ୍ୟକାରୀଙ୍କ ସଜ୍‌ଦାଃ କରିବା ହଦିସ୍‌ରେ ଉଲ୍ଲେଖ ନାହିଁ କିନ୍ତୁ ଜଣାଯାଉଛି ଯେ ଯେତେବେଳେ ହଜୁର ସ:ଆ:ସ ଅତ୍ୟନ୍ତ ପ୍ରଭାବଶାଳୀ ସ୍ୱରରେ କୁର୍‌ଆନ୍‌ର ପଂକ୍ତି ପାଠ କଲେ ଏବଂ ସେହି ପଂକ୍ତି ମଧ୍ୟ ଏଭଳି ଥିଲା ଯେଉଁଥିରେ ପ୍ରଭୁଙ୍କ ଏକଶ୍ୱରବାଦ ଓ ତାଙ୍କ ପ୍ରକୃତି ପରାକାଷ୍ଠା ପରାକର୍ମୀତାର ସମୀଚିନ ନକ୍ସା ଟଣାଯାଇଥିଲା ଏବଂ ତାଙ୍କ ଅଶେଷ ଦୟାର ବର୍ଣ୍ଣନ ରହିଥିଲା । ପୁଣି ଏହା ଅତି ପ୍ରଭାବଶାଳୀ ଓ ପରମପ୍ରତାପି ଦୈବି ବାଣୀ ଦ୍ୱାରା କୁରୈଶ୍‌କୁ ଭୟଭୀତ କରାଯାଇଥିଲା କି ଯଦି ସେମାନେ ନିଜ ଧୃତତାରୁ ନିବୃତ ନ ହୁଅନ୍ତି ତେବେ ସେମାନଙ୍କ ପରିଣାମ ଯାହା ସେମାନଙ୍କ ପୂର୍ବବର୍ତୀ ସମ୍ପ୍ରଦାୟଙ୍କର ହୋଇଥିଲା ଯେ ପରମେଶ୍ୱରଙ୍କ ଅବତାରମାନଙ୍କର ଅସ୍ୱୀକାର କରିଥିଲେ, ପ୍ରତ୍ୟାଖ୍ୟାନ କରିଥିଲେ । ଶେଷରେ ସେହି ପଂକ୍ତିରେ ଆଦେଶ ଦିଆଯାଇଛି କି ଆସ ଅଲ୍ଲାଃଙ୍କ ନିକଟରେ ନତମସ୍ତକ ହୋଇଯାଅ ତେଣୁ ହଜୁର ସ:ଆ:ସ ଶେଷରେ ସଜ୍‌ଦା କରିଥିଲେ ଅର୍ଥାତ ଉକ୍ତ କୁର୍‌ଆନ୍ ପାଠ କରି, ପଂକ୍ତି ପାଠ କରି ସଜ୍‌ଦାଃ କରିଥିଲେ । ଯେଉଁଥିରେ ଆପଣମାନଙ୍କ ସାଥିରେ ମୁସଲମାନମାନେ ମଧ୍ୟ ସଜ୍‌ଦାଃ କରିଥିଲେ । ଏହି ଅଦ୍‌ଭୁତ୍ ବାଣୀ ଓ ଦୃଶ୍ୟର ଏଭଳି ପ୍ରଭାବ କୁରୈଶ୍‌ମାନଙ୍କ ଉପରେ ପଡ଼ିଥିଲା ଯେ ସେମାନେ ମଧ୍ୟ ମୁସଲମାନମାନଙ୍କ ସାଥିରେ ସାମିଲ ହୋଇ ସଜ୍‌ଦାଃ କରିନେଇଥିଲେ । ଏହା କୌଣସି ଆଶ୍ଚର୍ଯ୍ୟଜନକ ବିଷୟ ନୁହେଁ କାରଣ ଏପରି ପରିସ୍ଥିତିରେ ଅଧିକାଂଶ ସମୟରେ ମଣିଷର ହୃଦୟ ସେଥିପ୍ରତି ଢ଼ଳିଯାଇଥାଏ ଏବଂ ଆପଣାଛାଏଁ ଏପରି ହର୍‌କତ୍ ମଣିଷ କରିବସିଥାଏ । କେତେକ ସମୟରେ ଅତି କଠିନ ଅଜ୍ଞାତ ବିପତି ସମୟରେ ଜଣେ ନାସ୍ତିକବାଦୀ ମଧ୍ୟ ଅଲ୍ଲାଃ ଅଲ୍ଲାଃ କହିଉଠେ ଅବା ରାମ୍ ରାମ୍ କହିଦେଇଥାଏ । ମୁଁ ମଧ୍ୟ କେତେକ ନାସ୍ତିକବାଦୀଙ୍କୁ ପଚାରିଛି ଏବଂ ସେମାନେ ମଧ୍ୟ କହିଛନ୍ତି ଯେ ଏହା ଠିକ୍ କଥା ଯେ, ଯଦିଚ ଆମେ ପରମେଶ୍ୱରଙ୍କ ସତା ଉପରେ ବିଶ୍ୱାସ ରଖିନାହୁଁ କିନ୍ତୁ ଅତି ଉତ୍କଟ ପରିସ୍ଥିତିରେ ସ୍ୱତଃପ୍ରତଃ ଭାବରେ ଈଶ୍ୱରଙ୍କ ନାମ ତୁଣ୍ଡରୁ ବାହାରି ଯାଇଥାଏ । ଏବେ କୁରୈଶ୍ ତ ନାସ୍ତିକବାଦୀ ନଥିଲେ ବରଂ ସେମାନେ ଈଶ୍ୱରଙ୍କ ଅସ୍ତିତ୍ୱକୁ ସ୍ୱୀକାର କରୁଥିଲେ ସୁତରାଂ ଯେତେବେଳେ ଏଭଳି ପ୍ରଭାବଶାଳୀ ଐଶିବାଣୀ ସେମାନଙ୍କ କାନରେ ପଡ଼ିଲା ଏବଂ ମୁସଲମାନମାନେ ହଠାତ୍ ସଜ୍‌ଦାଃକୁ ଚାଲିଗଲେ ସେହି ଦୃଶ୍ୟ ସେମାନଙ୍କ ଉପରେ ଏଭଳି ଯାଦୁ କରିଦେଇଥିଲା ଯେ କୁରେଶ୍ ସ୍ୱତଃପ୍ରତଃ ଭାବରେ ସଜ୍‌ଦାଃ କରିନେଇଥିଲେ । କିନ୍ତୁ ଅଧିକାଂଶ ସମୟରେ ଏଭଳି ପ୍ରଭାବ ସିମୀତ ସମୟ ପାଇଁ ରହିଥାଏ ଅତଏବ ସେଠାରେ ମଧ୍ୟ ସେହିପରି ଘଟିଥିଲା ଏବଂ କୁରୈଶ୍ ସଜ୍‌ଦାଃରୁ ଉଠି ପୂର୍ବପରି ନିଜ ଆରାଧ୍ୟ ଦେବାମାନଙ୍କର ପୂଜା ଆରାଧନା କରିଥିଲେ । ଏପରି ନୁହେଁ କି ସେମାନେ ଏକେଶ୍ୱରବାଦୀ ପାଲଟି ଯାଇଥିଲେ ।

ସେ ଯାହା ହେଉ ଯଦି ହବ୍‌ଶା ହିଜ୍‌ରତ୍‌କାରୀଙ୍କ ମକ୍କା ଫେରିଆସିବା ଖବର ଠିକ୍ ଅଟେ ତେବେ ଏପରି ଜଣାଯାଉଛି ଯେ ଏହି ଘଟଣା ପରେ କୁରୈଶ୍, ଯେ କି ହିଜ୍‌ରତ୍‌କାରୀଙ୍କ ଫେରିଆସିବା ପାଇଁ ବ୍ୟଗ୍ର ଥିଲେ ସେମାନେ ଏହି କାର୍ଯ୍ୟକୁ ଆଳ କରି ସ୍ୱୟମ ଏହି ଭ୍ରମ ଖବରକୁ ପ୍ରସାର କରିଥିବେ ମକ୍କା କୁରୈଶ୍ ମୁସଲମାନ ହୋଇଯାଇଛନ୍ତି ଏବଂ ବର୍ତମାନ ମକ୍କାରେ ମୁସଲମାନମାନଙ୍କ ପାଇଁ ଶାନ୍ତିପୂର୍ଣ୍ଣ ବାତାବରଣ ରହିଛି । ଆଉ ଯେତେବେଳେ ଏହି ଖବର ହବ୍‌ଶାରେ ପହଂଚିଛି ସେତେବେଳେ ସେମାନେ ଆନନ୍ଦରେ ଅଧିର ହୋଇ ବିନା ବୁଝି ବିଚାରି ମକ୍କା ଫେରିଆସିଛନ୍ତି କିନ୍ତୁ ଯେତେବେଳେ ସେମାନେ ମକ୍କାର ନିକଟବର୍ତୀ ହେଲେ ସେତେବେଳେ ତାଙ୍କୁ ଖବର ମିଳିଲା ଯେ ସେହି ସୂଚନାଟି ଭୂଲ ଥିଲା । ଅତଏବ ସେମାନେ ଗୁପ୍ତ ଭାବରେ ମକ୍କାରେ ପ୍ରବେଶ କରିଲେ ଅବା କାହା ସୁରକ୍ଷା ନେଇ ମକ୍କାରେ ପ୍ରବେଶ କରିଥିଲେ ଏବଂ ଆଉ କିଛି ସେଠାରୁ ଫେରି ଯାଇଥିଲେ । ଅତଃ ଯଦି କୁରୈଶ୍‌ଙ୍କ ମୁସଲମାନ ହେବାରେ କୌଣସି ସତ୍ୟାସତ୍ୟ ଥିଲା ତେବେ ତାହା ମାତ୍ର ଏତିକି ଯେ ସୁରଃ ନଜମ୍‌ର ପାଠ କରିବା ଘଟଣା ଯାହା ମୁଁ ବର୍ତମାନ ବର୍ଣ୍ଣନା କରିଆସିଲି ।

ସେ ଯାହା ହେଉ ହବ୍‌ଶା ହିଜ୍‌ରତ୍‌କାରୀ ଯଦି ଫେରିଆସିଥିଲେ ତେବେ ସେମାନଙ୍କ ମଧ୍ୟରୁ ଅଧିକାଂଶ ପ୍ରତ୍ୟାବର୍ତନ କରିଯାଇଥିଲେ କାରଣ କୁରୈଶ୍‌ଙ୍କ ଅତ୍ୟାଚାର ଓ ଶୋଷଣ ଦିନକୁ ଦିନ ବଢ଼ି ଚାଲିଥିଲା ଏବଂ ହଜୁର ସ:ଆ:ସଙ୍କ ଆଦେଶ କ୍ରମେ ଅନ୍ୟ ମୁସଲମାନମାନେ ଗୁପ୍ତ ଭାବରେ ପ୍ରବାଶ କରିବାର ପ୍ରସ୍ତୁତି ଆରମ୍ଭ କରିଦେଇଥିଲେ ତଥା ସୁଯୋଗ ଦେଖି ଧିରେ ଧିରେ ମକ୍କାରୁ ବାହାରିଯାଉଥିଲେ ଏହି ପ୍ରକ୍ରିୟା ଏପରି ଜାରି ଥିଲା କି ଶେଷରେ ହବ୍‌ଶାରେ ମୁସଲମାନ ହିଜ୍‌ରତ୍‌କାରୀଙ୍କ ସଂଖ୍ୟା ୧ଶହ ଏକ ରେ ପହଂଚିଯାଇଥିଲା ଏବଂ ମକ୍କାରେ ଖୁବ୍ କମ୍ ମୁସଲମାନ ରହିଯାଇଥିଲେ ଏହି ହିଜ୍‌ରତ୍‌କୁ କେତେକ ଐତିହାସ୍‌ବିତ୍ ମାନେ ହବ୍‌ଶା ଅଭିମୁଖେ ଦ୍ୱିତୀୟ ହିଜ୍‌ରତ୍ ନାମରେ ନାମିତ କରିଛନ୍ତି ।

ପୁନଶ୍ଚ ହଜ୍‌ରତ୍ ମିର୍ଜା ବଶିର ଅହେମଦ୍ ଏମ୍.ଏ ନିଜର ଅଭିଜ୍ଞତା ବର୍ଣ୍ଣନା କରିଛନ୍ତି କି ଏହି ବିଭ୍ରାନ୍ତକର ଖବର ଓ ହିଜ୍‌ରତ୍‌କାରୀଙ୍କ ଫେରି ଆସିବା ଘଟଣାକୁ ଶଙ୍କାର ଘେରରେ ଛିଡ଼ା କରିଦେଇଛି ଏବଂ ତାହା ଏହିକି ଯେ, ହବ୍‌ଶା ଅଭିମୁଖେ ସର୍ବପ୍ରଥମେ ୫ ନବୱି ରଜବ୍ ମାସରେ ହିଜ୍‌ରତ୍ ହୋଇଥିଲା ଏବଂ ସୁରେଃ ନଜମ୍‌ର ସଜ୍‌ଦାଃ କରିବା ଘଟଣା ହେଉଛି ୫ ନବୱି ରମ୍‌ଜାନ ମାସ ।

ଇତିହାସ ପୃଷ୍ଠାରେ ଉଲ୍ଲେଖ ରହିଛି ଯେ ହବ୍‌ଶାର ହିଜ୍‌ରତ୍‌କାରୀ ସୱାଲ୍ ମାସରେ ଫେରି ଆସିଥିଲେ ତେବେ ହିଜ୍‌ରତ୍ କରିବା ଓ ଫେରି ଆସିବା ମଧ୍ୟରେ ମାତ୍ର ଦୁଇ ତିନି ମାସର ବ୍ୟବଧାନ ଥିଲା କିନ୍ତୁ ଯଦି ସଜ୍‌ଦାଃ ଘଟଣାର ତାରିଖକୁ ଗଣନା କରାଯାଏ ତେବେ ତାହା ମାତ୍ର ଗୋଟିଏ ମାସ ହେଉଛି ବର୍ତମାନ ସେହି ଯୁଗର ଅବସ୍ଥା ଦେଖିଲେ ଏହା ଅସମ୍ଭବ ମନେ ହେଉଛି କି ମକ୍କା ଆଉ ହବ୍‌ଶା ମଧ୍ୟରେ ଏହି ଅଳ୍ପ ସମୟ ଅନ୍ତରରେ ତିନିଥର ଯାତ୍ରା କରିବା ଅର୍ଥାତ ସର୍ବପ୍ରଥମେ ମୁସଲମାନମାନେ ହବ୍‌ଶା ଯିବା ତା'ପରେ କେହି ଜଣେ ମକାର କୁରୈଶ୍‌ମାନେ ମୁସଲମାନ ହେବା ଖବର ନେଇ ସେମାନଙ୍କୁ ସୁଚିତ କରିବା ଯଦ୍ୱାରା ସେମାନେ ସେଠାରୁ ମକ୍କାକୁ ଫେରିଆସିବା ତେବେ ଏତେ ସ୍ୱଳ୍ପ ସମୟ ମଧ୍ୟରେ ତିନୋଟି ଯାତ୍ରା କରିବା କଦାପି ସମ୍ଭବ ନୁହେଁ । କାରଣ ଏହି ଯାତ୍ରା ସମ୍ପନ୍ନ କରିବାପାଇଁ ଯେତେବେଳେ ମକ୍କାର ଦକ୍ଷିଣ

ଦିଗକୁ ଯିବାକୁ ପଡୁଥିଲା ସେଠାରୁ ନୌକା ସାହାଯ୍ୟରେ ଯିବାକୁ ପଡୁଥିଲା । ଯାହାକି ପ୍ରତ୍ୟେକ ସମୟରେ ଉପଲବ୍ଧ ନଥିଲା । ସମୁଦ୍ର ଯାତ୍ରା କରି ଆଫ୍ରିକାର ଉପକୂଳରେ ପହଂଚିବା ପୁଣି ସେଠାରୁ ହବ୍‌ଶାର ମହାନଗରୀକୁ ଯିବା, ଯାହାକି ସମୁଦ୍ରତଟରୁ ବହୁ ଦୂରରେ ଅବସ୍ଥିତ ଥିଲା, ସେଠାକୁ ପହଂଚିବାକୁ ପଡୁଥିଲା । ସେତେବେଳେ ଏପରି ଯାତ୍ରା କରିବାକୁ ପାଖାପାଖି ଦେଢ଼ ଦୁଇମାସରୁ କମ୍ ସମୟ ଲାଗୁନଥିଲା । ଫଳତଃ ଏହି ଦୃଷ୍ଟିକୋଣରୁ ଏତେ ସ୍ୱଳ୍ପ ସମୟ ମଧ୍ୟରେ ତିନିଥର ଯାତ୍ରା କରିବା ଅସମ୍ଭବ ମନେ ହେଉଛି ।

***(ସିରତ୍ ଖାତ୍‌ମୁନ୍ ନବିୟିନ୍........ ପୃ-୧୪୬-୧୫୨)***

ସେ ଯାହା ହେଉ ତାହାର ଯେ କୌଣସି କାରଣ ମଧ୍ୟ ଥାଉ । ଏତିକି ବୁଝା ପଡୁଛି ଯେ, କିଛି ଦିନ ପରେ ହଜ୍‌ରତ୍ ଉସ୍‌ମାନ ର:ଅ ହବ୍‌ଶାରୁ ପ୍ରତ୍ୟାବର୍ତନ କଲେ ଏବଂ ଆପଣ ମଦିନା ଅଭିମୁଖେ ହିଜ୍‌ରତ୍ କରିଥିଲେ । ମଦିନାରେ ଆପଣ ବନୁ ନଜାର୍ ଗୋଷ୍ଠୀର ହଜ୍‌ରତ୍ ହସାନ୍ ବିନ୍ ସାବିତ୍ ର:ଅଙ୍କ ଭାଇ ହଜ୍‌ରତ୍ ଅଓସ୍ ବିନ୍ ସାବିତ୍‌ଙ୍କ ଘରେ ଅବସ୍ଥାନ କରିଥିଲେ ।

ମୁସା ବିନ୍ ମୁହମ୍ମଦ ନିଜ ପିତାଙ୍କଠାରୁ ବର୍ଣ୍ଣନା କରନ୍ତି: ହଜ୍‌ରତ୍ ମୁହମ୍ମଦ ମୁସ୍ତଫା ସ:ଆ:ସ ହଜ୍‌ରତ୍ ଉସ୍‌ମାନ ର:ଅଙ୍କ ମୌତ୍ରିକ ସମ୍ପର୍କ ହଜ୍‌ରତ୍ ଅବ୍‌ଦୁର୍ ରହ୍‌ମାନ୍ ବିନ୍ ଅଓଫ୍‌ଙ୍କ ସହିତ କରିଥିଲେ ଆଉ ଏକ ବର୍ଣ୍ଣନା ଅନୁଯାୟୀ ହଜ୍‌ରତ୍ ଶଦାଦ୍ ବିନ୍ ଔସଙ୍କ ପିତା ହଜ୍‌ରତ୍ ଔସ୍ ବିନ୍ ସାବିତ୍‌ଙ୍କ ସହିତ ହଜ୍‌ରତ୍ ଉସ୍‌ମାନ ର:ଅଙ୍କ ମୈତ୍ରିକ ସମ୍ପର୍କ ସ୍ଥାପନ କରିଥିଲେ ଏବଂ ଏହି କଥନ ମଧ୍ୟ ରହିଛି ଯେ, ହଜ୍‌ରତ୍ ଅବୁ ଉବାଦାଃ ସାଆଦ୍ ବିନ୍ ଉସ୍‌ମାନ୍ ଜୁରକିଙ୍କ ସହିତ ତାଙ୍କର ମୁଆଖାତ ଅର୍ଥାତ ଭାତୃଭାବ ସ୍ଥାପନ କରିଥିଲେ ।

***(ତବକାତୁଲ୍ କୁବ୍‌ରା.........ଖଣ୍ଡ-୩, ପୃ-୩୧............ ବେରୁତ ୧୯୯୬)***

ପୁନଶ୍ଚ ଆଉ ଏକ ବର୍ଣ୍ଣନାରେ ଦରଜ ରହିଛି ଯେ, ହଜ୍‌ରତ୍ ଉସ୍‌ମାନ ର:ଅଙ୍କ ମୈତ୍ରିକ ସମ୍ପର୍କ ହଜୁର ସ:ଆ:ସଙ୍କ ସହିତ ସ୍ଥାପନ ହୋଇଥିଲା । ଅର୍ଥାତ ନିଜ ସହିତ ହଜୁର ସ:ଆ:ସ ହଜ୍‌ରତ୍ ଉସ୍‌ମାନଙ୍କର ମୈତ୍ରିକ ସମ୍ପର୍କ ସ୍ଥାପନ କରିଥିଲେ ଅତଏବ ତବ୍‌କାତୁଲ୍ କୁବ୍‌ରାଃରେ ଉଲ୍ଲେଖ ରହିଛି ଯେ ଯେତେବେଳେ ହଜ୍‌ରତ୍ ଉସ୍‌ମାନ ର:ଅଙ୍କୁ ଶତୃମାନେ ଘେରାଉ କରିନେଇଥିଲେ ସେତେବେଳେ ହଜ୍‌ରତ୍ ଉସ୍‌ମାନ ର:ଅ ନିଜର ଏକ ଉଚ୍ଚ କୋଠରୀର ଆଲୋକ ଦାନୀରୁ ଉଣ୍ଡି ଲୋକମାନଙ୍କୁ ପଚାରୁଥିଲେ ଯେ କଣ ତୁମେମାନଙ୍କ ମଧ୍ୟରେ ତଲ୍‌ହା ଅଛନ୍ତି ? ସେମାନେ କହିଲେ ହଁ ଅଛନ୍ତି । ହଜ୍‌ରତ୍ ଉସ୍‌ମାନ ର:ଅ ସେମାନଙ୍କୁ କହିଲେ ମୁଁ ତମୁମାନଙ୍କୁ ଈଶ୍ୱରଙ୍କ ଶପଥ ଦେଇ ପଚାରୁଛି ଯେ କଣ ତୁମମାନଙ୍କୁ ଜ୍ଞାତ ନାହିଁ ଯେ ଯେତେବେଳେ ରସୁଲେ କରିମ୍ ସ:ଆ:ସ ହିଜ୍‌ରତ୍ କାରୀ ଓ ଅନ୍‌ସାରଙ୍କ ମଧ୍ୟରେ ମୈତ୍ରୀକ ସମ୍ପର୍କ ସ୍ଥାପନ କରିଥିଲେ ସେତେବେଳେ ହଜୁର ତାଙ୍କ ନିଜ ସହିତ ମୋର ମୈତ୍ରୀକ ସମ୍ପର୍କ ସ୍ଥାପନ କରିଥିଲେ । ପ୍ରତିଉତରରେ ହଜ୍‌ରତ୍ ତଲ୍‌ହା ର:ଅ କହିଲେ ଏହା ସତ୍ୟଘଟଣା ଅଟେ । ଯେତେବେଳେ ହଜ୍‌ରତ୍ ତଲ୍‌ହା ର:ଅଙ୍କୁ ପଚାରାଗଲା କି ତୁମେ ଏ କଣ କଲ ସେତେବେଳେ ସେ ବେଶ୍ ନିର୍ଭୀକତାର ସହ, ଯଦିଚ ତାଙ୍କ ଚତୁଃପାର୍ଶ୍ୱରେ ଶତୃମାନେ ଘେରି ରହିଥିଲେ ଉତର ଦେଲେ ଯେ, ହଜ୍‌ରତ୍ ଉସ୍‌ମାନ ର:ଅ ମୋଠାରୁ ରାଣ ନେଇ ପଚାରିଥିଲେ ଯାହା ମୋ ଆଖି ଆଗରେ ଘଟିଥିଲା ତେବେ କଣ ସେଥି ସମ୍ବନ୍ଧରେ ମୁଁ ସାକ୍ଷ୍ୟ ଦେଇନଥାନ୍ତି ?

***(ତବକାତୁଲ୍ କୁବ୍‌ରା.........ଖଣ୍ଡ-୩, ପୃ-୩୮............ ବେରୁତ ୧୯୯୬)***

ମୁଁ ମିଥ୍ୟା କିପରି କହିଥାନ୍ତି ଯାହା ତୁମ ଦ୍ୱାରା ସମ୍ଭବ ତୁମେ ତାହା କରିନିଅ । ଅର୍ଥାତ ବିରୋଧ କରିବାକୁ ଚାହୁଁଛ ତ କରିପାର ।

ହଜ୍‌ରତ୍ ରୁକେୟାଙ୍କ ଦେହାନ୍ତ ଓ ହଜ୍‌ରତ୍ ଉସ୍‌ମାନ ର:ଅ ହଜ୍‌ରତ୍ ଉମ୍ମେ କୁଲ୍‌ସୁମ୍‌ଙ୍କ ବିବାହ କରିବା ଘଟଣା ଏପରି ଉଲ୍ଲେଖ ରହିଛି ଯେ ଅବ୍‌ଦୁଲ୍ଲାଃ ବିନ୍ ମୁକ୍‌ନିଫ୍ ବିନ୍ ହାରିସା ବର୍ଣ୍ଣନା କରନ୍ତି ଯେତେବେଳେ ହଜୁର ସ:ଆ:ସ ବଦର ଯୁଦ୍ଧ ଅଭିମୁଖେ ବାହାରିଲେ ସେତେବେଳେ ହଜ୍‌ରତ୍ ଉସ୍‌ମାନ ର:ଅଙ୍କୁ ନିଜ ଜୈଷ୍ଠ କନ୍ୟା ହଜ୍‌ରତ୍ ରୁକେୟାଙ୍କ ନିକଟରେ ଛାଡ଼ିଗଲେ କାରଣ ସେ ଅସୁସ୍ଥ ଥିଲେ । ସେ ସେହି ଦିନ ଦେହ ତ୍ୟାଗ କଲେ ଯେଉଁ ଦିନ ହଜ୍‌ରତ୍ ଜୈଦ୍ ବିନ୍ ହାରିସା ବଦର ଯୁଦ୍ଧର ବିଜୟ ସୁସମାଚାର ଘେନି ଆଣିଥିଲେ । ରସୁଲୁଲ୍ଲାଃ ସ:ଆ:ସ ହଜ୍‌ରତ୍ ଉସ୍‌ମାନଙ୍କ ପାଇଁ ବଦର୍ ଯୁଦ୍ଧରେ ପ୍ରାପ୍ତ ହୋଇଥିବା ମାଲେଗନିମତ୍ (ଧନସମ୍ପତି)ରୁ ଭାଗ ଦେଉଥିଲେ ଏବଂ ତାଙ୍କର ଭାଗ ବଦର ଯୁଦ୍ଧରେ ସାମିଲ ହୋଇଥିବା ଲୋକମାନଙ୍କ ସହିତ ସମାନ ଥିଲା । ହଜୁର ସ:ଆ:ସ ହଜ୍‌ରତ୍ ରୁକେୟା ର:ଅଙ୍କ ବିୟୋଗ ପରେ ହଜ୍‌ରତ୍ ଉସ୍‌ମାନ ର:ଅଙ୍କ ସହିତ ନିଜର ସୁପୁତ୍ରୀ ହଜ୍‌ରତ୍ ଉମ୍ମେ କୁଲ୍‌ସୁମ୍‌ଙ୍କ ବିବାହ କରିଦେଇଥିଲେ ।

***(ତବକାତୁଲ୍ କୁବ୍‌ରା.........ଖଣ୍ଡ-୩, ପୃ-୩୨............ ବେରୁତ ୧୯୯୬)***

ହଜ୍‌ରତ୍ ଅବୁ ହୁରୈରା ର:ଅ ବର୍ଣ୍ଣନା କରନ୍ତି ନବୀ କରିମ୍ ସ:ଆ:ସ ହଜ୍‌ରତ୍ ଉସ୍‌ମାନ ର:ଅଙ୍କ ସହିତ ମସ୍‌ଜିଦ୍‌ର ଦ୍ୱାରଠାରେ ସାକ୍ଷାତ କରିଥିଲେ ଏବଂ କହିଲେ, ହେ ଉସ୍‌ମାନ୍ ଏ ହେଉଛନ୍ତି ହଜ୍‌ରତ୍ ଜିବ୍ରାଇଲ୍ ସେ ମତେ ସୁଚିତ କରିଛନ୍ତି ଯେ ଅଲ୍ଲାଃ ତାଲା ଉମ୍ମେ କୁଲ୍‌ସୁମ୍ ର:ଅଙ୍କ ନିକାହ୍ ହଜ୍‌ରତ୍ ରୁକେୟାଙ୍କର ଯେତେ ମେହେର୍ ଧାର୍ଯ୍ୟ ହୋଇଥିଲା, ସେହି ପରିମାଣର ମେହେର୍ ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି ଏବଂ ତୁମର ତାଙ୍କ ସହିତ ସେ ବିବାହ ସମ୍ପନ୍ନ କରି ଦେଉଛନ୍ତି । ***(ସୁନନେ ଇବ୍‌ନେ ମାଜାଃ.... ହଦିସ୍ ନଂ-୧୧୦)***

ହଜ୍‌ରତ୍ ଆଇଶା ର:ଅ ବର୍ଣ୍ଣନା କରନ୍ତି: ହଜୁର ସ:ଆ:ସ ଯେତେବେଳେ ହଜ୍‌ରତ୍ ଉମ୍ମେ କୁଲ୍‌ସୁମ୍‌ଙ୍କ ବିବାହ ହଜ୍‌ରତ୍ ଉସ୍‌ମାନ ର:ଅଙ୍କ ସହିତ କଲେ ସେତେବେଳେ ହଜୁର ସ:ଆ:ସ ହଜ୍‌ରତ୍ ଉମ୍ମେ ଅଇମନ୍‌ଙ୍କୁ କହିଲେ ମୋର ସୁପୁତ୍ରୀ ଉମ୍ମେ କୁଲ୍‌ସୁମ୍‌ଙ୍କୁ ପ୍ରସ୍ତୁତ କରାଇ ହଜ୍‌ରତ୍ ଉସ୍‌ମାନ ର:ଅଙ୍କ ଘରେ ନେଇ ଛାଡ଼ି ଆସ ଏବଂ ଉମ୍ମେ କୁଲ୍‌ସୁମ୍‌ଙ୍କ ଆଗରେ ମୃଦଙ୍ଗ ବଜାଅ ସୁତରାଂ ସେ ସେହିପରି ହିଁ କରିଥିଲେ । ରସୁଲେ କରିମ୍ ସ:ଆ:ସ ତିନିଦିନ ପରେ ହଜ୍‌ରତ୍ ଉମ୍ମେ କୁଲ୍‌ସୁମ୍‌ଙ୍କ ନିକଟକୁ ଗଲେ ଏବଂ କହିଲେ ହେ ମୋର ପ୍ରୀୟ ପୁତ୍ରୀ ! ତୁମେ ନିଜର ସ୍ୱାମୀଙ୍କୁ କିପରି ପାଇଲ ? ଉମ୍ମେ କୁଲ୍‌ସୁମ୍ କହିଲେ ମୋର ସ୍ୱାମୀ ସବୋର୍ତମ ସ୍ୱାମୀ ଅଟନ୍ତି ।

***(ସିରତ୍ ଅମୀରୁଲ୍ ମୁମିନିନ ଉସ୍‌ମାନ ବିନ୍ ଅଫାନ୍..... ପୃ-୪୧.... ବେରୁତ ୨୦୦୬)***

ହଜ୍‌ରତ୍ ଉମ୍ମେ କୁଲ୍‌ସୁମ୍ ହଜ୍‌ରତ୍ ଉସ୍‌ମାନ ର:ଅଙ୍କ ଘରେ ନଅ ହିଜ୍‌ରୀ ପର୍ଯ୍ୟନ୍ତ ରହିଥିଲେ ତା'ପରେ ସେ ଅସୁସ୍ଥ ହୋଇ ମୃତ୍ୟୁବରଣ କରିଥିଲେ । ରସୁଲେ୍ କରିମ୍ ସ:ଆ:ସ ତାଙ୍କ ନମାଜ ଯନାଜାଃ ପଢ଼ାଇଥିଲେ ଏବଂ ତାଙ୍କ କବର ନିକଟରେ ବସି ରହିଥିଲେ ।

ହଜ୍‌ରତ୍ ଅନସ୍ ର:ଅ ବର୍ଣ୍ଣନା କରନ୍ତି ସେ ନବୀ କରିମ୍ ସ:ଆ:ସଙ୍କୁ ଉମ୍ମେ କୁଲ୍‌ସୁମ୍‌ଙ୍କ କବର ନିକଟରେ ଏହିପରି ଅବସ୍ଥାରେ ବସିଥିବାର ଦେଖିଲେ ଯେବେ କି ହଜୁର ସ:ଆ:ସଙ୍କ ଚକ୍ଷୁରୁ ଅଶ୍ରୁ ବହିପଡୁଥିଲା । ***(ସିରତ୍ ଅମୀରୁଲ୍ ମୁମିନିନ..... ପୃ-୪୨...... ବେରୁତ ୨୦୦୬)***

ଉକ୍ତ ଘଟଣା ସମ୍ପର୍କରେ ବୁଖାରୀ ଉଲ୍ଲେଖ ରହିଛି ଯେ, ହିଲାଲ୍ ହଜ୍‌ରତ୍ ଅନସ୍ ର:ଅଙ୍କଠାରୁ ବର୍ଣ୍ଣନା କରନ୍ତି: ସେ କୁହନ୍ତି ଆମେମାନେ ହଜୁର ସ:ଆ:ସଙ୍କ ସୁପୁତ୍ରୀଙ୍କ ଯନାଜାଃରେ ଉପସ୍ଥିତ ଥିଲୁ । ହଜୁର ସ:ଆ:ସ କବର ନିକଟରେ ବସିଥିଲେ ସେତେବେଳେ ଆମେ ଏହା ଅବଲୋକନ କଲୁ କି ହଜୁର ସ:ଆ:ସଙ୍କ ଚକ୍ଷୁ ଅଶ୍ରୁଳମୟ ଥିଲା । ***(ସହି ବୁଖାରୀ, କିତାବୁଲ୍ ଯନାଇଜ୍...... ହଦିସ୍ ନଂ-୧୩୪..... ଖଣ୍ଡ-୨, ପୃ-୬୬୩...ରବୱା)***

ଅନ୍ୟ ଏକ ବର୍ଣ୍ଣନାରେ ଉଲ୍ଲେଖ ରହିଛି । ହଜୁର ସ:ଆ:ସ ହଜ୍‌ରତ୍ ଉମ୍ମେ କୁଲ୍‌ସୁମ୍‌ଙ୍କ ବିୟୋଗ ଅନ୍ତେ କହିଲେ, ମୋର ଯଦି ତୃତୀୟ କନ୍ୟା ଥାଆନ୍ତ ତାହେଲେ ମୁଁ ତାହାକୁ ମଧ୍ୟ ହଜ୍‌ରତ୍ ଉସ୍‌ମାନ ର:ଅଙ୍କୁ ବିବାହ ଦେଇଥାନ୍ତି ।

***(ତବକାତୁଲ୍ କୁବ୍‌ରା.........ଖଣ୍ଡ-୩, ପୃ-୩୨............ ବେରୁତ ୧୯୯୬)***

ହଜ୍‌ରତ୍ ଇବ୍‌ନେ ଅବ୍‌ବାସ ର:ଅ ବର୍ଣ୍ଣନା କରନ୍ତି: ରସୁଲେ କରିମ୍ ସ:ଆ:ସ ଏକଦା ଏକ ସ୍ଥାନ ଦେଇ ଅତିକ୍ରମ କଲେ ସେତେବେଳେ ହଜ୍‌ରତ୍ ଉସ୍‌ମାନ ର:ଅ ସେଠାରେ ବସିଥିଲେ ଓ ସେ ହଜ୍‌ରତ୍ ଉମ୍ମେ କୁଲ୍‌ସୁମ୍ ବିନ୍‌ତେ ରସୁଲେ କରିମ୍ ସ:ଆ:ସଙ୍କ ବିୟୋଗରେ ରୋଦନ କରୁଥିଲେ । ବର୍ଣ୍ଣନାକାରୀ କୁହନ୍ତି ହଜୁର ସ:ଆ:ସଙ୍କ ସହିତ ଆପଣଙ୍କ ଦୁଇ ସାଥି ହଜ୍‌ରତ୍ ଅବୁବକର ଓ ହଜ୍‌ରତ୍ ଉମର୍ ର:ଅ ମଧ୍ୟ ଥିଲେ । ହଜୁର ସ:ଆ:ସ ତାଙ୍କୁ ପ୍ରଶ୍ନ କଲେ କି ହେ ଉସ୍‌ମାନ୍ ତୁମେ କେଉଁ କାରଣ ପାଇଁ ରୋଦନ କରୁଛ ? ଅତଏବ ହଜ୍‌ରତ୍ ଉସ୍‌ମାନ ର:ଅ କହିଲେ, ହେ ଅଲ୍ଲାଃଙ୍କ ରସୁଲ୍ ! ମୁଁ ଏହି କାରଣରୁ ରୋଦନ କରୁଛି ଯେ, ମୋର ଆପଣଙ୍କ ସହିତ ଜ୍ୱାଇଁର ସମ୍ପର୍କ ତୁଟିଗଲା, କାରଣ ଆପଣଙ୍କ ଉଭୟ ପୁତ୍ରୀଙ୍କର ବିୟୋଗ ଘଟିଛି । ହଜୁର ସ:ଆ:ସ କହିଲେ, ହେ ଉସ୍‌ମାନ୍ କାନ୍ଦ ନାହିଁ ତୁମକୁ ଈଶ୍ୱରଙ୍କ ସେହି ସତାଙ୍କର ରାଣ ଯାହାଙ୍କ ହସ୍ତରେ ମୋର ପ୍ରାଣବାୟୁ ରହିଛି ଯଦି ମୋର ଶତ ପୁତ୍ରୀ ଥାଆନ୍ତେ ଏବଂ ଗୋଟିଏ ଗୋଟିଏ କରି ମୃତ୍ୟୁ କରିଥାନ୍ତେ ତାହେଲେ ମୁଁ ପ୍ରତ୍ୟେକ ପୁତ୍ରୀର ମୃତ୍ୟୁପରେ ଦ୍ୱିତୀୟ ପୁତ୍ରୀକୁ ତୁମ ହାତରେ ଟେକି ଦେଇଥାନ୍ତି ଅର୍ଥାତ ତୁମ ସହିତ ବିବାହ ଦେଇଥାନ୍ତି । ଏପରିକି ଶତ ପୁତ୍ରୀଙ୍କ ମଧ୍ୟରୁ ଜଣେ ବି ବଳକା ରହିନଥାନ୍ତେ । ***(କନଜୁଲ୍ ଅମାଲ୍, ଖଣ୍ଡ-୧୩, ପୃ-୨୧........ ହଦିସ୍ ନଂ-୩୬୨୦୧...... ବେରୁତ ୨୦୦୪)***

ସେ ଯାହା ହେଉ ନା କାହିଁକି ଏହା ପ୍ରେମର ପରିପ୍ରକାଶ ଥିଲା ଯାହାକି ଉଭୟ ପକ୍ଷରୁ ପ୍ରକାଶ ହୋଇଥିଲା କାରଣ ହଜୁର ସ:ଆ:ସ ହଜ୍‌ରତ୍ ଉସ୍‌ମାନ ର:ଅଙ୍କ ପାଇଁ ଚିନ୍ତିତ ଥିଲେ ଏବଂ ଜ୍ୱାଇଁ ଶ୍ୱଶୁରର ଯେଉଁ ସମ୍ପର୍କଟି ଥିଲା ହଜୁର ସ:ଆ:ସ ତାହାକୁ ବଳବତର ରଖିଲେ ଏବଂ ସ୍ମରଣ କରାଇଲେ କି ଏହି ସମ୍ପର୍କଟି ବଳବତର ରହିବ । ହଜ୍‌ରତ୍ ଉସ୍‌ମାନ ର:ଅଙ୍କ ସମ୍ପର୍କିତ ଅବଶିଷ୍ଟ ଘଟଣାବଳୀ ଇନ୍‌ଶାଅଲ୍ଲାଃ ତାଲା ଆଗାମୀ ଖୁତ୍‌ବାରେ ବର୍ଣ୍ଣନା କରିବି ।

ଯେପରି ମୁଁ ପ୍ରତ୍ୟେକ ଖୁତ୍‌ବାରେ ଆପଣମାନଙ୍କୁ ଆହ୍ୱାନ ଦେଉଛି ଯେ, ଦୁଆ ପ୍ରତି ବିଶେଷ ଧ୍ୟାନ ଦେବେ ଯେ ପାକିସ୍ତାନରେ ବସବାସ କରୁଥିବା ଅହେମଦୀମାନଙ୍କ ପାଇଁ ଦୁଆ କରିବେ । ବିରୋଧିମାନେ ନିଜ ବିଚାରରେ ଅହେମଦୀମାନଙ୍କ ପାଇଁ ଶାନ୍ତି ସମୃଦ୍ଧିର ପରିବେଶର ପରିଧିକୁ ସଙ୍କୁଚିତ କରୁଛନ୍ତି ବା କରିଚାଲିଛନ୍ତି । କିନ୍ତୁ ସେମାନଙ୍କୁ ଏହା ଜଣାନାହିଁ ଯେ, ଏକ ବୃହତ ଓ ପରାକ୍ରମୀ ସତା ମଧ୍ୟ ରହିଛି ଯାହାଙ୍କର ନାମ ଅଲ୍ଲାଃ ଅଟେ । ଯାହାଙ୍କର ବିଧାନ ମଧ୍ୟ ଅଭ୍ୟାହତ ରହିଛି ଏବଂ ଏହାର ପରିଧି ମଧ୍ୟ ସେମାନଙ୍କ ଉପରେ ସଙ୍କୁଚିତ ହୋଇଚାଲିଛି ଯେତେବେଳେ ସେହି ପରିଧିଟି ସଙ୍କୁଚିତ ହେବ ସେତେବେଳେ ତହିଁରୁ କେହି ବି ମୁକ୍ତି ପାଇପାରିବେ ନାହିଁ । ଅଲ୍ଲାଃ ତାଲା ସେହି ଲୋକମାନଙ୍କୁ ସଦ୍‌ବୁଦ୍ଧି ପ୍ରଦାନ କରନ୍ତୁ ଏବଂ ଏହି ଲୋକମାନେ ବର୍ତମାନ ମଧ୍ୟ ନିଜର ବୁଦ୍ଧି ଓ ଶକ୍ତି ବିନିଯୋଗ କରନ୍ତୁ ଅଯଥା ଅନ୍ୟାୟ ଅତ୍ୟାଚାରରୁ ବିରତ ରୁହନ୍ତୁ ସେହିପରି ଉପଦ୍ୱିପରେ ବସବାସ କରୁଥିବା ଅହେମଦୀମାନଙ୍କ ପାଇଁ ମଧ୍ୟ ଦୁଆ କରନ୍ତୁ ଯେ ଅଲ୍ଲାଃ ତାଲା ମଧ୍ୟ ସେମାନଙ୍କର ବିଶ୍ୱାସକୁ ସୁଦୃଢ଼ ରଖନ୍ତୁ । ସେହିପରି ଅନ୍ୟ କେତେକ ସ୍ଥାନରେ ମଧ୍ୟ ଅହେମଦୀମାନଙ୍କର ଘୋର ବିରୋଦ୍ଧ ଚାଲିଛି ଅଲ୍ଲାଃ ତାଲା ପ୍ରତ୍ୟେକ ସ୍ଥାନରେ ପ୍ରତ୍ୟେକ ଦୃଷ୍ଟିକୋଣରୁ ସମସ୍ତ ଅହେମଦୀମାନଙ୍କୁ ନିଜ ସୁରକ୍ଷା ବଳୟ ମଧ୍ୟରେ ନିରାପଦ ରଖନ୍ତୁ ।

ନମାଜ ପରେ ମୁଁ କେତେକ ମୃତକଙ୍କର ନମାଜ ଯନାଜାଃ ପଢ଼ାଇବି ଏବା ସେମାନଙ୍କର ଚର୍ଚ୍ଚା ମଧ୍ୟ କରିଦେଉଛି ।

ପ୍ରଥମ ଯନାଜାଃ ହେଉଛି ସମ୍ମାନନୀୟ ସ୍ୱର୍ଗତ ମୌଲାନା ସୁଲ୍‌ତାନ୍ ମେହ୍‌ମୁଦ୍ ଅନୱର ସାହେବଙ୍କର ଯିଏ ପୂର୍ବତନ ନାଜିର ଇସଲାହ୍ ଓ ଇର୍ଶାଦ ମର୍କଜିୟା ଓ ନାଜିରେ ଖିଦ୍‌ମତ୍ ଦରୱେଶାନ୍ ତଥା ନାଜିରେ ଇସ୍‌ଲାହ୍ ଇର୍ଶାଦ ରିସ୍ତାନାତା ଆଦି ପଦବୀରେ ଅଧିଷ୍ଠିତ ଥିଲେ । ୧୧ ଜାନୁୟାରୀରେ ପ୍ରାୟ ୮୮ ବର୍ଷ ବୟସରେ ତାଙ୍କର ଦେହାନ୍ତ ହୋଇଛି । *ଇନ୍ନା ଲିଲ୍ଲାହେ ୱ*

*ଇନ୍ନା ଇଲୈହେ ରାଜେଉନ* ।

ସ୍ୱର୍ଗତଙ୍କ ସୁଲ୍‌ତାନ୍ ସାହେବଙ୍କ ପିତାଙ୍କ ନାମ ସ୍ୱର୍ଗତ ଚୌଧୁରୀ ମୁହମ୍ମଦ ଦୀନ୍ ଥିଲା ତାଙ୍କ ମାତାଙ୍କ ନାମ ରହ୍‌ମତ୍ ବିବି ଥିଲା । ସ୍ୱର୍ଗତ ସୁଲ୍‌ତାନ୍ ସାହେବଙ୍କର ପିତା ୧୯୨୮ ମସିହାରେ ହଜ୍‌ରତ୍ ଖଲିଫତୁଲ୍ ମସିହ ସାନି ର:ଅଙ୍କ ହସ୍ତରେ ବୟତ କରିଥିଲେ ଏବଂ ଅହେମଦୀୟତରେ ସାମିଲ ହୋଇଯାଇଥିଲେ । ହଜ୍‌ରତ୍ ମୌଲାନା ସୁଲ୍‌ତାନ୍ ମେହମ୍ମୁଦ୍ ଅନୱର ସାହେବ ତାଙ୍କର ଏକମାତ୍ର ସୁପୁତ୍ର ଥିଲେ । ମୌଲାନା ସୁଲ୍‌ତାନ୍ ସାହେବ ମାଧ୍ୟମିକ ସ୍କୁଲ୍‌ରେ ଶିକ୍ଷା ଉପାର୍ଜନ କରିଥିଲେ ଏବଂ ଏପ୍ରିଲ୍ ମାସ ୧୯୪୬ ମସିହରେ ନିଜକୁ ୱକ୍‌ଫ କରି ମଦ୍‌ରସା ଅହେମଦୀୟା କାଦିୟାନ୍‌ରେ ପ୍ରବେଶ କରିଥିଲେ । ପାକିସ୍ତାନ ଗଠନ ପରେ ଅହେମଦ୍ ନଗର ଯାମିୟା ଅହେମଦୀୟାକୁ ଚାଲିଯାଇଥିଲେ ଯେଉଁଠି ସେ ୧୯୫୨ ମସିହାରେ ମୌଲବୀ ଫାଜିଲ୍ ପରୀକ୍ଷା ଦେଲେ । ଏପ୍ରିଲ ମାସ ୧୯୫୬ ମସିହାରେ ଯାମିୟା ଅହେମଦୀୟାରୁ ଶାହିଦ୍‌ର ଡ଼ିଗ୍ରୀ ପ୍ରାପ୍ତ କରି ଉତୀର୍ଣ୍ଣ ହୋଇଥିଲେ । ତାଙ୍କର ବିବାହ ସେହିଠାରେ ଚୌଧୁରୀ ସାଆଦୁଦ୍ଦିନ୍ ସାହେବଙ୍କର ସୁପୁତ୍ରୀ ମେହମୁଦା ସୌକତ୍ ସାହିବାଙ୍କ ସହିତ ହୋଇଥିଲା । ତାଙ୍କ ନିକାହ୍ ୧୯୬୦ ମସିହାର ଜଲ୍‌ସା ସାଲାନା ଅବସରରେ ମୌଲାନା ଜଲାଲୁଦ୍ଦିନ୍ ସାହେବ ଶମ୍‌ସ ପଢ଼ାଇଥିଲେ । ସ୍ୱର୍ଗତ ସୁଲ୍‌ତାନ୍ ସାହେବଙ୍କର ସନ୍ତାନମାନଙ୍କ ମଧ୍ୟରେ ଚାରିଜଣ ପୁତ୍ର ଓ ଦୁଇଜଣ ପୁତ୍ରୀ ରହିଛନ୍ତି ତାଙ୍କର ଜଣେ ପୁତ୍ର ଏହ୍‌ସାନ୍ ମେହମୁଦ୍ ୱକ୍‌ଫେ ଜିନ୍ଦଗୀ ଅଟନ୍ତି । ସେ ରବୁଓ୍ୱାରେ ତହ୍‌ରିକ୍ ଯଦିଦ୍‌ର କାର୍ଯ୍ୟାଳୟରେ ସେବା ସମ୍ପାଦନ କରୁଛନ୍ତି । ସ୍ୱର୍ଗତ ସୁଲ୍‌ତାନ୍ ସାହେବଙ୍କ ପ୍ରଥମ ପୋଷ୍ଟିଂ ଗୁଜ୍‌ରାଟ ପାକିସ୍ତାନରେ ହୋଇଥିଲା । ସେହିପରି ସେ ଜଣେ ମୁବ୍‌ଲିଗ୍ ସିଲ୍‌ସିଲା ରୂପେ ପାକିସ୍ତାନର ବିଭିନ୍ନ ସହରରେ ନିଜର କର୍ତବ୍ୟ ସମ୍ପାଦନ କରିଛନ୍ତି । ୧୯୭୪ ମସିହାରୁ ୧୯୭୮ ମସିହା ପର୍ଯ୍ୟନ୍ତ ଘାନାରେ ମଧ୍ୟ ସେବା ସମ୍ପାଦନ କରିଥିଲେ । ଏହି ଅବଧି ମଧ୍ୟରେ ଯେତେବେଳେ ମୁଁ ସେଠାରେ ଉପସ୍ଥିତ ଥିଲି ସେତେବେଳେ ସେ ମଧ୍ୟ ସେଠାରେ କାର୍ଯ୍ୟରତ ଥିଲେ । ମୁଁ ଦେଖିଛି ଯେ, ସେ ଅତ୍ୟନ୍ତ ନିସ୍ୱାର୍ଥପର ଭାବରେ ନିଜର କର୍ତବ୍ୟ ସମ୍ପାଦନ କରୁଥିଲେ । ୧୯୮୨ ମସିହାରୁ ୧୯୮୩ ମସିହା ପର୍ଯ୍ୟନ୍ତ ମଜ୍‌ଲିସେ କାରପର୍‌ଦାଜ କମିଟିର ସଚିବ ମଧ୍ୟ ରହିଥିଲେ । ଏହାପରେ ସେ ସଦର୍ ମଜ୍‌ଲିସ୍ କାରପର୍‌ଦାଜ ସଭାପତି ରୂପେ ୧୯୮୩ ମସିହାରେ ଦାୟିତ୍ୱ ବହନ କରିଥିଲେ । ପୁନଶ୍ଚ ୧୯୮୩ ମସିହାରୁ ୧୯୯୮ ମସିହା ପର୍ଯ୍ୟନ୍ତ ନାଜିରେ ଇସ୍‌ଲାହ୍ ଇର୍ଶାଦ ମର୍କଜିୟା ମଧ୍ୟ ରହିଥିଲେ । ଏଥିଅନ୍ତେ ୨୦୧୧ ମସିହା ପର୍ଯ୍ୟନ୍ତ ନାଜିରେ ଖିଦ୍‌ମତେ ଦରୱେଶାନ୍ ମଧ୍ୟ ରହିଥିଲେ । ପୁନଶ୍ଚ ୨୦୧୧ ମସିହାରୁ ୨୦୧୭ ମସିହା ପର୍ଯ୍ୟନ୍ତ ନାଜିର ରିସ୍ତାନାତା ମଧ୍ୟ ରହିଥିଲେ । ତା'ପରେ ଅସୁସ୍ଥତା କାରଣରୁ ୨୦୧୭ ମସିହାରେ ସେ ଅବସର ନେଇଥିଲେ । ତାଙ୍କୁ ଧର୍ମ ପ୍ରଚାର କରିବାର, ଲୋକମାନଙ୍କ ସହିତ ବାର୍ତାଳାପ କରିବ. ବକ୍ତୃତା ଦେବାରେ ପ୍ରବଳ ଆଗ୍ରହ ରହିଥିଲା । ତାଙ୍କର ଏପରି ଅନେକ ଘଟଣାବଳୀ ରହିଛି ଯେଉଁ ଘଟଣାବଳୀଗୁଡ଼ିକରେ ସେ ବିଭିନ୍ନ ସମ୍ପ୍ରଦାୟର ଲୋକମାନଙ୍କ ସହିତ ଓ ବିଦ୍ୱାନମାନଙ୍କ ସହିତ ବିତର୍କ କରିଛନ୍ତି । ସେହି ଚର୍ଚ୍ଚାରେ ସେ ଅତ୍ୟନ୍ତ ଦୃଢ଼ ଓ ଅକାଟ୍ୟ ପ୍ରମାଣ ଭିର୍ତିରେ ଉତର ଦେଉଥିଲେ ଯେପରି ମୁଁ କହିଲି କି ସେ ଜଣେ ଉତମ ବକ୍ତା ଥିଲେ । ସେ ଶ୍ରୋତାମାନଙ୍କୁ ନିଜ ଆଡ଼କୁ ଆକର୍ଷିତ କରିନେଉଥିଲେ । ତାଙ୍କ ସହିତ କାର୍ଯ୍ୟରତ ଥିବା ମୁବ୍‌ଲ୍ଲିଗମାନେ ଉଲ୍ଲେଖ କରିଛନ୍ତି ଯେ ସେ ଆମକୁ ନିଜ ସାଙ୍ଗରେ ନେଇ କାର୍ଯ୍ୟ କରୁଥିଲେ । ପ୍ରତ୍ୟେକ ମୁବଲ୍ଲିଗ୍ ତାଙ୍କ ସମ୍ପର୍କରେ ଏହା ମତବ୍ୟକ୍ତ କରିଛି କି ସେ ଆମମାନଙ୍କ ସହିତ ସ୍ନେହ ପୂର୍ଣ୍ଣ ବ୍ୟବହାର ପ୍ରଦର୍ଶନ କରୁଥିଲେ । ନିଜେ ମଧ୍ୟ ତହ୍‌ଯୁଦ୍ ଓ ଉପାସନା କରୁଥିବା ବେଳେ ଅନ୍ୟ ମୁବଲ୍ଲିଗ୍‌ମାନଙ୍କୁ ମଧ୍ୟ ବିଶେଷ ରୂପେ ନମାଜ ତହ୍‌ଯୁଦ୍ ପଢ଼ିବାପାଇଁ ଉତ୍ସାହିତ କରୁଥିଲେ । ଖିଲାଫତ୍ ସହିତ ତାଙ୍କର ଆଜ୍ଞାକାରିତାର ଓ ବିଶ୍ୱସ୍ତତାର ଏକ ଅସାଧାରଣ ସମ୍ପର୍କ ରହିଥିଲା ଯାହା ବେଶ୍ ଉଚ୍ଚ ସ୍ତରର ଥିଲା । ଖିଲାଫତ୍ ରାବିୟାରେ ସେ କିଛି ପରୀକ୍ଷାର ମଧ୍ୟ ସମ୍ମୁଖୀନ ହୋଇଥିଲା କିନ୍ତୁ ପୂର୍ଣ୍ଣ ଆଜ୍ଞାକାରିତାର ସହ ସେ ସେହି ସମୟଟିକୁ ଅତିବାହିତ କରିଥିଲେ । ଅନ୍ୟ କର୍ତୃପକ୍ଷଙ୍କ ଅଧିନରେ ମଧ୍ୟ ସେ କେବଳ କାର୍ଯ୍ୟ ସମ୍ପାଦନ କରିଥିଲେ । ବରଂ ତାଙ୍କୁ କେହି ଜଣେ କହିଥିଲେ ଯେ, ଆପଣ ପୂର୍ବେ ନାଜିର୍ ଥିଲେ ବର୍ତମାନ ଆପଣଙ୍କୁ କୌଣସି ନାଜର୍‌ଙ୍କ ଅଧିନରେ ରହି କାମ କରିବାକୁ ପଡୁଛି ? ମତେ କେତେକ ମୁବଲ୍ଲିଗ୍ ପତ୍ର ଲେଖିଛନ୍ତି ଓ ତାଙ୍କର ସୁପୁତ୍ରୀ ମଧ୍ୟ ପତ୍ର ଲେଖିଛନ୍ତି ଯେ, ସେହି ପ୍ରଶ୍ନର ଉତରରେ ସେ କହୁଥିଲେ ଯେ ଉପସ୍ଥିତ ଖଲିଫା ଭଲଭାବରେ ଜାଣନ୍ତି କେଉଁ ବ୍ୟକ୍ତିର କେଉଁଠି ଆବଶ୍ୟକତା ରହିଛି । ମୁଁ ତ ନିଜ ଜୀବନକୁ ଉତ୍ସର୍ଗ କରିଦେଇଛି ମତେ ଯଦି ଝାଡୁ ଦେବାର କାର୍ଯ୍ୟରେ ମୁତୟନ କରାଯାଏ ତେବେ ମଧ୍ୟ ମୁଁ ସେହି କାର୍ଯ୍ୟଟିକୁ କରିବାରେ କୌଣସି ସଙ୍କୋଚ ମଣିବିନାହିଁ । ମୁଁ ତ ସେହି କାର୍ଯ୍ୟ କରିବି ଯେଉଁ କାର୍ଯ୍ୟ କରିବାକୁ ମତେ ଉପସ୍ଥିତ ଖଲିଫା ଆଦେଶ ଦେବେ । ତାଙ୍କର ଏହିଭଳି ସ୍ପୃହାକୁ ଦେଖି ଅଲ୍ଲାଃ ତାଲା ମଧ୍ୟ ତାଙ୍କ ସହିତ ଏପରି ଆଚରଣ କଲେ କି ତାଙ୍କୁ ପୂର୍ନବାର ସଦର୍ ଅଞ୍ଜୁମନ୍ ଅହେମଦୀୟାର ସଦସ୍ୟ ଓ ନାଜିର୍ ଭଳି ପଦବୀରେ ଅଧିଷ୍ଠିତ କରାଇଲେ । ସେ କରାଚୀ ତଥା ଅନ୍ୟାନ୍ୟ ସ୍ଥାନମାନଙ୍କରେ ଯେଉଁଠି ବି ରହିଲେ, ଅମୀରଙ୍କ ସହିତ ବେଶ୍ ସହଯୋଗ ଓ ଆଜ୍ଞାକାରୀତାର ସର୍ବୋଚ୍ଚ ନମୁନା ପ୍ରଦର୍ଶନ କରିଥିଲେ । ଅଲ୍ଲାଃ ତାଲା ମୃତକଙ୍କ ସହ ଦୟା ଓ କ୍ଷମା ଆଚରଣ କରନ୍ତୁ ଏବଂ ବୈକୁଣ୍ଠରେ ତାଙ୍କର ସ୍ତର ଉନ୍ନିତ କରନ୍ତୁ ଏବଂ ତାଙ୍କ ସନ୍ତାନସନ୍ତତିମାନଙ୍କୁ ମଧ୍ୟ ତାଙ୍କ ପୂର୍ଣ୍ୟକର୍ମ ଗୁଡ଼ିକୁ ଅବ୍ୟାହତ ରଖିବାକୁ ଶକ୍ତି ପ୍ରଦାନ କରନ୍ତୁ ତଥା ଶାନ୍ତି ପ୍ରଦାନ କରନ୍ତୁ । ଆମିନ୍... ସେ ଅନେକ ଜ୍ଞାନ ସମ୍ବଳିତ କାର୍ଯ୍ୟ ମଧ୍ୟ କରିଛନ୍ତି ଓ ଲେଖନୀ ମଧ୍ୟ ଲେଖିଛନ୍ତି ତାଙ୍କ ଲେଖନୀ ମଧ୍ୟରେ **"କଲ୍‌ସା ତୟବା କି ଅଜ୍‌ମତ୍ କା କୟାମେ ଅହେମଦୀ କି ପହ୍‌ଚାନ୍"** । ସେହିପରି ତାଙ୍କର ଅନ୍ୟାନ୍ୟ ପୁସ୍ତକ ହେଉଛି "ଅଲ୍ଲାଃ ତାଲା, ହଜ୍‌ରତ୍ ମୁହମ୍ମଦ ମୁସ୍ତଫା ସ:ଆ:ସ, କୁର୍‌ଆନ୍ ଓ ଖାନାକାବା" ଯମାତ୍ ଅହେମଦୀୟା କି ତାଦାତ୍ କା ମସ୍‌ଲା, ନିଫାଜେ ସରିୟତ୍ ମେଁ ନାକାମି କେ ଅସ୍‌ବାବ୍, ତୌହିନେ ରିସାଲତ୍ କି ସଜା" ଆଦି ପୁସ୍ତକ ସେ ଉଲ୍ଲେଖ କରିଛନ୍ତି । ସେ ଯାହା ହେଉ ନା କାହିଁକି ଉପରୋକ୍ତ ଲେଖନୀ ଗୁଡ଼ିକ ହେଉଛି ସ୍ୱର୍ଗତ ସୁଲ୍‌ତାନ୍ ମେହମୁଦ୍ ସାହେବଙ୍କର । ମୁଁ ଯେପରି କହିଲି ସେ ଅତ୍ୟନ୍ତ ମନଯୋଗର ସହ କାମ କରୁଥିଲେ ଅଲ୍ଲାଃ ତାଲା ତାଙ୍କ ପ୍ରତି ସଦୟ ହୁଅନ୍ତୁ ଓ ବୈକୁଣ୍ଠରେ ତାଙ୍କର ସ୍ତର ଉନ୍ନିତ କରନ୍ତୁ । ତାଙ୍କ ସହ କ୍ଷମା ଅଚାରଣ କରନ୍ତୁ ।

ଦ୍ୱିତୀୟ ଯନାଜାଃ ହେଉଛି ସମ୍ମାନନୀୟ ସ୍ୱର୍ଗତ ମୌଲାନା ମୁହମ୍ମଦ୍ ଉମର୍ ସାହେବଙ୍କର । ସେ ପୂର୍ବତନ ନାଜିର୍ ଇସ୍‌ଲାହ୍ ଓ ଇର୍ଶାଦ୍ ମର୍କଜିଆ, କାଦିୟାନ୍ ଥିଲେ । ଯିଏ ପିକେ ଇବ୍ରାହିମ୍ ସାହେବଙ୍କର ସୁପୁତ୍ର ଥିଲେ, ୧୨ ଜାନୁୟାରୀରେ ୮୭ ବର୍ଷ ବୟସରେ ତାଙ୍କର ଦେହାନ୍ତ ହୋଇଛି । *ଇନ୍ନା ଲିଲ୍ଲାହେ ୱ ଇନ୍ନା ଇଲୈହେ ରାଜେଉନ* ।

ସ୍ୱର୍ଗତ ମୌଲାନା ମୁହମ୍ମଦ୍ ଉମର୍ ସାହେବ କେରଳର ଅଧିବାସୀ ଥିଲେ ତାଙ୍କର ପିତା ଇବ୍ରାହିମ୍ କୁଟି ସାହେବ ଯମାତ୍‌ର ଜଣେ କଠୋର ବିରୋଦ୍ଧୀ ଓ ପରମଶତୃମାନଙ୍କ ମଧ୍ୟରୁ ଜଣେ ଥିଲେ । ସ୍ୱର୍ଗତ ମୌଲାନା ମୁହମ୍ମଦ୍ ଉମର୍ ସାହେବଙ୍କର ଜନ୍ମର ପ୍ରାୟ ଦଶ ବର୍ଷ ପୂର୍ବରୁ ତାଙ୍କର ପିତାଶ୍ରୀ ବାଣିଜ୍ୟ କାରବାର ସମ୍ବନ୍ଧରେ ବମ୍ବେ ଯାଇଥିଲେ । ସେହି ଦିନରେ ବମ୍ବେରେ ଅନେକ ଅହେମଦୀଙ୍କ ସହିତ ତାଙ୍କର ପରିଚିତ ହୋଇଥିଲା । କାରଣ ସେତେବେଳେ ବହୁତ ଅହେମଦୀ ବମ୍ବେରେ ବାଣିଜ୍ୟ କାରବାର କରୁଥିଲେ । ବମ୍ବେରେ ହିଁ ମାଲାବାର କେତେକ ଅହେମଦୀମାନଙ୍କ ସହିତ ପିକେ ଇବ୍ରାହିମ୍ ସାହେବ ସାକ୍ଷାତ କରିଥିଲେ ଓ ଅହେମଦୀୟତ୍‌ର ଧର୍ମମତ ସହ ପରିଚିତ ହୋଇଥିଲେ । ୧୯୨୪ ମସିହାରେ ଯେତେବେଳେ ହଜ୍‌ରତ୍ ଖଲିଫତୁଲ୍ ମସିହ ସାନି ବମ୍ବେ ଯାଇଥିଲେ ସେତେବେଳେ ହଜୁରଙ୍କ ସହିତ ସେ ସାକ୍ଷାତ କରି ତାଙ୍କ ପବିତ୍ର ହସ୍ତରେ ବୟତ କରି ସିଲ୍‌ସିଲା ଅହେମଦୀୟାରେ ଦାଖିଲ ହୋଇଥିଲେ । ଏହାପରେ ତାଙ୍କୁ କାଦିୟାନ୍ ପରିଭ୍ରମଣ କରିବାର ମଧ୍ୟ ସୌଭାଗ୍ୟ ଅର୍ଜନ ହୋଇଥିଲା ।

ସ୍ୱର୍ଗତ ମୌଲାନା ମୁହମ୍ମଦ୍ ଉମର୍ ସାହେବ ୧୯୫୪ ମସିହାରେ କାଦିୟାନ୍ ଆସିଥିଲେ ଯଦିଚ ଦେଶ ବିଭାଜନ ପରେ ମଦ୍‌ରସା ଅହେମଦୀୟାର ନୂତନ ସଂସ୍କରଣ ମଧ୍ୟ ହୋଇଯାଇଥିଲା । ୧୯୫୫ ମସିହାରେ ସେ ମଦ୍‌ରସାରେ ପ୍ରବେଶ କରିଥିଲେ । ୧୯୬୧ ମସିହାରେ ସେ ମଦ୍‌ରସା ଅହେମଦୀୟାରୁ ପଞ୍ଜାବ ବିଶ୍ୱବିଦ୍ୟାଳୟରୁ ମୌଲବୀ ଫାଜିଲ୍ ସ୍ନାତକତର ପରୀକ୍ଷା ଉତୀର୍ଣ୍ଣ ହେବାପରେ ଏକବର୍ଷ ଧରି ମଦ୍‌ରସାରେ ଶିକ୍ଷାଦାନ କରିଥିଲେ । ଛାତ୍ର ଜୀବନରେ ହଜ୍‌ରତ୍ ମସିହ ମଉଦ୍ ଆ:ସଙ୍କ ସାହାବି ହଜ୍‌ରତ୍ ଭାଇ ଅବ୍‌ଦୁର୍ ରହ୍‌ମାନ୍ ସାହେବ କାଦିୟାନୀଙ୍କ ଇଚ୍ଛା କ୍ରମେ ସ୍ୱର୍ଗତ ମୌଲାନା ମୁହମ୍ମଦ୍ ଉମର୍ ସାହେବ ପ୍ରାୟ ଏକବର୍ଷ କାଳ ଦୈନିକ ପ୍ରାତଃ ସମୟରେ ତାଙ୍କ ଘରେ କୁର୍‌ଆନ୍ କରିମ୍ ଶୁଣାଇବାର ସୌଭାଗ୍ୟ ଅର୍ଜନ କରିଥିଲେ । ୧୯୬୨ ମସିହାରୁ ସେ ଧର୍ମ ପ୍ରଚାର ଭୂମିରେ ସେବା କରିବାର କାର୍ଯ୍ୟ ଆରମ୍ଭ କରିଦେଇଥିଲେ । ଭାରତ ବର୍ଷର ବଡ଼ ବଡ଼ ସହରରେ କାମ କରିଥିଲେ ଏବଂ ଜଣେ ସଫଳ ମୁବ୍‌ଲ୍ଲିଗ୍ ଭାବରେ ଦାୟିତ୍ୱ ନିର୍ବାହ କରିଥିଲେ । ତବ୍‌ଲିଗ୍ ଜଲ୍‌ସା ମାନଙ୍କରେ ତାଙ୍କର ବକ୍ତୃତାମାନ ରହୁଥିଲା, ସେ ମୁନାଜିରା ଯାଦ୍‌ଗିର୍‌ରେ ଅଂଶ ଗ୍ରହଣ କରିଥିଲେ ଓ ହଜ୍‌ରତ୍ ଖଲିଫତୁଲ୍ ମସିହ ରାବେ ର:ଅଙ୍କ ବିଶେଷ ଅନୁଗ୍ରହ କ୍ରମେ କୋଏମ୍ବଟୁର୍‌ର ଐତିହାସିକ ମୁନାଜ୍‌ରା ଅର୍ଥାତ ଧର୍ମସଂକ୍ରାନ୍ତିୟ ତର୍କ ଯାହାକି କ୍ରମାଗତ ଭାବରେ ନଅ ଦିନ ଧରି ଜାରି ରହିଥିଲା, ଯହିଁରେ ମୌଲାନା ଦୋସ୍ତ ମୁହମ୍ମଦ ଶାହିଦ୍ ସାହେବ ଓ ଅନ୍ୟାନ୍ୟ କେନ୍ଦ୍ରୀୟ ସଦସ୍ୟବୃନ୍ଦ ତଥା ହାଫିଜ୍ ମୁଜଫର୍ ସାହେବ ମଧ୍ୟ ସାଥିରେ ସାମିଲ ହୋଇଥିଲେ । ଉକ୍ତ ମୁନ୍‌ଜରାରେ ହାଫିଜ୍ ମୁଜ୍‌ଫର୍ ସାହେବଙ୍କ ସହିତ ସ୍ୱର୍ଗତ ଉମର୍ ସାହେବ ଭରପୂର ସହଯୋଗ କରିଥିଲେ ।

ହଜ୍‌ରତ୍ ଖଲିଫତୁଲ୍ ମସିହ ରାବେ ର:ଅ ଏକ ସ୍ଥାନରେ ସ୍ୱର୍ଗତ ଉମର୍ ସାହେବଙ୍କର କାର୍ଯ୍ୟକୁ ପ୍ରଶଂସା କରି ଏକ ଖୁତ୍‌ବାରେ କହିଥିଲେ ଯେ, କେତେକ ଯମାତ୍ ଅଛନ୍ତି ଯେଉଁଠି ଜଣେ ହିଁ ଲୋକ ଯିଏ ତ୍ୱରିତ ଭାବରେ ଏକୁଟିଆ ସମସ୍ତ ଦାୟିତ୍ୱ ବହନ କରୁଛି ଏବଂ ଅନୁବାଦ ମଧ୍ୟ କରୁଛି ଏବଂ ଏହାପରେ ଅନେକ ସଂଖ୍ୟାରେ ଏହାକୁ ପ୍ରକାଶ ମଧ୍ୟ କରୁଛି ଅର୍ଥାତ ଲୋକମାନଙ୍କୁ ବିତରଣ କରୁଛି ଅର୍ଥାତ ଖୁତ୍‌ବାର ଅନୁବାଦ କରି ଯଥାଶିଘ୍ର ତାହାକୁ ପ୍ରକାଶ କରୁଛନ୍ତି । ଅଲ୍ଲାଃ ତାଲାଙ୍କ କୃପାରୁ ଏଭଳି ଯମାତ୍‌ର ଯେଉଁ ସ୍ତର ରହିଛି ତାହା ଉନ୍ନିତ ପଥରେ ଅଗ୍ରସର କାରଣ ତାକୁ ଯଥାଶିଘ୍ର ଖଲିଫାଙ୍କର ଖୁତ୍‌ବା ମିଳିଯାଉଛି ଏବଂ ଏହା ଦ୍ୱାରା ଆମର ଯମାତ୍‌କୁ ଜଣାପଡ଼ିଯାଇଥାଏ ଯେ ଆମ ଯମାତ୍‌ରେ କଣ ସବୁ ଘଟଣା ଘଟିଚାଲିଛି । ଦକ୍ଷିଣ ଭାରତରେ ଆମର ଏଭଳି ଯମାତ୍‌ମାନ ରହିଛି ଯେଉଁଠାରେ ଉର୍ଦ୍ଦୁଭାଷା ଲୋକେ ଜାଣନ୍ତି ନାହିଁ ସେଠାରେ ଆମର ମୌଲବୀ ମୁହମ୍ମଦ ଉମର୍ ସାହେବ ମୁବଲ୍ଲିଗ୍ ସିଲ୍‌ସିଲା ଯାହାଙ୍କୁ ଅଲ୍ଲାଃ ତାଲା ଏହି କାର୍ଯ୍ୟ କରିବାପାଇଁ ଏକ ପ୍ରକାର ଆବେଗ ପ୍ରଦାନ କରିଥିଲେ ଯେ, ସେ ସଙ୍ଗେ ସଙ୍ଗେ ଅନୁବାଦ କରି ଲୋକମାନଙ୍କୁ ଉପସ୍ଥିତ ଖଲିଫାଙ୍କ କଥା ପହଂଚାଉଥିଲେ । ଏପଟେ କର୍ଣ୍ଣରେ ସ୍ୱର ପହଂଚିଲା ସେପଟେ ତ୍ୱରିତ ଭାବରେ ଉକ୍ତ ଖୁତ୍‌ବାର ଅନୁବାଦ କରିଚାଲୁଥିଲେ । ଯଥାଶିଘ୍ର ଯମାତ୍ ପର୍ଯ୍ୟନ୍ତ ତାହା ପହଂଚାଇ ଦେଉଥିଲେ । ସେ ଯାହା ହେଉ ନା କାହିଁକି ସେ ଅତ୍ୟନ୍ତ ପରିଶ୍ରମର ସହିତ ଏହି କାର୍ଯ୍ୟ କରୁଥିଲେ । ପାଲେଷ୍ଟାଇନ୍ ଦେଶରେ ମଧ୍ୟ ପ୍ରାୟ ଏକବର୍ଷ କାଳ ସେ ସେବା ସମ୍ପାଦନ କରିଛନ୍ତି । ସେ କୁର୍‌ଆନେ୍ କରିମ୍ ଓ ହଜ୍‌ରତ୍ ମସିହ ମଉଦ୍ ଆ:ସଙ୍କର ଅନେକ ପୁସ୍ତକ ଓ ପତ୍ରିକାଗୁଡ଼ିକର ମାଲାୟଲମ୍ ଓ ତାଲିମ୍ ଭାଷାରେ ଅନୁବାଦ କରିବାର ସୌଭାଗ୍ୟ ଅର୍ଜନ କରିଛନ୍ତି । ୨୦୦୭

ମସିହାରେ ଯେତେବେଳେ ମୁଁ ତାଙ୍କୁ ନାଜିରେ ଇସ୍‌ଲାହ୍ ଓ୍ୱ ଇର୍‌ଶାଦ୍ ମର୍କଜିଆ ରୂପେ ନିଯୁକ୍ତ କଲି ଏହାପରେ ପୁନଶ୍ଚ ଅତିରିକ୍ତ ନାଜିରେ ଇସ୍‌ଲାହ୍ ଓ୍ୱ ଇର୍‌ଶାଦ୍ ତାଲିମୁଲ୍ କୁର୍‌ଆନ୍ ଓ ଓ୍ୱକ୍‌ଫେ ଆର୍‌ଜି ପଦବୀରେ ନିଯୁକ୍ତ କଲି ସେ ଅତ୍ୟନ୍ତ ସୁନ୍ଦରଭାବରେ ସମସ୍ତ ଦାୟିତ୍ୱ ତୁଲାଇଲେ ଏବଂ ପୁନଶ୍ଚ ନାଏବ ନାଜିରେ ଆଲା ଭାବରେ ମଧ୍ୟ ସେବା କରିବାର ତାଙ୍କୁ ସୌଭାଗ୍ୟ ଅର୍ଜନ ହୋଇଥିଲା । ସେ ଅତ୍ୟନ୍ତ ଉତମ ରୂପେ ସମସ୍ତ ଦାୟିତ୍ୱ ଭାର ବହନ କରିଥିଲେ । ମଦ୍‌ରସା ଅହେମଦୀୟାରୁ ଶିକ୍ଷା ସମାପ୍ତି ପରେ ସାମଗ୍ରିକ ଭାବରେ ସ୍ୱର୍ଗତଙ୍କୁ ୫୩ ବର୍ଷ କାଳ ସେବା ସମ୍ପାଦନ କରିବାର ସୁଯୋଗ ପ୍ରାପ୍ତ ହୋଇଥିଲା । ମୃତକଙ୍କ ପରିଜନଙ୍କ ମଧ୍ୟରେ ଚାରିଜଣ ପୁତ୍ରି ଓ ଜ୍ୱାଇଁ ତଥା ନାତିନାତୁଣୀମାନେ ରହିଛନ୍ତି । ଯମାତ୍‌ର ସେବା କରିବାର ପ୍ରତି ତାଙ୍କ ମନରେ ଏକ ଅଦ୍ଭୁତ ପୂର୍ଣ୍ଣ ସ୍ପୃହା ରହିଥିଲା ଯେତେବେଳେ ବି ପରିବାର ସହିତ ବ୍ୟକ୍ତିଗତ ଭାବରେ ଯାତ୍ରା କରୁଥିଲେ ସେତେବେଳେ, ଯାତ୍ରା ସମୟରେ ମଧ୍ୟ ଯମାତ୍ କାର୍ଯ୍ୟରେ ବିଶେଷ କରି ଅନୁବାଦ କାର୍ଯ୍ୟରେ ବ୍ୟସ୍ତ ରହୁଥିଲେ ।

ଶ୍ରୀଲଙ୍କାର ନ୍ୟାସନାଲ୍ ଅମୀର ସାହେବ ଲେଖିଛନ୍ତି, ଶ୍ରୀଲଙ୍କା ଯମାତ୍‌ର ଇତିହାସରେ ସେହି ସ୍ୱର୍ଣ୍ଣିମ ଯୁଗଟି ସର୍ବଦା ସୁରକ୍ଷିତ ରହିବ ଯେତେବେଳେ ହଜ୍‌ରତ୍ ଖଲିଫତୁଲ୍ ମସିହ ସାଲିସ୍ ର:ଅଙ୍କ କଲ୍ୟାଣମୟ ନେତୃତ୍ୱରେ ମୌଲାନା ସାହେବଙ୍କର ପ୍ରଥମ ଆଗମନ କେନ୍ଦ୍ରିୟ ମୁବଲ୍ଲିଗ୍ ରୂପେ ଅଲ୍ଲାଃ ତାଲାଙ୍କ କୃପାରୁ ୧୯୭୮ ମସିହାରେ ହୋଇଥିଲା ଅତଏବ ଅସାଧାରଣ ଭାବରେ ଯମାତ୍‌ରେ ଆଧ୍ୟାତ୍ମିକ ଉତ୍ସାହ ସହିତ ସଂସ୍କାର ଓ ପବିତ୍ର ପରିବର୍ତନ ମଧ୍ୟ ଦେଖା ଦେବାକୁ ଆରମ୍ଭ ହେଲା । ସ୍ୱର୍ଗତ ମୌଲାନାଙ୍କର ସେଠାରେ ଅତୁଳନୀୟ ଯୋଗଦାନ ରହିଥିଲା । ୧୯୯୪ ମସିହାରେ କଲମ୍ବୋ ସହରର ବଡ଼ ରାମକୃଷ୍ଣ ହଲ୍‌ରେ ମୌଲାନା ସାହେବଙ୍କ ଏକ ଶାନ୍ତି ଓ ସଦ୍‌ଭାବପୂର୍ଣ୍ଣ ସହବସ୍ଥାନ ବିଷୟକୁ ଆଧାର କରି ଏକ ଚମତ୍କୃତ ଭାଷଣ ପରିବେଷଣ କରିଥିଲେ ଯେଉଁ ଭାଷଣକୁ ଶୁଣିବା ପାଇଁ ୪୦୦ ରୁ ଉର୍ଦ୍ଧ ଲୋକମାନେ ସେଠାରେ ଉପସ୍ଥିତ ଥିଲେ । ବିଶେଷ କରି ସ୍ୱର୍ଗତ ଉମର୍ ସାହେବ ରାମକୃଷ୍ଣ ମିଶନ୍‌ର ଜାତୀୟ ସଭାପତି ଏବଂ ଦେଶର ହିନ୍ଦୁ ରାଷ୍ଟ୍ର ସଂସ୍କୃତି ମନ୍ତ୍ରୀ ସମ୍ମାନନୀୟ ଦେବରାଜ ସ୍ୱର୍ଗତ ମୌଲାନା ସାହେବଙ୍କ ଭାଷଣ ଶୁଣି ଅତି ପ୍ରସନ୍ନିତ ହୋଇଥିଲେ ଓ ଭାବବିହୋଳ ହୋଇଯାଥିଲେ ଏବଂ ପରେ ତାଙ୍କର ଭୂରି ଭୂରି ପ୍ରଶଂସା କରିଥିଲେ କାରଣ ଉକ୍ତ ଭାଷଣରେ ମୌଲାନା ସାହେବ ପବିତ୍ର ଧର୍ମଗ୍ରନ୍ଥ ଗୀତାର ଶ୍ଳୋକ ପଢ଼ି ହଜୁର ସ:ଆ:ସଙ୍କ ସତ୍ୟତାକୁ ପ୍ରମାଣିତ କରିଥିଲେ । ଅତଏବ ତାଙ୍କର ଏହି ଐତିହାସିକ ଭାଷଣ ଆଜି ମଧ୍ୟ ସେହି ଲୋକମାନଙ୍କ ମନରେ ଚୀରସ୍ମରଣୀୟ ହୋଇ ରହିଛି । ହଜ୍‌ରତ୍ ମସିହ ମଉଦ୍ ଆ:ସଙ୍କ ଚାରୋଟି ପୁସ୍ତକର ସେ ତାମିଲ ଭାଷାରେ ଅନୁବାଦ କରିଛନ୍ତି ଏବଂ ବିଭିନ୍ନ ପ୍ରସଙ୍ଗ ଅନୁଯାୟି ୭ଟି ପୁସ୍ତକ ତାମିଲ ଭାଷାରେ ସେ ସ୍ୱୟମ ଅନୁବାଦ କରିଛନ୍ତି । ତାମିଲନାଡୁ ଯମାତ୍‌ର ପ୍ରତ୍ରିକା ସମଦାନ ଓ୍ୱାଝି (samadana vazhi) ଜାରି କରି ଦୀର୍ଘ ସମୟ ଧରି ସେଠାରୁ ଓ ଅନ୍ୟ ପ୍ରଦେଶରୁ ସେ ପ୍ରକାଶ କରୁଥିଲେ । ଅଲ୍ଲାଃ ତାଲା ମୃତକଙ୍କ ପ୍ରତି ସଦୟ ହୁଅନ୍ତୁ ଏବଂ ବୈକୁଣ୍ଠରେ ତାଙ୍କର ସ୍ତରକୁ ଉନ୍ନୀତ କରନ୍ତୁ ତଥା ନିଜ ପ୍ରୀୟଜନଙ୍କ ଗହଣରେ ସ୍ଥାନିତ କରନ୍ତୁ ।

ତୃତୀୟ ଯନାଜାଃ ହେଉଛି ସମ୍ମାନନୀୟ ସ୍ୱର୍ଗତ ହବିବ୍ ଅହେମଦ୍ ସାହେବ୍ ମୁବଲ୍ଲିଗ୍ ସିଲ୍‌ସିଲାଙ୍କର, ସେ ରବୱାର ମୁହମ୍ମଦ ଇସ୍‌ମାଇଲ୍ ସାହେବଙ୍କର ସୁପୁତ୍ର ଥିଲେ । ଡ଼ିସେମ୍ବର ମାସ ୨୫ ତାରିଖରେ ୬୪ ବର୍ଷ ବୟସରେ ଇସ୍‌ଲାମାବାଦ୍‌ଠାରେ ହୃଦଘାତରେ ତାଙ୍କର ଅକାଳ ବିୟୋଗ ଘଟିଛି । *ଇନ୍ନା ଲିଲ୍ଲାହେ ଓ୍ୱ ଇନ୍ନା ଇଲୈହେ ରାଜେଉନ୍ ।*

୧୯୭୯ ମସିହାରେ ଜାମିୟା ଅହେମଦୀୟାରୁ ସେ ଉତୀର୍ଣ୍ଣ ହୋଇଥିଲେ । ଏହାପରେ ପାକିସ୍ତାନର ବିଭିନ୍ନ ଜିଲ୍ଲାରେ ସେବା କରିବାର ସେ ସୌଭାଗ୍ୟ ଅର୍ଜନ କରିଛନ୍ତି । ୧୯୮୯ ମସିହାରୁ ୨୦୦୩ ମସିହା ପର୍ଯ୍ୟନ୍ତ ନାଇଜେରିଆରେ ସେ ସେବା ସମ୍ପାଦନ କରିବାର ସୌଭାଗ୍ୟ ଲାଭ କରିଥିଲେ । ଉକ୍ତ ଅବଧିରେ ୧୯୯୮ ମସିହା ସେପ୍ଟେମ୍ବର ମାସରୁ ୨୦୦୦ ମସିହା ଅକ୍ଟୋବର ମାସ ପର୍ଯ୍ୟନ୍ତ ଅମୀର ଓ ମିଶ୍‌ନାରୀ ଇନ୍‌ଚାର୍ଜ ନାଇଜେରିଆ ଭାବରେ ମଧ୍ୟ କାର୍ଯ୍ୟ ତୁଲାଇଥିଲେ । ବିନମ୍ରତା, ବିନିତ ସ୍ୱଭାବ ସହିତ ସେ ଦାୟିତ୍ୱ ନିର୍ବାହ କରିଥିଲେ । କାର୍ଯ୍ୟାଳୟର କାର୍ଯ୍ୟ ବ୍ୟତିତ ମହଲାର ସଂସ୍କାର କାର୍ଯ୍ୟରେ ମଧ୍ୟ ଅତ୍ୟନ୍ତ ଉତମ ରୂପେ ମନଯୋଗ ଦେଉଥିଲେ । ମୃତକଙ୍କ ପରିଜନଙ୍କ ମଧ୍ୟରେ ତାଙ୍କ ପତ୍ନୀଙ୍କ ବ୍ୟତିତ ତିନିଜଣ ସୁପୁତ୍ରୀ ଓ ଦୁଇଜଣ ପୁତ୍ର ରହିଛନ୍ତି । ଅଲ୍ଲାଃ ତାଲା ମୃତକଙ୍କ ପ୍ରତି ସଦୟ ହୁଅନ୍ତୁ ଏବଂ ବୈକୁଣ୍ଠରେ ତାଙ୍କର ସ୍ତରକୁ ଉନ୍ନୀତ କରନ୍ତୁ ତାଙ୍କ ସନ୍ତାନସନ୍ତତିଙ୍କୁ ଖିଲାଫତ୍ ଓ ଯମାତ୍ ସହିତ ବିଶ୍ୱସ୍ତତାର ସହିତ ସମ୍ପର୍କ ରଖିବାକୁ ସାମର୍ଥ୍ୟ ପ୍ରଦାନ କରନ୍ତୁ ।

ଚତୁର୍ଥ ଯନାଜାଃ ହେଉଛି ୟୁ.କେର ସମ୍ମାନନୀୟ ସ୍ୱର୍ଗତ ବଦ୍‌ରୁଜମାନ ସାହେବଙ୍କର, ସେ କିଛି ସମୟ ଧରି ୟୁ.କେ ର ଓ୍ୱକାଲତ୍ ମାଲ୍ ବିଭାଗରେ କର୍ମରତ ଥିଲେ । ଅଲ୍ଲାଃ ତାଲାଙ୍କ ଲିଖିତ ବିଧାନ ଅନୁଯାୟୀ ଜାନୁୟାରୀ ମାସ ୩ ତାରିଖରେ ତାଙ୍କର ବିୟୋଗ ଘଟିଛି । *ଇନ୍ନା ଲିଲ୍ଲାହେ ଓ୍ୱ ଇନ୍ନା ଇଲୈହେ ରାଜେଉନ୍ ।*

ସେ ଅତ୍ୟନ୍ତ ନୈଷ୍ଠିକ ଓ ପରିଶ୍ରମୀ ବ୍ୟକ୍ତି ଥିଲେ । ୧୯୪୪ ମସିହାରେ ଭାରତର ଅମୃତସର ସହରରେ ଜନ୍ମଗ୍ରହଣ କରିଥିଲେ । ସେ ଜନ୍ମଗତ ଅହେମଦୀ ଥିଲେ । ଯେତେବେଳେ ସେ ସରକାରୀ ଚାକିରି କରୁଥିଲେ ସେତେବେଳେ କ୍ୱେଟା ଜିଲ୍ଲାର ଖୁଦାମୁଲ୍ ଅହେମଦୀୟାର କାଏଦ୍ ଭାବରେ ସେବା ସମ୍ପାଦନ କରିଥିଲେ । ଏହାପରେ ପୂନଶ୍ଚ ସେ ବେଲୁଚିସ୍ତାନର ଅନ୍‌ସାରୁଲ୍ଲାର ନାଜିମ୍ ମଧ୍ୟ ରହିଥିଲେ । ୧୯୮୬ ମସିହାରେ ଅଣଅହେମଦୀଙ୍କ ତରଫରୁ ତାଙ୍କ ଉପରେ ଏକ ମାମଲା ରୁଜୁ କରାଯାଇଥିଲା । ତଦନୁଯାୟୀ ସେ ଅସିରାନେ ରାହେ ମୌଲାର କାରାବରଣ ମଧ୍ୟ କରିଥିଲେ । ଅର୍ଥାତ ଅଲ୍ଲାଃଙ୍କ ମାର୍ଗରେ କାରାବରଣ କରିଥିଲେ । ୧୯୯୫ ମସିହାରୁ ୧୯୯୯ ମସିହା ପର୍ଯ୍ୟନ୍ତ ଓ୍ୱକାଲତେ ମାଲ୍ ଅଓ୍ୱଲ୍ ରବୱାରେ ସେବା କରିବାର ସୁଯୋଗ ପ୍ରାପ୍ତ କରିଥିଲେ । ତା'ପରେ ସେ ଲଣ୍ଡନ ଆସିଯାଇଥିଲେ ଏବଂ ରକିମ୍ ପ୍ରେସ୍‌ରେ ଦୀର୍ଘ ୧୭ ବର୍ଷ କାଳ ଓ୍ୱକାଲତେ ମାଲ୍ ଓ ଅତିରିକ୍ତ ଓ୍ୱକାଲତେ ମାଲ୍ ଲଣ୍ଡନ ଭାବରେ ତାଙ୍କୁ ସେବା ସମ୍ପାଦନ କରିବାର ସୌଭାଗ୍ୟ ପ୍ରାପ୍ତ ହୋଇଥିଲା । ଅଲ୍ଲାଃ ତାଲା ମୃତକଙ୍କ ପ୍ରତି ସଦୟ ହୁଅନ୍ତୁ ଏବଂ ବୈକୁଣ୍ଠରେ ତାଙ୍କର ସ୍ତରକୁ ଉନ୍ନୀତ କରନ୍ତୁ ।

ପଂଚମ ଯନାଜାଃ ହେଉଛି ସମ୍ମାନନୀୟ ସ୍ୱର୍ଗତ ମନ୍‌ସୁର୍ ଅହେମଦ୍ ତାସିର୍ ସାହେବଙ୍କର । ସେ ମୌଲବୀ ମୁହମ୍ମଦ ଅହମଦ ନଇମ୍ ସାହେବ ମୁବଲ୍ଲିଗ୍ ସିଲ୍‌ସିଲାଙ୍କର ପୁତ୍ର ଥିଲେ । ସେ ରବ୍‌ୱାର ଏହ୍‌ତିସାବ୍ ନଜାରତେ ଉମରେ ଆମା ବିଭାଗର କର୍ମଚାରୀ ଥିଲେ । ସେ ଏଠାରେ ଲଣ୍ଡନରେ ନିଜ ପୁତ୍ରଙ୍କ ନିକଟକୁ ଆସିଥିଲେ ଯେ, ଡ଼ିସେମ୍ବର ମାସ ୩୦ ତାରିଖ ଦିନ ୭୦ ବର୍ଷ ବୟସରେ ଅଲ୍ଲାଃ ତାଲାଙ୍କ ବିଧାନ ଅନୁଯାୟୀ ଦେହତ୍ୟାଗ କରିଥିଲେ । *ଇନ୍ନା ଲିଲ୍ଲାହେ ଓ୍ୱ ଇନ୍ନା ଇଲୈହେ ରାଜେଉନ୍ ।*

ସେ ନିଜ ଜୀବନର ପ୍ରାୟ ୫୦ ବର୍ଷ ବୟସ ଧରି ଯମାତ୍‌ର ବିଭିନ୍ନ କାର୍ଯ୍ୟରେ କର୍ମରତ ଥିଲେ । ଅତ୍ୟନ୍ତ ମେଳାପି, ଧାର୍ମିକ ଓ ବିନିତ ସ୍ୱଭାବର ବ୍ୟକ୍ତି ଥିଲେ । ଖିଲାଫତ୍ ସହିତ ତାଙ୍କର ଆବେଗପୂର୍ଣ୍ଣ ସମ୍ପର୍କ ରହିଥିଲା । ସେ ଅନ୍ୟମାନଙ୍କୁ ମଧ୍ୟ ବେଶ୍ ଅନୁପ୍ରାଣିତ କରୁଥିଲେ । ସେ ଅତ୍ୟନ୍ତ ସହନଶୀଳ ଭାବରେ ସମସ୍ୟାର ସମାଧାନ କରିଦେଉଥିଲେ । ପ୍ରାୟତଃ କ୍ଲିଷ୍ଟ ସମସ୍ୟାଗୁଡ଼ିକୁ ତାଙ୍କୁ ହସ୍ତାନ୍ତର କରାଯାଉଥିଲା ଏବଂ ବେଳେବେଳେ ଉଭୟ ପକ୍ଷ ପ୍ରଚଣ୍ଡ କ୍ରୋଧରେ ଅଣଆୟତଧିନ ହୋଇ କାର୍ଯ୍ୟାଳୟକୁ ଆସୁଥିଲେ । ସେତେବେଳେ ସେ ପ୍ରେମ ଓ ସହନାଭୂତି ଭାବରେ ସେମାନଙ୍କ ଭାବବେଗ ତଥା କ୍ରୋଧକୁ ଆୟତ କରିନେଉଥିଲେ ଏବଂ ସମସ୍ୟାର ସମାଧାନ କରିଦେଉଥିଲେ । ଯମାତ୍‌ର ସେବା କରିବାରେ ଏଭଳି ଉତ୍ସାହ ରହିଥିଲା କି ତାଙ୍କ ପତ୍ନୀ ଉଲ୍ଲେଖ କରିଛନ୍ତି ଯେ, ତାଙ୍କ ସୁପୁତ୍ରୀ ଡ଼ାକ୍ତର ଫାରିଆ ମନ୍‌ସୁର୍‌ଙ୍କ ଦାଓ୍ୱତେ ଓ୍ୱଲିମା ଥିଲା, ସେଦିନ ସେ ସକାଳୁ ସକାଳୁ ପ୍ରସ୍ତୁତ ହୋଇ ସଅଳ କାର୍ଯ୍ୟାଳୟକୁ ବାହାରିପଡ଼ିଲେ ତେବେ ତାଙ୍କ ପତ୍ନୀ କହିଲେ, ଆଜି ତା ବିବାହ ଉତ୍ସବ ଆଜି ଅନ୍ତତଃ ଛୁଟି ନେଇ ନିଅନ୍ତୁ । ସେ ଉତର ଦେଲେ ନିମନ୍ତ୍ରଣ ସମୟ ୨ଟାରେ ଅଛି ତେଣୁ ଅଯଥା ସମୟ ନଷ୍ଟ କରିବା ଅନୁଚିତ । ମୁଁ ବର୍ତମାନ କାର୍ଯ୍ୟାଳୟ ଯାଉଛି ୨ଟା ବେଳକୁ ଫେରିଆସିବି । ସେ ନିଜର ଉଚ୍ଚପଦସ୍ଥ ଅଧିକାରୀଙ୍କ ପ୍ରତି ସମ୍ମାନ ପ୍ରଦର୍ଶନ କରୁଥିଲେ । ଯଦି କୌଣସି ପ୍ରସଙ୍ଗରେ ମତପାର୍ଥକ୍ୟ ଦେଖା ଯାଉଥିଲା ତେବେ ସେ ପରିପ୍ରେକ୍ଷୀରେ ସେ ଭଦ୍ରାମିକୁ ଦୃଷ୍ଟିରେ ରଖି ସର୍ବଦା ନିଜର ମତାମତ ଦେଉଥିଲେ । ମୃତକଙ୍କ ପରିଜନଙ୍କ ମଧ୍ୟରେ ତାଙ୍କର ପତ୍ନୀଙ୍କ ବ୍ୟତିତ ଦୁଇ ପୁତ୍ର ଓ ପୁତ୍ରି ମଧ୍ୟ ରହିଛନ୍ତି ।

ମୁଁ ବାଲ୍ୟାବସ୍ଥାରୁ ତାଙ୍କୁ ବ୍ୟକ୍ତିଗତ ଭାବରେ ଜାଣିଛି, ସେ ମୋ ସହପାଠୀ ଥିଲେ ମୁଁ ସର୍ବଦା ତାଙ୍କୁ ଦେଖିଛି ବେଶ୍ ଶୁସିଳତା ପ୍ରଦର୍ଶନକାରୀ ବ୍ୟକ୍ତି ଥିଲେ । ହସିବା ଓ ମଜାଳିଆ ସ୍ୱଭାବର ବ୍ୟକ୍ତି ଥିଲେ । କେବେ କ୍ରୋଧିତ ହେଉନଥିଲେ । କାହା ସହ କଳହ କରୁନଥିଲେ ଏବଂ ଏହି କଥାଗୁଡ଼ିକ ତାଙ୍କଠାରେ ବେଶ୍ ଶେଷ ପର୍ଯ୍ୟନ୍ତ ବିଦ୍ୟମାନ ରହିଥିଲା । ଶାନ୍ତି ଓ ସନ୍ଧି ସ୍ଥାପନକାରୀ ବ୍ୟକ୍ତିତ୍ୱର ଅଧିକାରୀ ଥିଲେ ।

ଷଷ୍ଠ ଯନାଜାଃ ହେଉଛି ତାଞ୍ଜାନିୟାର ଡ଼ାକ୍ତର ସମ୍ମାନନୀୟ ସ୍ୱର୍ଗତ ଉବୈଦି ଇବ୍ରାହମ୍ ମୁଆଙ୍ଗା ସାହେବଙ୍କର । ଡ଼ିସେମ୍ବର ମାସ ୯ ତାରିଖ ଦିନ ୭୩ ବର୍ଷ ବୟସରେ ତାଙ୍କର ପରଲୋକ ଘଟିଛି । *ଇନ୍ନା ଲିଲ୍ଲାହେ ଓ୍ୱ ଇନ୍ନା ଇଲୈହେ ରାଜେଉନ୍ ।*

ସେ ୟୁଗାଣ୍ଡାର Makerere ବିଶ୍ୱବିଦ୍ୟାଳୟରେ ମେଡ଼ିକାଲ୍ ବିଭାଗରେ ପ୍ରବେଶ କରିଥିଲେ । ଅଲ୍ଲାଃ ତାଲାଙ୍କ କୃପାରୁ ପୂର୍ବ ଆଫ୍ରିକାର ସ୍ଥାନିୟ ଅହେମଦୀ ତଥା ଡ଼ାକ୍ତର ହେବାର ସେ ସୌଭାଗ୍ୟ ଅର୍ଜନ କରିଛନ୍ତି । ସ୍ୱର୍ଗତ ଡ଼ାକ୍ତର ସାହେବ ଯୁବା ବସ୍ଥାରେ ହିଁ ବୟତ କରିବାର ସୌଭାଗ୍ୟ ଅର୍ଜନ କରିଥିଲେ । ବିଦ୍ୟାଳୟ ଜୀବନରୁ ହିଁ ଧାର୍ମିକ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରୁଥିଲେ । ତଥାକଥିତ ଇସ୍‌ଲାମୀୟ ସଂସ୍କାର ପକ୍ଷରୁ ଯମାତ୍ ଅହେମଦୀୟା ଉପରେ ହେଉଥିବା ଅସଂଖ୍ୟ ଆପତି ଯୋଗୁଁ ତାଙ୍କ ମନରେ ଯମାତ୍ ବିଷୟରେ ଜାଣିବାକୁ ଉତ୍ସାହ ଉତ୍ପନ୍ନ ହୋଇଥିଲା । ସେହି ଯୁଗରେ ହିଁ ତାଙ୍କର ସାକ୍ଷାତ ମୁବଲ୍ଲିଗ୍ ସିଲ୍‌ସିଲା ଶେଖ୍ ଅବୁ ତାଲିବ୍ ସାନ୍ଦି ସାହେବଙ୍କ ସହିତ ହୋଇଥିଲା । ସେ ତାଙ୍କର ସମ୍ପର୍କରେ ଆସିଥିଲେ । ଯେତେବେଳେ ତାଙ୍କ ସହିତ ଆପତି ପ୍ରସଙ୍ଗରେ ବାର୍ତାଳାପ ହେଲା । ସେତେବେଳେ ଶେଖ୍ ସାହେବ କେବଳ ବିସ୍ତୃତ ଭାବରେ ନୁହେଁ ବରଂ ବିରୋଧିମାନଙ୍କ କପଳକଳ୍ପିତ ଆପତିର ଉତର ଦେଇ ତାଙ୍କୁ ଯମାତ୍ ସହିତ ପରିଚିତ କରିଥିଲେ । କେବଳ ସେତିକି ନୁହେଁ ତାଙ୍କୁ ଯମାତ୍ ଅହେମଦୀୟା ପକ୍ଷରୁ ପ୍ରକାଶିତ ସଓ୍ୱାହେଲି ଭାଷାରେ ଅନୁବାଦିତ କୁର୍‌ଆନ୍ କରିମ୍ ଓ ଅନ୍ୟାନ୍ୟ ପୁସ୍ତକ ମଧ୍ୟ ପ୍ରଦାନ କରିଥିଲେ । ସେହି ପୁସ୍ତକଗୁଡ଼ିକ ଅଧ୍ୟୟନ କରି ଡ଼ାକ୍ତର ସାହେବ ବୟତ କରିନେଇଥିଲେ । ଅଲ୍ଲାଃ ତାଲାଙ୍କ କୃପାରୁ ସେ ନିଜର ଶପଥକୁ ଶେଷ ନିସ୍ୱାଶ ପର୍ଯ୍ୟନ୍ତ ବଜାୟ ରଖିଥିଲେ । ସେ ସର୍ବଦା ଓ ସବୁବେଳେ ପ୍ରତ୍ୟେକ ଶ୍ରେଣୀ ଓ ଗୋଷ୍ଠୀର ଲୋକମାନଙ୍କୁ ଇସ୍‌ଲାମ୍ ଓ ଅହେମଦୀୟତ୍‌ର ବାର୍ତା ପହଂଚାଇବାରେ ଅଭ୍ୟସ୍ତ ଥିଲେ । ତବ୍‌ଲିଗ୍ ଅର୍ଥାତ ଧର୍ମ ପ୍ରଚାର ପାଇଁ ତାଙ୍କ ମନରେ ଏକ ଉତ୍ସାହ ରହିଥିଲା ଯଦ୍ୱାରା ଅହେମଦୀ ଓ ଅଣଅହେମଦୀଙ୍କ ଠାରେ ସେ ବିଶେଷରୂପେ ସୁନାମ ଅର୍ଜନ କରିନେଇଥିଲେ । ସେ ସର୍ବଦା ନିଜ ବ୍ୟାଗରେ ଯମାତ୍‌ର ପୁସ୍ତକ ଓ ପ୍ରତ୍ରିକାମାନ ରଖୁଥିଲେ ଓ ତାହାକୁ ବିକ୍ରି କରୁଥିଲେ । ତାଙ୍କ ଲୋକମାନେ ପ୍ରଶ୍ନ କଲେ କି ଆପଣ ଡ଼ାକ୍ତର ହୋଇ ଏଠାରେ ପୁସ୍ତକ ବିକ୍ରି କରୁଛନ୍ତି ? ପ୍ରତିଉତରରେ ସେ ଅତ୍ୟନ୍ତ ପ୍ରସନ୍ନଚିତ ଶୈଳୀରେ ଏ ଉତର

ଦେଉଥିଲେ ଯେ ଯେତେବେଳେ ଚିକିତ୍ସାଳୟରେ ଥାଏ ସେତେବେଳେ ମୁଁ ଶାରିରୀକ ଚିକିତ୍ସା କରିଥାଏ ଆଉ ଯେତେବେଳେ ବଜାର ବା ବାହାରେ ରହିଥାଏ ସେତେବେଳେ ମୁଁ ଆତ୍ମାର ଚିକିତ୍ସା କରିଥାଏ । ଏହି ଦୁଇ ବସ୍ତୁକୁ ପରସ୍ପରଠାରୁ ନା ତ ପୃଥକ କରଯାଇପାରିବ ଓ ନା ଏଗୁଡ଼ିକ ଅଣଦେଖା କରାଯାଇପାରିବ । କାରଣ ଏଗୁଡ଼ିକ ପରସ୍ପର ପରିପୂରକ ଅଟନ୍ତି । ସେ ଖିଲାଫତ୍‌କୁ ବହୁତ ଭଲ ପାଉଥିଲେ ଓ ଆନୁଗତ୍ୟ ପରିପ୍ରକାଶ କରୁଥିଲେ । ସନ୍ତାନମାନଙ୍କର ଇସ୍‌ଲାମୀୟ ପରମ୍ପରା ଅନୁଯାୟୀ ଭରଣପୋଷଣ ଓ ସଂସ୍କାର ମଧ୍ୟ କରିଥିଲେ । ସେ ସଂସ୍କାର ଓ ଶିକ୍ଷା ପ୍ରତି ବିଶେଷ ଧ୍ୟାନ ଦେଉଥିଲେ । ସେହିପରି ଘରେ ମଧ୍ୟ ପିଲାମାନଙ୍କ ସହିତ ବାଯମାତ୍ ନମାଜ ପଢ଼ିବାର ଆୟୋଜନ କରୁଥିଲେ । ଘରେ ଏକ ପାଠାଗାର ମଧ୍ୟ ସ୍ଥାପିତ କରିଥିଲେ, ଯହିଁରେ ଅନ୍ୟାନ୍ୟ ଜ୍ଞାନ ସମ୍ବନ୍ଧିତ ପୁସ୍ତକ ସହିତ ଯମାତ୍‌ର ପୁସ୍ତକ ମଧ୍ୟ ରଖିଥିଲେ । ନିଜ ସନ୍ତାନମାନଙ୍କର ଅହେମଦୀୟତ୍‌ରେ ଅଟଳ ରହିବା ସଂକ୍ରାନ୍ତରେ ସ୍ୱୟମ ମଧ୍ୟ ଦୁଆ କରୁଥିଲେ ଓ ଅନ୍ୟମାନଙ୍କୁ ମଧ୍ୟ ଏଥିପ୍ରତି କହୁଥିଲେ । ସେ ଯମାତ୍ ସହିତ ସଂଶ୍ଳିଷ୍ଟ ଥିଲେ । ତାଙ୍କର ସନ୍ତାନମାନେ ନିଜାମେ ଯମାତ୍ ସହିତ ସଂଶ୍ଳିଷ୍ଟ ଅଛନ୍ତି । ସେମାନେ ନିଜ ପିତାଙ୍କ ପରି ସ୍ୱଭାବ ରଖନ୍ତି । ଅଲ୍ଲାଃ ତାଲା ସ୍ୱର୍ଗତଙ୍କ ସନ୍ତାନମାନଙ୍କୁ ସର୍ବଦା ଯମାତ୍ ସହିତ ସଂଶ୍ଳିଷ୍ଟ ରଖନ୍ତୁ ଓ ତାଙ୍କ ପିତାଙ୍କ ଦୁଆ ଓ ଉତମ କର୍ମଗୁଡ଼ିକୁ ବଜାୟ ରଖିବାକୁ ସାମର୍ଥ୍ୟ ପ୍ରଦାନ କରନ୍ତୁ । ଡ଼ାକ୍ତର ସାହେବଙ୍କ ପ୍ରତି ଅଲ୍ଲାଃ ତାଲା ସଦୟ ହୁଅନ୍ତୁ ଏବଂ ବୈକୁଣ୍ଠରେ ତାଙ୍କର ସ୍ତରକୁ ଉନ୍ନୀତ କରନ୍ତୁ ।

ସପ୍ତମ ଯନାଜାଃ ହେଉଛି ସମ୍ମାନନୀୟା ସ୍ୱର୍ଗତା ସୁଗ୍ରା ବେଗମ୍ ସାହେବାଙ୍କର । ସେ କାଦିୟାନ୍‌ର ଦୀନ୍ ମୁହମ୍ମଦ ସାହେବ ନଙ୍ଗଲୀ ଦରୱେଶଙ୍କର ପତ୍ନୀ ଥିଲେ । ଚଳିତ ଜାନୁୟାରୀ ମାସ ୬ ତାରିଖ ଦିନ ୮୫ ବର୍ଷ ବୟସରେ ତାଙ୍କର ଦେହାନ୍ତ ହୋଇଛି । *ଇନ୍ନା ଲିଲ୍ଲାହେ ୱ ଇନ୍ନା ଇଲୈହେ ରାଜେଉନ୍*

ସେ ହଜ୍‌ରତ୍ ମସିହ ମଉଦ୍ ଆ:ସଙ୍କ ସାହାବି ହଜ୍‌ରତ୍ ହକିମ୍ ମୁହମ୍ମଦ ରମ୍‌ଜାନ ସାହେବଙ୍କର ସୁପୁତ୍ରୀ ଥିଲେ । ସେ ନିୟମିତ ନମାଜ ତହ୍‌ଯୁଦ୍ ଓ ଅନ୍ୟାନ୍ୟ ନମାଜ ପାଠ କରୁଥିଲେ । ବ୍ରତପାଳନ କରିବା, ଅତିଥି ସତ୍କାର କରିବା, ଧୈର୍ଯ୍ୟଶୀଳ ଏବଂ ପରିଶ୍ରମୀ ମହିଳା ଥିଲେ । ସେ ଅନେକ ସଂଖ୍ୟକ ସୁଗୁଣାବଳୀର ଅଧିକାରୀ ଥିଲେ, ଖିଲାଫତ୍ ସହିତ ବେଶ୍ ଆନୁଗତ୍ୟ ରହିଥିଲା । ଲଜ୍‌ନା ଇମାଉଲାରେ ତାଙ୍କୁ ଖିଦ୍‌ମତେ ଖଲ୍‌କ ସଚିବ ଭାବରେ ସେବା କରିବାର ସୁଯୋଗ ପ୍ରାପ୍ତ ହୋଇଥିଲା । ସ୍ୱର୍ଗତା ୱସିୟତ୍ କରିଥିଲେ । ମୃତକଙ୍କ ପରିଜନଙ୍କ ମଧ୍ୟରେ ଦୁଇ ପୁତ୍ର ଓ ଦୁଇ କନ୍ୟା ରହିଛନ୍ତି । ଗୋଟିଏ ପୁତ୍ର ବଶିରୁଦ୍ଦିନ୍ ସାହେବଙ୍କୁ ୪୦ ବର୍ଷ ବୟସ ପର୍ଯ୍ୟନ୍ତ ସେବା କରିବାର ସୌଭାଗ୍ୟ ଅର୍ଜନ ହୋଇଥିଲା । ଦ୍ୱିତୀୟ ପୁତ୍ର ମୁନିରୁଦ୍ଦିନ୍ ସାହେବ ଯିଏ ବର୍ତମାନ କାଦିୟାନ୍ ନିଜାମେ ତାମିରାଦ୍ ବିଭାଗରେ କର୍ମରତ ଅଛନ୍ତି । ଅଲ୍ଲାଃ ତାଲା ସ୍ୱର୍ଗତାଙ୍କ ପ୍ରତି ସଦୟ ହୁଅନ୍ତୁ ଓ ତାଙ୍କ ସନ୍ତାନସନ୍ତତିଙ୍କୁ ତାଙ୍କ ପୂଣ୍ୟାବଳୀଗୁଡ଼ିକୁ ଅଭ୍ୟାହତ ରଖିବାକୁ ସାମର୍ଥ୍ୟ ପ୍ରଦାନ କରନ୍ତୁ ।

ଅଷ୍ଟମ ଯନାଜାଃ ହେଉଛି ସମ୍ମାନନୀୟ ସ୍ୱର୍ଗତ ଚୌଧୁରୀ କରାମତୁଲ୍ଲାଃ ସାହେବଙ୍କର । ଡ଼ିସେମ୍ବର ମାସ ୨୬ ତାରିଖ ଦିନ ୯୫ ବର୍ଷ ବୟସରେ ତାଙ୍କର ବିୟୋଗ ହୋଇଛି । *ଇନ୍ନା ଲିଲ୍ଲାହେ ୱ ଇନ୍ନା ଇଲୈହେ ରାଜେଉନ୍ ।*

ସ୍ୱର୍ଗତ ଚୌଧୁରୀ କରାମତୁଲ୍ଲାଃ ସାହେବ ହଜ୍‌ରତ୍ ମସିହ ମଉଦ୍ ଆ:ସଙ୍କ ସାହାବି ହଜ୍‌ରତ୍ ଚୌଧୁରୀ ସାହାଦିନ୍ ସାହେବ୍ ଗଠିଆଲିଆଁଙ୍କ ପୌତ୍ର ଥିଲେ । ଯିଏ ହଜ୍‌ରତ୍ ମସିହ ମଉଦ୍ ଆ:ସଙ୍କ ସିଆଲ୍‌କୋଟ ଆଗମନରେ ବୟତ କରିବାର ସୌଭାଗ୍ୟ ଅର୍ଜନ କରିଥିଲେ । ସ୍ୱର୍ଗତ ଚୌଧୁରୀ କରାମତୁଲ୍ଲାଃ ସାହେବ ଜଣେ ସଜ୍ଜନ ବ୍ୟକ୍ତି ଥିଲେ । ଅଭାବି, ଦୀନଦରିଦ୍ର ବ୍ୟକ୍ତିମାନଙ୍କୁ ଭଲ ପାଉଥିବା ତଥା ଅଭାବିମାନଙ୍କର ଦେଖାଶୁଣା କରିବା ବ୍ୟକ୍ତିଥିଲେ । ସେ ଯେ କୌଣସି ପରିସ୍ଥିତିରେ ଅଲ୍ଲାଃ ତାଲାଙ୍କର କୃତଜ୍ଞତା ଜ୍ଞାପନକାରୀ ନୈଷ୍ଠିକ ଅହେମଦୀ ଥିଲେ ।

ତାଙ୍କର ସୁପୁତ୍ର ସୁହେଲ୍ ସାହେବ ଉଲ୍ଲେଖ କରନ୍ତି । ସ୍ୱର୍ଗତଙ୍କଠାରେ ଅତିଥିସତ୍କାର ଗୁଣ ଭରି ରହିଥିଲା ଯାହାର ପରିପ୍ରକାଶ ବିଶେଷରୂପେ ସେତେବେଳେ ହେଉଥିଲା । ଯେତେବେଳେ ୱକିଫିନେ ଜିନ୍ଦେଗୀ ଲୋକମାନେ ଯମାତି ଗସ୍ତରେ ସିନ୍ଧ୍‌ର ବଦୀନ୍ ଆସୁଥିଲେ । ତାଙ୍କୁ ଫୁର୍‌କାନ୍ ଫୋର୍ସରେ ସେବା କରିବାର ମଧ୍ୟ ସୌଭାଗ୍ୟ ଅର୍ଜନ ହୋଇଥିଲା । ୧୯୮୩ ମସିହାରୁ ୨୦୧୮ ମସିହା ପର୍ଯ୍ୟନ୍ତ ଅଲ୍‌ଫଜଲ୍ ଇଂଟରନ୍ୟାସନାଲ୍ କାର୍ଯ୍ୟାଳୟରେ ସେବା ସମ୍ପାଦନ କରିବାର ସୌଭାଗ୍ୟ ଲାଭ ହୋଇଥିଲା । ସେ ଆରମ୍ଭରୁ ହିଁ ନିଜ ବାସଗୃହକୁ ଫଙ୍କସନ୍ ପାଇଁ ଉତ୍ସର୍ଗ କରିଦେଇଥିଲେ ଏବଂ ସାମ୍ପ୍ରତିକ ବାସଗୃହରେ ମଧ୍ୟ ଏକ ଅଂଶ ନମାଜ ସେଂଟର ପାଇଁ ନିର୍ମାଣ କରିଥିଲେ । ତାଙ୍କର ସୁପୁତ୍ର ଓ ସୁପୁତ୍ରୀ ଯମାତ୍ ପାଇଁ କର୍ମ ସମ୍ପାଦନ କରୁଛନ୍ତି । ତାଙ୍କର ଜଣେ ନାତି ଫରହାଦ୍ ଅହେମଦ୍ ମୁବଲ୍ଲିଗ୍ ସିଲ୍‌ସିଲା ଅଛନ୍ତି ଓ ସେ ଏହି ୟୁ.କେରେ ପ୍ରେସ୍ ଆଣ୍ଡ ମିଡିଆରେ ହିଁ ମୁବଲ୍ଲିଗ୍ ସିଲ୍‌ସିଲା ଅଛନ୍ତି । ଅଲ୍ଲାଃ ତାଲା ସ୍ୱର୍ଗତଙ୍କ ପ୍ରତି ସଦୟ ହୁଅନ୍ତୁ ଓ ତାଙ୍କ ସନ୍ତାନସନ୍ତତିଙ୍କୁ ତାଙ୍କ ପୂଣ୍ୟାବଳୀଗୁଡ଼ିକୁ ଅଭ୍ୟାହତ ରଖିବାକୁ ସାମର୍ଥ୍ୟ ପ୍ରଦାନ କରନ୍ତୁ ।

ନବମ ଯନାଜାଃ ହେଉଛି ଚୌଧୁରୀ ମୁନୱ୍ୱର୍ ଅମେହଦ୍ ଖାଲିଦ୍ ସାହେବ ଜର୍ମାନୀଙ୍କର । ଯିଏ ୨୦ ଅଗଷ୍ଟରେ ୮୫ ବର୍ଷ ବୟସରେ ଇହଧାମ ତ୍ୟାଗ କରିଥିଲେ । *ଇନ୍ନା ଲିଲ୍ଲାହେ ୱ ଇନ୍ନା ଇଲୈହେ ରାଜେଉନ୍*

ସ୍ୱର୍ଗତଙ୍କ ନିଜାମେ ଯମାତ୍ ସହିତ ଘନିଷ୍ଠ ସମ୍ପର୍କ ରହିଥିଲା । ପ୍ରଚାରକ ଓ ସଂସ୍କାରିକ ପ୍ରଚେଷ୍ଟାର ଭରପୂର ଅଂଶ ଗ୍ରହଣ କରୁଥିଲେ ଏବଂ ବିଭିନ୍ନ ସମୟରେ ଜର୍ମାନୀର ସଦର୍ ଯମାତ୍ ଓ ଜେନେରାଲ୍ ସେକ୍ରେଟାରୀ ରୂପେ ସେବା ସମ୍ପାଦନ କରିବାର ସୁଯୋଗ ଲାଭ କରିଥିଲେ । ଅନ୍‌ସାରୁଲ୍ଲାଃର ବିଭିନ୍ନ ପଦବୀରେ ସେବା ସମ୍ପାଦନ କରିବାର ସୁଯୋଗ ପାଇଥିଲେ । ଏତଦ୍‌ଭିନ୍ନ ଯେତେବେଳେ ବି ପାକିସ୍ତାନରେ ଥିଲେ ସେତେବେଳେ ତେହ୍‌ରିକେ ଯଦିଦ୍‌ର ମ୍ୟାନେଜର ଭାବରେ ତାଙ୍କୁ ସେବା କରିବାର ସୌଭାଗ୍ୟ ଲାଭ ହୋଇଥିଲା । ଖିଲାଫତ୍ ସହିତ ତାଙ୍କର ଘନିଷ୍ଠ ତଥା ନିଷ୍ଠାପୂର୍ଣ୍ଣ ସଂପର୍କ ରହିଥିଲା । ସେ ଜଣେ ୱସିୟତକାରୀ ବ୍ୟକ୍ତି ଥିଲେ । ମୃତକଙ୍କ ପରିଜନ ମଧ୍ୟରେ ପାଂଚଜଣ ପୁତ୍ର ଓ ଛଅଜଣ ପୁତ୍ରୀ ରହିଛନ୍ତି ।

ଦଶମ ଯନାଜାଃ ହେଉଛି ସମ୍ମାନନୀୟା ସ୍ୱର୍ଗତା ନସୀରା ବେଗମ୍ ସାହେବାଙ୍କର । ସେ ବାଂଲାଦେଶର ଅବସର ପ୍ରାପ୍ତ ସାଦିକ୍ ତାହିର୍ ମେହ୍‌ମୁଦ୍ ସାହେବଙ୍କର ପତ୍ନୀ ଥିଲେ । ନଭେମ୍ବର ମାସ ୨୭ ତାରିଖ ଦିନ ଅଲ୍ଲାଃ ତାଲାଙ୍କ ଲିଖିତ ବିଧାନ ଅନୁଯାୟୀ ତାଙ୍କର ଦେହାନ୍ତ ହୋଇଛି । *ଇନ୍ନା ଲିଲ୍ଲାହେ ୱ ଇନ୍ନା ଇଲୈହେ ରାଜେଉନ୍ ।*

ସ୍ୱର୍ଗତ ସମ୍ମାନନୀୟ ମୌଲବୀ ମୁହମ୍ମଦ ସାହେବ ପୂର୍ବତନ ନ୍ୟାସନାଲ୍ ଅମୀର ସାହେବଙ୍କର ସୁପୁତ୍ରୀ ଥିଲେ । ସ୍ୱର୍ଗତା ନମାଜ ଓ ରୋଜାର ନିୟମିତ ପାଳନ କରୁଥିଲେ । ଅତିଥି ସତ୍କାର କରିବା କୃତଜ୍ଞତା ଜ୍ଞାପନ କରିବା ମହିଳା ଥିଲେ । ରମ୍‌ଜାନ୍ ମାସରେ ନିୟମିତ ରୂପେ ତିଲାୱତ୍ କୁର୍‌ଆନେ କରିମ୍ କରିବା ଓ ତାହାକୁ ଶେଷ କରିବା ଅର୍ଥାତ କୁରାନେ କରିମ୍‌କୁ ପାଠ କରି ଶେଷ କରିବା ଏତଦ୍‌ଭିନ୍ନ ତାଙ୍କର ଅନେକ ବିଶେଷଗୁଣାବଳୀ ରହିଛି । ଅଲ୍ଲାଃ ତାଲା ମୃତକଙ୍କ ପ୍ରତି ସଦୟ ହୁଅନ୍ତୁ ଏବଂ ବୈକୁଣ୍ଠରେ ତାଙ୍କର ସ୍ତରକୁ ଉନ୍ନୀତ କରନ୍ତୁ ତଥା ନିଜ ପ୍ରୀୟଜନଙ୍କ ଗହଣରେ ସ୍ଥାନିତ କରନ୍ତୁ ।

ପରବର୍ତୀ ଯନାଜାଃ ହେଉଛି ସ୍ୱର୍ଗତ ରଫିଦ୍ଦିନ୍ ବଟ୍ ସାହେବଙ୍କର ଯେ କି ଡ଼ିସେମ୍ବର ମାସ ୬ ତାରିଖ ଦିନ ୯୨ ବର୍ଷ ବୟସରେ ତାଙ୍କର ବିୟୋଗ ହୋଇଥିଲା । *ଇନ୍ନା ଲିଲ୍ଲାହେ ୱ ଇନ୍ନା ଇଲୈହେ ରାଜେଉନ୍ ।*

ସେ ହଜ୍‌ରତ୍ ମସିହ ମଉଦ୍ ଆ:ସଙ୍କ ସାହାବି ଖୈରୁଦ୍ଦିନ୍ ସାହେବଙ୍କର ସୁପୁତ୍ର ଥିଲେ । ଅଲ୍ଲାଃ ତାଲାଙ୍କ କୃପାରୁ ସେ ଯୁବବୟସରେ ହିଁ ନିଜାମେ ୱସିୟତ୍‌ରେ ସାମିଲ ହୋଇଥିଲେ । ବିଭିନ୍ନ ସ୍ଥାନରେ ତାଙ୍କୁ ଯମାତ୍‌ର ସେବା କରିବାର ସୁଯୋଗ ପ୍ରାପ୍ତ ହୋଇଥିଲା । ବଦୁମଲହି ଜିଲ୍ଲା ନରୱାଲ୍ ସଦର୍ ଯମାତ୍ ଓ ହଲ୍‌କା ଅମୀର ମଧ୍ୟ ଥିଲେ । ସେ ୱହାକେଂଟ୍ ର ସଦର ମଧ୍ୟ ରହିଥିଲେ । ଅସିରାନେ ରହେମୁଲ୍ଲା ହେବାର ମଧ୍ୟ ତାଙ୍କୁ ସୌଭାଗ୍ୟ ଅର୍ଜନ ହୋଇଛି । ମୃତକଙ୍କ ପରିଜନମାନଙ୍କ ମଧ୍ୟରେ ୪ଜଣ ପୁତ୍ରୀ ଓ ଜଣେ ପୁତ୍ର ରହିଛନ୍ତି । ତାଙ୍କର ଜଣେ ଜ୍ୱାଇଁ ନସିମ୍ ସାହେବ ନାଇଜେରିଆର ମୁବଲ୍ଲିଗ୍ ଭାବରେ ସେବା ସମ୍ପାଦନ କରୁଛନ୍ତି । ଅଲ୍ଲାଃ ତାଲା ମୃତକଙ୍କ ପ୍ରତି ସଦୟ ହୁଅନ୍ତୁ ଏବଂ ବୈକୁଣ୍ଠରେ ତାଙ୍କର ସ୍ତରକୁ ଉନ୍ନୀତ କରନ୍ତୁ ତଥା ନିଜ ପ୍ରୀୟଜନଙ୍କ ଗହଣରେ ସ୍ଥାନିତ କରନ୍ତୁ । ଆମିନ୍...

ଯେପରି ମୁଁ କହିଲି କି ନମାଜ ପରେ ସମସ୍ତଙ୍କର ନମାଜ ଯନାଜାଃ ଗାଏବ ପାଠ କରାଇବି ।

⌘⌘⌘⌘⌘⌘⌘⌘⌘⌘⌘

*ପୃଷ୍ଠା- ୧୨ ର ଅବଶିଷ୍ଟାଂଶ ......*

ମକ୍କାରୁ ଆସିଥିବା ସେନା ଦଳ ଅସ୍ତ୍ରଶସ୍ତ୍ର ଧରି ଆସିଥିବା ସତ୍ୱେ ଓ ବହୁତ well equiped ହେବା ସତ୍ୱେ ମଧ୍ୟ ଅଳ୍ପ କିଛି ମୁସଲମାନମାନଙ୍କ ସମ୍ମୁଖରେ ହାର ମାନିନେଲେ ଓ ମୁସଲମାନମାନେ ସେମାନଙ୍କର ମୁକାବିଲାରେ ପ୍ରାୟ ଏକ ତୃତୀୟାଂଶ ଥିବା ସତ୍ୱେ ଓ ନିଜ ନିକଟରେ କୌଣସି ଅସ୍ତ୍ରଶସ୍ତ୍ର ନଥିବା ସତ୍ୱେ ମଧ୍ୟ ଯୁଦ୍ଧ ଜିତି ଗଲେ । ମୁସଲମାନମାନଙ୍କର ଏହା ପ୍ରଥମ ଯୁଦ୍ଧ ଥିଲା । ଏହା ଥିଲା ଯୁଦ୍ଧର back-ground ଓ ପବିତ୍ର କୁର୍‌ଆନ୍‌ରେ ଏହା ଥିଲା ନିର୍ଦ୍ଦେଶ ଯେ ଅଲ୍ଲାଃ ତାଲା ମୁସଲମାନମାନଙ୍କୁ କାହିଁକି ଏବେ ଯୁଦ୍ଧ କରିବାପାଇଁ ଅନୁମତି ଦେଲା । କିନ୍ତୁ ଏଥିରେ ମଧ୍ୟ ଇସ୍‌ଲାମ୍‌ର ପ୍ରତିଷ୍ଠାତା ସେମାନଙ୍କ ସହିତ ଯେଉଁ ନମ୍ର ଆଚରଣ କରିଛନ୍ତି ତାହାର ଉଦାହରଣ ଦେଖିନିଅନ୍ତୁ । ଯୁଦ୍ଧ ଶେଷ ହେବା ପରେ ଯେଉଁ ଶିକ୍ଷିତ ଲୋକମାନେ କଏଦି ହୋଇ ଆସିଥିଲେ ଆପଣ ସ:ଆ:ସ ସେମାନଙ୍କୁ କହିଲେ ଯେ ଯଦି ତୁମେମାନେ ମୁସଲମାନମାନଙ୍କୁ ଲେଖା ପଢ଼ା ଶିଖାଇ ଦେବ ତା'ହେଲେ ତୁମକୁ ମୁକ୍ତ କରି ଦିଆଯିବ । ଶିକ୍ଷା ଏତେ ଜରୁରୀ ଯେ ତାହା ମଣିଷକୁ ହାସଲ କରିବା ଉଚିତ । ଆପଣ ସ:ଆ:ସ ଜୀବନ ଶତୃମାନଙ୍କ ସହିତ ଏତେମାତ୍ରାରେ ନମ୍ର ବ୍ୟବହାର କରିଛନ୍ତି କାରଣ ଏହା ଦ୍ୱାରା ମାନବିକ ମୂଲ୍ୟବୋଧ ପ୍ରତିଷ୍ଠା ହେଉ ଓ ଶିକ୍ଷା ଆହାରଣ କରି ଲୋକମାନେ ଶିକ୍ଷିତ ହୁଅନ୍ତୁ ଫଳତଃ ଶିକ୍ଷାର ପ୍ରଚୁର ପ୍ରସାର ହେବ ଓ ଲୋକମାନଙ୍କର ଅଜ୍ଞତା ଦୂର ହେଉ ।

ହଜୁର ଅନୱ୍ୱର ଅ:ବ:ଅ କହିଲେ: ଇସ୍‌ଲାମ୍‌ର ପ୍ରତିଷ୍ଠାତା ହଜ୍‌ରତ୍ ମୁହମ୍ମଦ ସ:ଆ:ସ ଯେତେବେଳେ ମକ୍କାରେ ଥିଲେ, ସେଠିକାର ବଡ଼ ବଡ଼ ସର୍‌ଦାର ( ଆପଣ ସ:ଆ:ସ ମଧ୍ୟ ଏକ ବଡ଼ ବଂଶର ସୁପୁତ୍ର ଥିଲେ)ମାନେ ଏକ କମିଟି ତିଆରି କଲେ । ତାହା ଗରୀବମାନଙ୍କୁ ସାହାଯ୍ୟ କରିବା ନିମନ୍ତେ ଉଦ୍ଦିଷ୍ଟ ହେଲା । କିନ୍ତୁ ତା'ପରେ ଯେବେ ଆପଣ ସ:ଆ:ସ ନବୁୱ୍ୱତ୍‌ର ଦାବି କଲେ, ସେତେବେଳେ ଅବିଶ୍ୱାସକାରୀମାନଙ୍କ ମଧ୍ୟରୁ ଯେଉଁ ବଡ଼ ବଡ଼ ସର୍ଦ୍ଦାରମାନେ ଥିଲେ, ସେମାନେ ଆପଣ ସ:ଆ:ସଙ୍କର ବିରୋଧି ହୋଇଗଲେ କିନ୍ତୁ ଗରୀବମାନଙ୍କୁ ସାହାଯ୍ୟ କରିବାର ଆପଣ ସ:ଆ:ସ ଏତେମାତ୍ରାରେ ଭାବନା ଥିଲେ ଯେ ମଦିନା ଆସିବା ପରେ ମଧ୍ୟ ଯେବେ ଗରୀବମାନଙ୍କୁ ସାହାଯ୍ୟ କରିବା ସମ୍ବନ୍ଧରେ ଚର୍ଚ୍ଚା ହେଲା ଯେ Charity କାର୍ଯ୍ୟେ ଆମକୁ କିପରି Organize କରିବା ଉଚିତ ଓ କିଭଳି ଆମେ ଗରୀବମାନଙ୍କ ଉନ୍ନତି ପାଇଁ କାମ କରିବା ଉଚିତ ସେତେବେଳେ ଆପଣ ସ:ଆ:ସ କହିଲେ: ଯେଉଁ ଲୋକମାନଙ୍କ ସହିତ ମୋର ଏକ ଚୁକ୍ତି ହୋଇଥିଲା ଓ ଆମେ ଏକ କମିଟି ବନାଇଥିଲୁ ଓ ଆମେ ଗରୀବମାନଙ୍କୁ ସାହାଯ୍ୟ କରୁଥିଲୁ । ସେହି ଲୋକମାନେ ମୋର ବିରୋଧି ହେବା ସତ୍ୱେ ମଧ୍ୟ ଓ ମତେ ଅଲ୍ଲାଃ ତାଲା ନବୁୱ୍ୱତ୍‌ର ପଦବୀ ପ୍ରଦାନ କରିବା ସତ୍ୱେ ମଧ୍ୟ ଓ ବହୁ ସଂଖ୍ୟକ ମୁସଲମାନ ମୋର ଅନୁଯାୟୀ ଥିବା ସତ୍ୱେ ମଧ୍ୟ ଓ ମୁଁ ମଦିନାର

ଶାସକ ମୂଖ୍ୟ ହେବା ସତ୍ୱେ ମଧ ଯଦି ସେହିଲୋକମାନେ ମତେ ଗରୀବକୁ ସାହାଯ୍ୟ କରିବାପାଇଁ ଡ଼ାକନ୍ତି ତା'ହେଲେ ମୁଁ ଆଜି ମଧ୍ୟ ମାନବ ଜାତିର ସେବାପାଇଁ ସେମାନଙ୍କ ସହିତ ସାମିଲ ହେବାକୁ ପ୍ରସ୍ତୁତ ଅଛି । ଜଣେ ସଦସ୍ୟ ରୂପେ ନା କି ପୋଷ୍ଟଧାରକ ରୂପରେ । ଅର୍ଥାତ ପଦବୀପାଇଁ ନୁହେଁ । ଏହା ଥିଲା ଆପଣ ସ:ଆସଙ୍କ ପଦମର୍ଯ୍ୟଦା ଆପଣଙ୍କ ନମ୍ର ସ୍ୱଭାବର ଅବସ୍ଥା ଏପରି ଥିଲା । କିପରି ଆପଣ ସ:ଆସ Integration ପାଇଁ କାମ କରିଛନ୍ତି । ଏଠାରେ Integration ର ବହୁତ ଚର୍ଚ୍ଚା କରାଯାଇଥାଏ । Integration ତ ଅସଲରେ ସେତେବେଳେ ପାଇଁ ଜନ୍ମ ନେଇଥାଏ ଯେତେବେଳେ ଅନ୍ୟମାନଙ୍କ ମନୋଭାବ ପ୍ରତି ଧ୍ୟାନ ଦିଆଯାଇଥାଏ । ଗୋଟିଏ ସ୍ଥାନରେ ଆପଣ ସ:ଆ:ସ ବସିଥିଲେ ସେ ସମୟରେ ଗୋଟିଏ ପିଲାର ଯନାଜାଃ (ମରଶରୀର) ସେହି ରାସ୍ତା ଦେଇ ଯାଉଥିଲା । ଏହା ଦେଖି ହଜ୍‌ରତ୍ ମୁହମ୍ମଦ ସ:ଆ:ସ ଛିଡ଼ା ହୋଇଗଲେ । ଆପଣ ସ:ଆ:ସଙ୍କ ସାଥିମାନେ ଏଠାରେ ବସିଥିଲେ । ସେମାନେ କହିଲେ ଏହା ତ ଗୋଟିଏ ଇହୁଦୀ ପିଲାର ଯନାଜାଃ । ଆପଣ ତା'ର ସମ୍ମାନ ପାଇଁ ଛିଡ଼ା ହୋଇଗଲେ ଯେ । ଏହା ଶୁଣି ହଜ୍‌ରତ୍ ମୁହମ୍ମଦ ସ:ଆ:ସ କହିଲେ: କଣ ଏହି ଇହୁଦୀ ପିଲାଟି ମଣିଷ ନଥିଲା ? ମୁଁ ଏଥିପାଇଁ ଛିଡ଼ା ହୋଇଗଲି କି ଆମେ ମାନବିକ ମୂଲ୍ୟବୋଧକୁ ବୁଝିବା ଦର୍‌କାର୍ । ଯେବେ ଆମେ ମାନବିକ ମୂଲ୍ୟବୋଧକୁ ବୁଝିନେବା ସେତେବେଳେ ଆମେ ଦୁନିଆରେ ପ୍ରକୃତ ପ୍ରେମ ଓ ସୌହାର୍ଦ୍ଧ୍ୟକୁ ପ୍ରଚାର ପ୍ରସାର କରିପାରିବା । ସମାଜରେ ମଧ ପ୍ରେମ ଓ ଭଲ ପାଇବାର ପ୍ରଚାର ପ୍ରସାର କରିପାରିବା । ଶାନ୍ତି, ସୁଲାହ ଏବଂ ସୌହାର୍ଦ୍ଧ୍ୟର ବାତାବରଣ ସ୍ଥାପନ କରିପାରିବା ଏହା ହେଉଛି ସେହି ମନୋଭାବ ।

Integration ର କଥା ତ ବହୁତ କରାଯାଇଛି ଓ ଏହା ବହୁତ ଭଲ କଥା । ମୁଁ ମଧ ଏହା କହୁଛି ଯେ Integration କଣ ? ମୋ ପାଇଁ Integration ହେଉଛି ଏହା କି ଏବେ ଏଠାକୁ ଯେଉଁ ଅହେମଦୀମାନେ ଆସିଛନ୍ତି, ଅଧିକାଂଶ ହେଉଛନ୍ତି ମୁହାଜିର୍ (ପ୍ରବାଶି) ଯେଉଁମାନେ ବିଭିନ୍ନ ଦେଶରୁ ଓ ବିଶେଷରୂପେ ପାକିସ୍ତାନରୁ ହିଜ୍‌ରତ୍ କରି ଏଠାକୁ ଆସିଛନ୍ତି । ତେବେ Integration ହେଉଛି ଏହା କି ସେମାନେ ଏହି ସହର ବିକାଶ ପାଇଁ ନିଜର ସମସ୍ତ ସାମର୍ଥ୍ୟକୁ ବ୍ୟବହାର କରନ୍ତୁ । ଏଠାରେ ଶିକ୍ଷା ଆହାରଣ କରି ଏହି ଦେଶର ସେବା କରନ୍ତୁ । ଏଠିକାର ସମାଜରେ ଲୋକମାନଙ୍କ ସେବା କରନ୍ତୁ ଓ ଲୋକମାନଙ୍କ ଉନ୍ନତି ପାଇଁ କାମ କରନ୍ତୁ । ସରକାରଙ୍କ ଉପରେ ବୋଝ ହେବାର ପରିବର୍ତ୍ତେ, କାଉଁସିଲ୍ ଉପରେ ବୋଝ ହେବା ପରିବର୍ତ୍ତେ ଏହା ଚେଷ୍ଟା କରନ୍ତୁ ଯେ ଆମେ କିପରି ଅଧିକରୁ ଅଧିକା ସେମାନଙ୍କର କଣ ସେବା କରିପାରିବା । ସେଥିପାଇଁ ଯମାତ୍ ଅହେମଦୀୟା ନିଜ ଅନୁଯାୟୀମାନଙ୍କୁ ଯମାତ୍‌ର ସଦସ୍ୟମାନଙ୍କୁ ଏ ଉଦ୍ଦେଶ୍ୟ ଦେଇଥାଏ ଯେ ତୁମେମାନେ ଅଧିକରୁ ଅଧିକ ପାଠ ପଢ଼ି ଏହି ଦେଶର ସେବା କରିବା ପାଇଁ ଚେଷ୍ଟା କର । ଯେଉଁଠି ଏହା ଦ୍ୱାରା ତୁମ ନିଜର ଲାଭ ହେବ ସେଠାରେ ଏ ଦେଶର ମଧ ଲାଭ ହେବ ।

ସେଥିପାଇଁ ଆମେ ବିଜ୍ଞାନ କ୍ଷେତ୍ରରେ ଓ ଅନ୍ୟାନ୍ୟ ବିଷୟରେ ଆମ ଛାତ୍ରଛାତ୍ରୀମାନଙ୍କୁ ଆଗକୁ ବଢ଼ିବାପାଇଁ ଚେଷ୍ଟା କରିଥାଉ ଓ ଉତ୍ସାହିତ କରିଥାଉ ଯଦ୍ୱାରା ଏମାନେ ଦେଶର ଉନ୍ନତି ସହିତ ଦେଶର ସେବା କରିପାରିବେ । ଯେଉଁ ଦେଶକୁ ସେମାନେ ଆସିଛନ୍ତି, ଏହା ଏ ଦେଶର ବଡ଼ ଅନୁଗ୍ରହ ଯେ ସେ ଏଠାରେ ଏମାନଙ୍କୁ ସ୍ଥାନ ଦେଇଛି । ଯେଉଁଠି ଏମାନେ ନିଜ ଦେଶରେ ସ୍ୱାଧିନ ଭାବେ ଇବାଦତ୍ (ଈଶ୍ୱର ଉପାସନା) କରିପାରୁନଥିଲେ ଏ ଦେଶରେ ଆସି ସ୍ୱାଧିନଭାବେ ଇବାଦତ କରିପାରୁଛନ୍ତି । ଅତଏବ ଏହି ଅନୁଗ୍ରହର ପ୍ରତିବଦଳ ସେତେବେଳେ ଦିଆଯାଇପାରିବ ଯେତେବେଳେ ଆମେ ଏହି ଦେଶ ପାଇଁ ପୂର୍ଣ୍ଣ ନିଷ୍ଠାଭାବରେ ନିଜର ସମସ୍ତ ସାମର୍ଥ୍ୟ ସହିତ, ଯାହା କିଛି ଆମ ନିକଟରେ ରହିଛି, ତାହା ଦେବାକୁ ଚେଷ୍ଟା କରିବା ଓ ଦେଶର ସେବା କରିବା । ଏହା ହିଁ ପ୍ରକୃତ Integration ହେବ । ଯେପର୍ଯ୍ୟନ୍ତ ଆମର ଏପରି ଚିନ୍ତାଧାରା ରହିବ ଓ ଆପଣମାନେ ମଧ ଅନୁଭବ କରିବେ ଯେ ଯମାତ୍ ଅହେମଦୀୟାର ଯେଉଁ ମସ୍‌ଜିଦ୍ ଅଛି ତାହା କୌଣସି ଫିତ୍‌ନା (ବିଭ୍ରାଟ) ସୃଷ୍ଟି କରିବା ସ୍ଥାନ ନୁହେଁ ବରଂ ଏହି ମସ୍‌ଜିଦ୍ ନିର୍ମାଣ ହେବା ପରେ ଏହି ଅହେମଦୀମାନେ ଜନସେବା ଦୃଷ୍ଟି କୋଣରୁ ବହୁତ ଆଗକୁ ବଢ଼ିଛନ୍ତି ।

ହଜୁର ଅନଓ୍ୱର ଅ:ବ:ଅ କହିଲେ: ମୁଁ ଜାଣିବାକୁ ପାଇଲି ଯେ ଆମ Lord Mayor ସାହେବ ଏହି ଇଲାକାରେ ରହୁଛନ୍ତି ଯେଉଁ ଇଲାକାରେ ଆମ ମସ୍‌ଜିଦ୍ ଅଛି । ସେ ବହୁତ ପ୍ରଶଂସା ମଧ କରିଛନ୍ତି ଯେ ଅହେମଦୀମାନେ ବହୁତ Integrate ହୋଇଥାନ୍ତି । ଦ୍ୱିତୀୟରେ ତାଙ୍କ Integration Council ର ଯେଉଁ ପ୍ରତିନିଧି ଆସିଥିଲେ ସେ ମଧ ଏହା ବତାଇଛନ୍ତି । ଅତଏବ ଏବେ ମୁଁ ଅହେମଦୀମାନଙ୍କୁ ମଧ କହୁଅଛି ଯେ ଏହି ମସ୍‌ଜିଦ୍ ନିର୍ମାଣ ହେବାପରେ ପୂର୍ବଠାରୁ ଅଧିକ ନିଜର ଶକ୍ତି ଓ ସାମର୍ଥ୍ୟ ବିନିଯୋଗ କରି ଏହି ଦେଶର ଲୋକମାନଙ୍କର ସେବା କରନ୍ତୁ ଓ ଏହା ପ୍ରମାଣିତ କରନ୍ତୁ ଯେ ଆମେମାନେ ଶାନ୍ତିର ବାତାବରଣରେ ରହିବାକୁ ଚାହୁଁଅଛୁ ।

ଧର୍ମ ହେଉଛି ପ୍ରତ୍ୟେକ ବ୍ୟକ୍ତିର ବ୍ୟକ୍ତିଗତ ମାମଲା ପବିତ୍ର କୁର୍‌ଆନ୍ ବହୁତ ସ୍ପଷ୍ଟଭାବେ କହିଅଛି । ଏଥିରେ ଏକଥା ଲେଖାହୋଇଛି ଯେ ଧର୍ମ ସଂକ୍ରାନ୍ତରେ କୌଣସି ବାଧ୍ୟବାଧ୍ୟକତା ନାହିଁ । ପ୍ରତ୍ୟେକ ବ୍ୟକ୍ତିର ନିଜ ଇଚ୍ଛା ଉପରେ ଆଧାରିତ ଯେ, ସେ ଯେଉଁ ଧର୍ମକୁ ଚାହୁଁ ଗ୍ରହଣ କରିପାରିବ । ତେଣୁ ମୁସଲମାନର ହୃଦୟରେ ଏପରି ଚିନ୍ତାଧାରା ଆସିବା ହିଁ ଠିକ୍ ନୁହେଁ ଯେ, ସେ କାହାକୁ ଜୋର୍ ଜବରଦସ୍ତି ମୁସଲମାନ ବନାଉ ବା କୌଣସି ଅଣମୁସ୍‌ଲିମ୍‌ଙ୍କ ପାଇଁ ତା ମନ ଭିତରେ ଆବେଗ ନ ରହୁ । ଅସଲ କଥା ହେଉଛି ଏହା କି ମନୁଷ୍ୟର ମାନବିକ ମୂଲ୍ୟବୋଧକୁ ସମ୍ମାନ ଦେବା ଓ ମାନବିକ ମୂଲ୍ୟବୋଧକୁ ଆମେ ସୁରକ୍ଷା ଦେବା ତାହେଲେ ପୁଣି ସମାଜର ଶାନ୍ତି ସ୍ଥାପନ ହୋଇପାରିବ ଏବଂ ଏହା ହିଁ ଏ ଯୁଗର ଆବଶ୍ୟକତା । ସେ ଯେ କୌଣସି ଧର୍ମର ହୋଇଥାଉ ନା କାହିଁ । ଏହା ହିଁ ସମସ୍ତଙ୍କ ପାଇଁ ଜରୁରୀ ଅଟେ । ଅମୁକ ଲୋକର ଧର୍ମ କଣ ବା ସମୁକ ଲୋକର ଧର୍ମ କଣ ଆମମାନଙ୍କୁ ଏକଥା ଦେଖିବା ଉଚିତ ଯେ, ଆମେ ସମସ୍ତେ ହେଉଛେ ମଣିଷ । ଯେମିତି କି ମୁଁ ଆରମ୍ଭରୁ ଏକଥା କହିସାରିଛି ଯେ, ଅଲ୍ଲାଃ ତାଲା ଆମକୁ ପବିତ୍ର କୁର୍‌ଆନ୍‌ର ପ୍ରଥମ ସୁରାଃ ରେ ଏକଥା ବତାଇ ଦେଇଛନ୍ତି ଯେ, ସେ ହେଉଛନ୍ତି ସାରା ବ୍ରହ୍ମାଣ୍ଡର ପାଳନକର୍ତ୍ତା । ସେ ଇହୁଦୀମାନଙ୍କର ମଧ ଈଶ୍ୱର, ଇସାଇଙ୍କର ମଧ ଓ ହିନ୍ଦୁମାନଙ୍କର ମଧ ସେହିଭଳି ମୁସଲମାନମାନଙ୍କର ମଧ । ସେ ସମସ୍ତଙ୍କ ସହିତ ଦୟା ଆଚରଣ କରିଥାଏ । ବରଂ ଏପରିକି ଯେଉଁମାନେ ଧର୍ମକୁ ମାନୁନାହାନ୍ତି ବା ଈଶ୍ୱରକୁ ମାନୁନାହାନ୍ତି ସେ ସେମାନଙ୍କର ମଧ ଈଶ୍ୱର ଅଟନ୍ତି ଓ ସେମାନଙ୍କୁ ମଧ ସବୁକିଛି ଯୋଗାଇ ଦେଉଛନ୍ତି । ବାକି ଯେଉଁମାନେ ଧର୍ମ ଉପରେ ପରିଚାଳିତ ହେଉନାହାନ୍ତି ବା ଈଶ୍ୱରଙ୍କୁ ମାନୁନାହାନ୍ତି ବା ଧର୍ମିୟ ଶିକ୍ଷା ଉପରେ ଅମଲ କରୁନାହାନ୍ତି ବା ଈଶ୍ୱରଙ୍କ ବିପକ୍ଷରେ ଆଉ କାହାକୁ ଛିଡ଼ା କରୁଛନ୍ତି ଯଦି ସେମାନଙ୍କୁ କିଛି ଦଣ୍ଡ ମିଳିବାର ଅଛି ଆମେ ଭାବୁଛୁ ଯେ, ତାହା ଆରପାରିରେ ହିଁ ମିଳିବ । ଏ ଜୀବନରେ ନୁହେଁ । ଏ ଜୀବନରେ ଅଲ୍ଲାଃ ତାଲା ଆମକୁ ଏ ନିର୍ଦ୍ଦେଶ ଦେଇଛନ୍ତି ଯେ ତୁମେ ପ୍ରତ୍ୟେକଙ୍କ ସହିତ ପ୍ରେମ, ସ୍ନେହ ଓ ସୌହାର୍ଦ୍ଧ୍ୟପୂର୍ଣ୍ଣ ବ୍ୟବହାର କର ବରଂ ପବିତ୍ର କୁର୍‌ଆନ ଏହା ମଧ ଉଲ୍ଲେଖ କରିଛି ଯେ, ଧର୍ମ ସମ୍ୱନ୍ଧରେ ଶାନ୍ତି ପ୍ରତିଷ୍ଠା କରିବାପାଇଁ ପ୍ରେମ ଓ ସ୍ନେହ ବାତାବରଣକୁ କାଏମ୍ ରଖିବାପାଇଁ ତୁମେମାନେ ଅର୍ଥାତ ମୁସଲମାନମାନେ ଅନ୍ୟ କାହାର ଠାକୁରଙ୍କୁ ମଧ ଖରାପ କୁହନାହିଁ କାରଣ ଯଦି ଏପରି କରିବ ତେବେ ସେମାନେ ତୁମର ପ୍ରକୃତ ଈଶ୍ୱରଙ୍କୁ ଏଣୁତେଣୁ କହିବେ । ଫଳତଃ ଆପୋଷର ଗାଳିଗୁଲଜର ଏକ କ୍ରମ ଚାଲିପଡ଼ିବ ଓ ଏହା ଦ୍ୱାରା ପ୍ରେମ, ସ୍ନେହ ଓ ଶାନ୍ତିର ବାତାବରଣ ପ୍ରତିଷ୍ଠା ହୋଇପାରିବ ନାହିଁ । ତେଣୁ ପବିତ୍ର କୁର୍‌ଆନ୍‌ର ଶିକ୍ଷାକୁ ଯଦି ଆମେ ଦେଖିବା ସେଠାରେ ପ୍ରତ୍ୟେକ ସ୍ଥାନରେ ଆମକୁ ଏକଥା ନଜର ଆସିବ ଯେ, ଯେତେକ ନମ୍ରତା ପୂର୍ଣ୍ଣ ଶିକ୍ଷା ଦିଆଯାଇଛି ତାଉପରେ ପରିଚାଳିତ ହେବା ଉଚିତ ଏହା ହିଁ ହେଉଛି ଯମାତ୍ ଅହେମଦୀୟାର ଶିକ୍ଷା । ଏବଂ ଏହା ହେଉଛି ସେହି ଶିକ୍ଷା ଯାହାକୁ ଆମେ ସାରା ପୃଥିବୀରେ ଇସ୍‌ଲାମ୍ ସନ୍ଦର୍ଭରେ ପ୍ରଚାର ପ୍ରସାର କରିଥାଉ ଏବଂ ଏହା ହିଁ ହେଉଛି ସେହି ଶିକ୍ଷା ଯାହା ଉପରେ ଆମେ ପରିଚାଳିତ ହେବାପାଇଁ ଚେଷ୍ଟା କରିଥାଉ । ଯେମିତି କି ମୁଁ କହିଲି ଯେ, ମୁଁ ଆଶା ରଖିଛି ଆମ ଏଠିକାର ବାସିନ୍ଦା ଅହେମଦୀମାନେ ପୂର୍ବଠାରୁ ବଳି ଏହି ମସ୍‌ଜିଦ୍‌ର ନିର୍ମାଣ ପରେ ଏହି ଶିକ୍ଷା ଉପରେ ପରିଚାଳିତ ହେବାପାଇଁ ଚେଷ୍ଟା କରିବେ ଏବଂ ଏହି ଇଲାକାରେ, ଏହି ସହରରେ ଇସ୍‌ଲାମ୍‌ର ଯେଉଁ ପ୍ରେମପୂର୍ଣ୍ଣ ଶିକ୍ଷା ରହିଛି ଏବଂ ସେମାନଙ୍କ ସାଙ୍ଗସାଥିମାନଙ୍କ ସହିତ ଯେଉଁ ବ୍ୟବହାର ରହିଛି ତାହା ପୂର୍ବଠାରୁ ଅଧିକା ପ୍ରଚାର ପ୍ରସାର କରିବେ । ମୁଁ ଏଥିପାଇଁ ପ୍ରାର୍ଥନା ମଧ କରୁଛି ଯେ, ଅଲ୍ଲାଃ ତାଲା ଏମାନଙ୍କୁ ଏଭଳି କରିବାପାଇଁ ଶକ୍ତି ପ୍ରଦାନ କରନ୍ତୁ । ଧନ୍ୟବାଦ

ହଜୁର ଅନଓ୍ୱର ଅ:ବ:ଅ ଙ୍କ ଏହି ଅଭିଭାଷଣ ୭:୫୫ ମିନିଟ ପର୍ଯ୍ୟନ୍ତ ଜାରି ରହିଲା । ହଜୁର ଅନଓ୍ୱର ଅ:ବ:ଅ ଦୁଆ (ନୀରବ ପ୍ରାର୍ଥନା) କରାଇଲେ । ତା'ପରେ ଅତିଥିମାନେ ହଜୁର ଅନଓ୍ୱର ଅ:ବ:ଅଙ୍କ ସହିତ ଭୋଜନ କଲେ । ଭୋଜନ କରିବାପରେ କିଛି ଅତିଥି ଜଣ ଜଣ ହୋଇ ହଜୁର ଅନଓ୍ୱର ଅ:ବ:ଅଙ୍କ ନିକଟକୁ ଆସି ସାକ୍ଷାତ କରିବାର ସୌଭାଗ୍ୟ ପ୍ରାପ୍ତ କଲେ ଓ ହଜୁରଙ୍କ ସହିତ ହାତ ମିଳାଇଲେ । ହଜୁର ଅନଓ୍ୱର ଅ:ବ:ଅ ପ୍ରତ୍ୟେକ ଅତିଥିମାନଙ୍କ ସହିତ ବାର୍ତ୍ତାଳାପ କଲେ ଓ ଅତିଥିମାନେ ହଜୁରଙ୍କ ସହିତ ଫଟୋ ମଧ ଉଠାଇଲେ ।

ଏହି ସଭାର ଶେଷରେ ଯେତେବେଳେ ହଜୁର ଅନଓ୍ୱର ଅ:ବ:ଅ ମଂଚର ସିଡ଼ି ଦେଇ ତଳକୁ ଓହ୍ଲାଉଥିଲେ ସେତେବେଳେ ହଜୁରଙ୍କ ସମ୍ମୁଖରେ ଜଣେ ଜର୍ମାନ ମହିଳା ନିଜ ଝିଅଙ୍କ ସହିତ ହାତରେ କ୍ୟାମେରା ଧରି ଛିଡ଼ା ହୋଇଥିଲେ । ସେ ନିଜ ଝିଅର ହଜୁର ଅନଓ୍ୱର ଅ:ବ:ଅଙ୍କ ସହିତ ଫଟୋ ଉଠାଇବାକୁ ଚାହୁଁଥିଲେ । ହଜୁର ଅନଓ୍ୱର ଅ:ବ:ଅ ବହୁତ ସ୍ନେହର ସହିତ କୁନି ଝିଅଟିକୁ ନିଜ ନିକଟକୁ ଡ଼ାକିଲେ ଓ ତାଙ୍କ କାନ୍ଧ ଉପରେ ହାତ ରଖିଲେ ଏହି ସମୟରେ ମହିଳା ଜଣକ ଫଟୋ ଉଠାଇଲେ ଓ ଏଥିରେ ଅତ୍ୟନ୍ତ ଖୁସି ପ୍ରକାଶ କଲେ । ହଜୁର ଅନଓ୍ୱର ଅ:ବ:ଅ ବହୁତ ସ୍ନେହର ସହିତ ଉକ୍ତ ମହିଳାଙ୍କୁ ମଧ ନିଜ ସହିତ ଫଟୋ ଉଠାଇବା ପାଇଁ ଅବସର ପ୍ରଦାନ କଲେ । ଅତଏବ ମାଆ ଓ ଝିଅ ଦୁଇଜଣଯାକ ଫଟୋ ଉଠାଇଲେ ।

ଆଜିର ଏହି ଉତ୍ସବରେ ସାମିଲ ହୋଇଥିବା ଅତିଥିମାନେ ହଲ୍ ଭିତରେ ନିଜ ନିଜ ଆସନରେ ବସି ଓ କେତେକ ଅତିଥି ଛିଡ଼ା ହୋଇ ଓ ଆଉ କେତେକ ଷ୍ଟେଜ୍ ସମ୍ମୁଖକୁ ଆସି ବହୁ ମାତ୍ରାରେ ହଜୁର ଅନଓ୍ୱର ଅ:ବ:ଅଙ୍କ ଫଟୋ ଉତଳନ କଲେ । ଯେଉଁ ପଟକୁ ମଧ ଆଖି ଯାଉଥିଲା କୌଣସି ନା କୌଣସି ବ୍ୟକ୍ତି ହଜୁର ଅନଓ୍ୱର ଅ:ବ:ଅଙ୍କ ଫଟୋ ଉଠାଉଥିଲା ।

ଏହି ସଭାର ପରିସମାପ୍ତିରେ ହଜୁର ଅନଓ୍ୱର ଅ:ବ:ଅ ଆଉ ଗୋଟିଏ ଛୋଟିଆ ହଲ୍ ଭିତରକୁ ଗଲେ ଯେଉଁଠି ମଜ୍‌ଲିସ୍ ଆମେଲା ଯମାତ୍ ଅହେମଦୀୟା ଓ୍ୱିଜ୍‌ବାଦନ୍ ହଜୁର ଅନଓ୍ୱର ଅ:ବ:ଅଙ୍କ ସହିତ ଗୋଟିଏ ଗ୍ରୁପ ଫଟୋ ଉଠାଇଲେ । ତା'ପରେ ହଜୁର ଅନଓ୍ୱର ଅ:ବ:ଅ କନ୍‌ଫରେନ୍ସ ହଲ୍ ଭିତରକୁ ଗଲେ ଯେଉଁଠି ଇଲେକ୍‌ଟ୍ରୋନିକ, ପ୍ରିଂଟ ଏବଂ ସୋଶିଆଲ୍ ମିଡିଆର ପ୍ରତିନିଧିଗଣ ଉପସ୍ଥିତ ଥିଲେ ଏବଂ ହଜୁର ଅନଓ୍ୱର ଅ:ବ:ଅଙ୍କର ଆଗମନର ଅପେକ୍ଷାରେ ଥିଲେ । ଠିକ୍ ୮:୪୦ ମିନିଟରେ ପ୍ରେସ କନ୍‌ଫରେନ୍ସ ଆରମ୍ଭ ହେଲା ।

**ପ୍ରେସ୍ କନ୍‌ଫରେନ୍ସ ଓ୍ୱିଜ୍‌ବାଦମ୍**

ଜଣେ ପତ୍ରକାର ପଚାରିଲେ ଯେ, ଏହା ଆପଣଙ୍କର ଓ୍ୱିଜ୍‌ବାଦମ୍ ସହରକୁ ଦ୍ୱିତୀୟ ଥର ଗସ୍ତ । ମୁଁ ଜାଣିନାହିଁ ଆପଣ ଏ ସହରକୁ

କେତେ ବୁଲିଛନ୍ତି କିନ୍ତୁ ଆପଣଙ୍କୁ ଏ ସହର କିପରି ଲାଗିଲା ? ଏଥିରେ ହଜୁର ଅନଓ୍ୱର ଅ:ବ:ଅ କହିଲେ ଯେ, ମୁଁ ଏହାକୁ ଏତେମାତ୍ରାରେ ତ ଭ୍ରମଣ କରିନାହିଁ କିନ୍ତୁ ମସ୍‌ଜିଦ୍‌ରୁ ଆସିବାବେଳେ ବହୁତ କିଛି ଦେଖିବାକୁ ମିଳିଲା । ଏହା ବହୁତ ବଡ଼ ଓ ଅତ୍ୟନ୍ତ ସୁନ୍ଦର ସହର ଅଟେ । ମତେ ଏହା ବହୁତ ଭଲ ଲାଗିଲା ।

ଆଉ ଜଣେ ପତ୍ରକାର ପଚାରିଲେ ଯେ, ଆପଣ ଭୟ ଓ ଅଶାନ୍ତି ବିରୁଦ୍ଧରେ କଥା ହୋଇଆସୁଛନ୍ତି ତେଣୁ ଲୋକମାନଙ୍କ ପାଇଁ ଆପଣଙ୍କର କଣ ବାର୍ତା ରହିଛି ? ଏଥିରେ ହଜୁର ଅନଓ୍ୱର ଅ:ବ:ଅ କହିଲେ ଯେ, ଲୋକମାନଙ୍କୁ ତ ମୁଁ ବାର୍ତା ଦେଇସାରିଛି । ମୁଁ ମୋ ଭାଷଣରେ ଏକଥା କହିଥିଲି ଯେ, ଲୋକମାନଙ୍କ ମନ ଭିତରେ ଇସ୍‌ଲାମ୍ ଓ ମୁସଲମାନମାନଙ୍କ ସମ୍ବନ୍ଧରେ ଶଙ୍କା ରହିଛି ଏହାର କାରଣ ହେଉଛି କିଛି ମୁସଲମାନ ସଂଗଠନ ଓ ଦଳଗୁଡ଼ିକର ଭୁଲ୍ ପଦକ୍ଷେପ । କିନ୍ତୁ ବାସ୍ତବରେ ଇସଲାମୀୟ ଶିକ୍ଷା ହେଉଛି ଶାନ୍ତିପୂର୍ଣ୍ଣ ଶିକ୍ଷା । ଇସ୍‌ଲାମ୍ ଆମକୁ କାନୁନକୁ ହାତରେ ନେବାପାଇଁ ଅନୁମତି ଦିଏନାହିଁ । ଆମେ ଏକ ଶାନ୍ତିପ୍ରିୟ ଯମାତ୍ ଏବଂ ଇସ୍‌ଲାମ୍‌ର ପ୍ରକୃତ ଶିକ୍ଷା ଉପରେ ପରିଚାଳିତ ତେଣୁ ମୋର ବାର୍ତା ହେଉଛି ଏହା କି, ଏ ସହର, କସ୍‌ବା ବା ଇଲାକାର ଲୋକମାନଙ୍କୁ ବିଲ୍‌କୁଲ୍ ବ୍ୟସ୍ତ ହେବାର ଆବଶ୍ୟକତା ନାହିଁ । ସେମାନଙ୍କ ହୃଦୟରେ ଅହେମଦୀ ମୁସଲମାନମାନଙ୍କ ସମ୍ବନ୍ଧରେ କୌଣସି ସଙ୍କୋଚ ରହିବା ଠିକ୍ ନୁହେଁ । ଆମେ ଏକ ଶାନ୍ତିପ୍ରିୟ ଯମାତ୍ ଏବଂ ଆମେ ଏଥିପାଇଁ ଶାନ୍ତି ପ୍ରିୟ ଯେ, ଆମେ ପ୍ରକୃତ ଇସ୍‌ଲାମୀୟ ଶିକ୍ଷା ଉପରେ ପରିଚାଳିତ ହେଉଥାଉ ।

ଆଉଜଣେ ପ୍ରତିନିଧି ପ୍ରଶ୍ନ ପଚାରିଲେ ଯେ ମୁଁ ଏକଥା ଜାଣିବାକୁ ଚାହୁଁଛି କି ଆପଣଙ୍କ ଭାଷଣ ବିଶେଷରୂପେ ଜର୍ମାନୀର ଅଧିବାସୀଙ୍କ ନିମନ୍ତେ ଥିଲା କାରଣ ଏ ଦେଶରେ ଏପରି ଅନେକ ଘଟଣା ଘଟୁଅଛି । ଗତ ସପ୍ତାହରେ ଜଣେ ବ୍ୟକ୍ତି ଇହୁଦୀମାନଙ୍କ ଠାକୁର ଉପରକୁ ଆକ୍ରମଣ କରିବାପାଇଁ ଚେଷ୍ଟା କରିଥିଲା । କଣ ଆପଣ ନିଜ ଭାଷଣରେ ବିଶେଷରୂପେ ଜର୍ମାନୀର ଲୋକମାନଙ୍କୁ ଆଖି ଆଗରେ ରଖିଥିଲେ କି ? ଏଥିରେ ହଜୁର ଅନଓ୍ୱର ଅ:ବ:ଅ କହିଲେ, ନୁହେଁ ଏମିତି ନୁହେଁ । ମୁଁ ଭାଷଣ ପାଇଁ କୌଣସି ଖାସ୍ ପ୍ରସ୍ତୁତ ହୋଇନଥିଲି ମୁଁ ତ କେବଳ ଇସ୍‌ଲାମ୍‌ର ଶାନ୍ତିପ୍ରିୟ ଶିକ୍ଷାକୁ ବର୍ଣ୍ଣନା କରିବାପାଇଁ ଚେଷ୍ଟା କରିଛି କେବଳ ଏଠାରେ ହିଁ ନୁହେଁ ବରଂ ସମଗ୍ର ଅଣମୁସଲିମ୍ ରାଷ୍ଟ୍ରଗୁଡ଼ିକରେ, ସାଧାରଣ ଲୋକମାନଙ୍କ ମଧ୍ୟରେ ଏହି ମନୋଭାବ ରହିଛି ଯେ, ମୁସଲମାନମାନେ ଅତ୍ୟାଚାର କରୁଛନ୍ତି । ସେମାନେ ଏକଥା ଭାବୁଛନ୍ତି ଯେ ମୁସଲମାନମାନେ ହିଁ ଜିହାଦ୍ ନାମରେ ଜୁଲମ୍, ଅତ୍ୟାଚାର ଓ ହତ୍ୟାକାଣ୍ଡ ଭିଆଉଛନ୍ତି । ମୁଁ ଯେଉଁଠାକୁ ମଧ୍ୟ ଯାଇଛି ମୁଁ ସେଠାରେ ଏକଥା ଦେଖିବାକୁ ପାଇଛି । ତେଣୁ ମୁଁ ବିଶେଷରୂପେ ଜର୍ମାନୀର ସଦସ୍ୟମାନଙ୍କୁ ସମ୍ମୁଖରେ ରଖି କଥା କହିନାହିଁ । ମୁଁ ଯେଉଁଠାକୁ ମଧ୍ୟ ଯାଇଥାଏ ସେଠାରେ ଇସ୍‌ଲାମ୍‌ର ଶାନ୍ତିପୂର୍ଣ୍ଣ ଶିକ୍ଷା ଉପରେ ଲୋକମାନଙ୍କୁ ବତାଇ ସେମାନଙ୍କର ଶଂସୟକୁ ଦୂର କରିବାକୁ ଚେଷ୍ଟା କରିଥାଏ । ମୁଁ ତ ଭାଷଣ ଦେବାପାଇଁ ପ୍ରସ୍ତୁତ ନଥିଲି ଯେତେବେଳେ ମୁଁ ଛିଡ଼ା ହେଲି ସେତେବେଳେ ମସ୍‌ଜିଦ୍ ନିର୍ମାଣ କରିବାର ଉଦ୍ଦେଶ୍ୟଗୁଡ଼ିକୁ ବର୍ଣ୍ଣନା କରିବାକୁ ଲାଗିଲି ଏବଂ ପୁଣି ଏହି ସମସ୍ତ ସଂଶୟକୁ ଦୁର କରିବାପାଇଁ ଚେଷ୍ଟା କଲି ଯାହା ଲୋକମାନଙ୍କ ମନ ଭିତରେ ମୁସଲମାନମାନଙ୍କ ସମ୍ବନ୍ଧରେ ଉଠିଥାଏ । ଏହା କୌଣସି ନିୟମିତ ରୂପେ ପ୍ରସ୍ତୁତ କରାଯାଇଥିବା ଭାଷଣ ନଥିଲା ଏବଂ ନା ହିଁ ଏହା ମୋ ମନ ଭିତରେ ଥିଲା ଯେ, ମୁଁ ଜର୍ମାନର ଲୋକମାନଙ୍କୁ କୌଣସି ବିଶେଷ ବାର୍ତା ଦିଏ । ମୁଁ ତା ସାଧା ଶବ୍ଦରେ ଇସ୍‌ଲାମ୍‌ର ଶାନ୍ତିପ୍ରିୟ ଶିକ୍ଷାକୁ ବର୍ଣ୍ଣନା କରିଛି ଓ ଏକଥାକୁ ମଧ୍ୟ ବତାଇଛି ଯେ ଆମର ବିଶ୍ଵାସ କଣ ଓ ଆମର କାର୍ଯ୍ୟକଳାପ କଣ ।

ଆଉ ଜଣେ ପ୍ରତିନିଧି ପଚାରିଲେ ଯେ ମୁଁ ଏକଥା ଜାଣିନାହିଁ ଯେ ଆପଣ ରାଜନିତୀ ପରିସ୍ଥିତି ଉପରେ କୌଣସି କଥା କହିବେ କି ନାହିଁ କିନ୍ତୁ ଗତ ସପ୍ତାହରେ ତୁର୍କୀ ସିରିୟା ଦେଶର କିଛି ଭାଗ ଉପରେ ଆକ୍ରମଣ କରିଦେଇଛି । ଆପଣ ଏ ସମ୍ବନ୍ଧରେ କଣ କହିବାକୁ ଚାହିଁବେ ? ଏଥିରେ ହଜୁର ଅନଓ୍ୱର ଅ:ବ:ଅ କହିଲେ ଯେ କୁର୍ଦୋ ଏବଂ ତୁର୍କୀ ସରକାରଙ୍କ ମଧ୍ୟରେ ବର୍ତମାନ ଯେଉଁ ସମସ୍ୟା ଉପୁଜିଛି ତାହା ମୋ ଦୃଷ୍ଟିକୋଣରେ ଏକ ଅତ୍ୟାଚାର ପୂର୍ଣ୍ଣ ପଦକ୍ଷେପ । ମୁଁ ଏକଥା ଜାଣିନାହିଁ ଯେ, ଏହାର କାରଣ ରାଜନୈତିକ ବା ତୁର୍କ ଲୋକମାନଙ୍କ ମନ ଭିତରେ କୁର୍ଦୋ ଲୋକମାନଙ୍କ ପ୍ରତି ଶତ୍ରୁତା ଭାବ । କିନ୍ତୁ ଏପରି ଯାହା କିଛି ବି ହେଉଛି ତାହା ଇସଲାମୀୟ ଶିକ୍ଷା ବିରୋଧି ଅଟେ । ନିରୀହ ଲୋକମାନଙ୍କ ହତ୍ୟା ହେଉଛି ସମଗ୍ର ମାନବଜାତିକୁ ହତ୍ୟା କରିବା ସହିତ ସମାନ । ସେଥିପାଇଁ ମୁଁ ତ ଏହାକୁ ପସନ୍ଦ କରେନାହିଁ । କୁର୍ଦୋ ଏବଂ ତୁର୍କ ଲୋକମାନଙ୍କ ମଧ୍ୟରେ ଯାହାବି ମତଭେଦ ରହିଛି ତାହା ଏକାଠି ବସି, ବାର୍ତାଳାପ କରି ଓ ମିଟିଙ୍ଗ କରି ସମାଧାନ କରାଯାଇପାରିବ । ଯେଉଁଠି ତୁର୍କ ଏବେ ଆକାଶମାର୍ଗରୁ ଓ ପୃଥିବୀ ପୃଷ୍ଠରୁ ଆକ୍ରମଣ କରିଛି ସେଠି ଇସ୍‌ଲାମ୍ ଏଭଳି କରିବାକୁ କେବେ ହେଲେ ବି ଅନୁମତି ଦିଏନାହିଁ ।

ଆଉ ଜଣେ ପତ୍ରକାର ପଚାରିଲେ ଯେ, ଆପଣ ଇଂଟିଗ୍ରେସନ ସମ୍ବନ୍ଧରେ କଥା ହୋଇଛନ୍ତି । ତେଣୁ ଆପଣଙ୍କ ଦୃଷ୍ଟିରେ ଇଂଟିଗ୍ରେସନ କଣ ଏବଂ ଏ ସମ୍ବନ୍ଧରେ ଯମାତ୍ ଅହେମଦୀୟାର ଆଭିମୁଖ୍ୟ କଣ ? ଏଥିରେ ହଜୁର ଅନଓ୍ୱର ଅ:ବ:ଅ କହିଲେ ଯେ, ଲୋକମାନେ ଏହି ଦେଶଆଡ଼କୁ ହିଜରତ୍ କରିଛନ୍ତି ଜର୍ମାନର ଲୋକମାନେ ଓ ଜର୍ମାନ ସରକାର ଏଠାକୁ ଆସିବାକୁ ଅନୁମତି ଦେଇଛନ୍ତି । ଏଠାରେ ନିଜର ଜୀବନ ବିତାଇବା ପାଇଁ ଅନୁମତି ଦେଇଛନ୍ତି । ଏମାନଙ୍କୁ ନିଜ ସମାଜର ଅଂଶ ବିଶେଷ ବନାଇଛନ୍ତି । ଏହି ପ୍ରବାଶୀମାନଙ୍କ ମଧ୍ୟରୁ ଅଧିକାଂଶ ଲୋକେ ଏବେ ଜର୍ମାନୀର ନାଗରିକତା ଗ୍ରହଣ କରିସାରିଛନ୍ତି ଏବେ ଯେଉଁଠି ସେମାନେ ଏ ଦେଶର ନାଗରୀକ ତେଣୁ ସେମାନଙ୍କୁ ଏପରି ରହିବା ଉଚିତ ଯେପରି ଜଣେ ତା ନିଜ ଦେଶ ପ୍ରତି ଭକ୍ତି କରିଥାଏ । ଏହା ହିଁ ଇସ୍‌ଲାମ୍‌ର ଶିକ୍ଷା ଅଟେ ଯେ ଦେଶପ୍ରିତି ହେଉଛି ଇମାନ୍‌ର ଅଂଶ ବିଶେଷ । ଏବେ ପ୍ରକୃତ ମୁସଲମାନ ହୋଇଥିବା ଯୋଗୁଁ ଏବଂ ଜର୍ମାନୀର ନାଗରିକ ହିସାବରେ ଏମାନଙ୍କର କର୍ତବ୍ୟ ଯେ ଏମାନେ ନିଜ ଜାତିର ଉନ୍ନତି ନିମନ୍ତେ ଓ ନିଜ ସମାଜର କଲ୍ୟାଣ ପାଇଁ ଏବଂ ଦେଶ ଓ ଜାତିର ବିକାଶ ପାଇଁ କାମ କରିବେ । ମୋ ମତରେ ପ୍ରକୃତ ଇଂଟିଗ୍ରେସନ ହେଉଛି ଏହା । ଇଂଟିଗ୍ରେସନର ଅର୍ଥ ଏହା ନୁହେଁ ଯେ, ଏବେ କ୍ଲବକୁ ଯାଆନ୍ତୁ ଏବଂ ଯେ ପର୍ଯ୍ୟନ୍ତ କ୍ଲବକୁ ଯାଇନାହାନ୍ତି ବା ମଦ ପିଇନାହାନ୍ତି ସେ ପର୍ଯ୍ୟନ୍ତ ଇଂଟିଗ୍ରେସନ ହୁଏନାହିଁ ବା ଯଦି ମହିଳାମାନେ ପରଦା କରୁଛନ୍ତି ଏଥିରେ ଇଂଟିଗ୍ରେସନ ପ୍ରଭାବିତ ହେଉଛି । ଯଦି ଆପଣ ଦେଶ ଓ ଜାତିକୁ ଭଲ ପାଉଛନ୍ତି ତେବେ ଆପଣମାନେ ସମ୍ପୂର୍ଣ୍ଣ ରୂପେ ଇଂଟିଗ୍ରେଟ୍ ହୋଇସାରିଛନ୍ତି ।

ଏହି ପ୍ରେସ କନ୍‌ଫରେନ୍ସ ପ୍ରାୟ ୯ଟା ସମୟରେ ଶେଷ ହେଲା । ତ'ପରେ ଏଠାରୁ ବଇତୁସ୍ ସବୁହ୍ ଫ୍ରାଙ୍କଫର୍ଟ ନିମନ୍ତେ ଯାତ୍ରା ଆରମ୍ଭ ହେଲା । ଠିକ୍ ୯:୩୦ ସମୟରେ ହଜୁର ଅନଓ୍ୱର ଅ:ବ:ଅ ବଇତୁସ୍ ସବୁହ୍‌ଠାରେ ପଦାର୍ପଣ ହେଲେ । ହଜୁର ଅନଓ୍ୱର ଅ:ବ:ଅ ନମାଜ ମଗ୍‌ରିବ ଓ ଇଶା ଯମା କରି ପଢ଼ାଇଲେ । ନମାଜ ପାଠ ପରେ ହଜୁର ଅନଓ୍ୱର ଅ:ବ:ଅ ନିଜ ଆବାସସ୍ଥଳୀକୁ ଚାଲିଗଲେ ।

**ଅତିଥିମାନଙ୍କର ମନୋଭାବ ବ୍ୟକ୍ତ**

ହଜୁର ଅନଓ୍ୱର ଅ:ବ:ଅଙ୍କ ଭାଷଣଟି ଅତିଥିମାନଙ୍କ ଉପରେ ଗଭୀର ପ୍ରଭାବ ପକାଇଥିଲା । ଅତିଥିମାନେ ନିଜ ମନୋଭାବକୁ ପରିପ୍ରକାଶ କଲେ । ସେମାନଙ୍କ ମଧ୍ୟରୁ କିଛି ଅତିଥିମାନଙ୍କର ମନୋଭାବ ବ୍ୟକ୍ତ ନିମ୍ନରେ ଦିଆଯାଉଛି ।

*ଅବଶିଷ୍ଟାଂଶ ପୃଷ୍ଠା- ୦୨ ରେ ଦେଖନ୍ତୁ...*

---

**ହଜ୍‌ରତ୍ ଅମୀରୁଲ୍ ମୁମିନିନ୍‌ଙ୍କ ନୀତି ବାଣୀ**

''ଆମ ଇବାଦତ୍ ଅର୍ଥାତ୍ ଉପାସନାରେ ଉନ୍ନତି ହିଁ ଆମକୁ ସଫଳତା ପ୍ରଦାନ କରିବ । ସୁତରାଂ ଏହା ବହୁତ ଗୁରୁତ୍ୱପୂର୍ଣ୍ଣ ବିଷୟ । ସମସ୍ତ ନିଜାମ୍ ଅର୍ଥାତ୍ ବ୍ୟବସ୍ଥାକୁ ଏ ବିଷୟରେ ବହୁତ ଗମ୍ଭୀର ହେବାର ଆବଶ୍ୟକତା ରହିଛି ।''

*(ଖୁତ୍‌ବା ଯୁମାଃ ପ୍ରଦତ ୨୭ ଜାନୁୟାରୀ ୨୦୧୭)*

*ତାଲିବେ ଦୁଆ: Hawa Bibi & Family,*
*Jamat Ahmadiyya, Kerang (Odisha)*

---

**ନୂରୁଲ୍ ଇସ୍‌ଲାମ୍ ବିଭାଗ ଅନ୍ତର୍ଗତ**

ଏହି ଦେୟମୁକ୍ତ ନଂ ରେ ଫୋନ କରି ଆପଣମାନେ ମୁସଲିମ୍ ଯମାତ୍ ଅହେମଦୀୟା ସମ୍ବନ୍ଧରେ ଜ୍ଞାନ ହାସଲ କରିପାରିବେ ।

**ଦେୟମୁକ୍ତ ନଂ: ୧୮୦୦ ୧୦୩ ୨୧୩୧**

ସମୟ: ପ୍ରତ୍ୟହ ସକାଳ ୮:୩୦ ରୁ ରାତି ୧୦:୩୦ ପର୍ଯ୍ୟନ୍ତ (ଶୁକ୍ରବାର ଦିନ ଛୁଟି ରହିବ)

---

ଏହି ସଂଖ୍ୟାରେ ଓଡ଼ିଆ ଡ଼ି.ଟି.ପି ଜନିତ କେତେଗୋଟି ଅସଲ ଅକ୍ଷର ସଠିକ ଲେଖା ହୋଇପାରି ନାହିଁ । ଉଦାହରଣ ସ୍ୱରୂପ ଦ୍ୱିତୀୟ ତ, ଅଂତ,ଅଂଟ । ପାଠକ ପାଠିକାମାନଙ୍କୁ ଅନୁରୋଧ ଉକ୍ତ ଶବ୍ଦଗୁଡ଼ିକୁ ସଠିକ ପଢ଼ିନେବେ ।

---

**କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)**

''ଇସ୍‌ଲାମ୍ ହକିକି ମାରେଫତ (ଅର୍ଥାତ୍ ଅଲ୍ଲାହଙ୍କୁ ଚିହ୍ନିବାର ପ୍ରକୃତ ଜ୍ଞାନ) ପ୍ରଦାନ କରିଥାଏ ଯଦ୍ୱାରା ମନୁଷ୍ୟର ପାପପୂର୍ଣ୍ଣ ଜୀବନର ମୃତ୍ୟୁ ଘଟିଥାଏ''

*(ମଲ୍‌ଫୁଜାତ୍, ଖଣ୍ଡ-୪, ପୃ-୩୪୪)*

*ତାଲିବେ ଦୁଆ: Muhmmad Naimul Haque & Family,*
*Jamat Ahmadiyya, Pankal (Odisha)*

---

**ହଦିସ୍ ନବଓ୍ୱି ସ:ଆ:ସ**

''ନମାଜ ପରିତ୍ୟାଗ କରିବା ମନୁଷ୍ୟକୁ ଶିର୍କ ଏବଂ କୁଫର୍ (ଅର୍ଥାତ୍ ଅନ୍ୟ କାହାକୁ ଅଲ୍ଲାହଙ୍କ ସମକକ୍ଷ କରିବା ଓ ଅମାନ୍ୟକାରୀ)ର ନିକଟତର କରିଦିଏ''

*(ମୁସ୍‌ଲିମ୍, କିତାବୁଲ୍ ଇମାନ୍)*

*ତାଲିବେ ଦୁଆ: Majlis Lajna Imaillah,*
*Jamat Ahmadiyya, Kerang (Odisha)*

---

**କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)**

''ଯେ ପର୍ଯ୍ୟନ୍ତ ଆପୋଷରେ ତୁମର ମାମଲା ସଫା ନ ରହିଛି ସେ ପର୍ଯ୍ୟନ୍ତ ଖୁଦାତାଲାଙ୍କ ସହିତ ମଧ୍ୟ ମାମଲା ସଫା ହୋଇପାରିବ ନାହିଁ''

*(ମଲ୍‌ଫୁଜାତ୍, ଖଣ୍ଡ-୫, ପୃ-୪୦୭)*

*ତାଲିବେ ଦୁଆ: Faiza Noor, D/o- Dr. Manzoor Hussain Sb,*
*Jamat Ahmadiyya, Kerang (Odisha)*

EDITOR
Qamarul Haque Khan
Sub-Editor : Maqsood Ali Khan
Mob : (+91) 9437128786
e-mail :odiabadar@gmail.com

REGISTERED WITH THE REGISTRAR OF THE NEWSPAPERS FOR INDIA AT NO PUNODI/2016/68750

Weekly BADAR Qadian ସାପ୍ତାହିକ ବଦର କାଦିଆନ

Dist: Gurdaspur (Pb.) INDIA Qadian - 143516

Postal Reg. No.GDP-40/2020-2022 Vol.6 Thursday 25 Feb 2021 Issue No. 08

MANAGER
SHAIKH MUJAHID AHMAD
Mobile. : +91 99153 79255
e-mail :managerbadrqnd@gmail.com

ANNUAL SUBSCRIPTION:Rs.500/- (Per Issue:Rs.9/-) (WEIGHT - 20-50gms/issue)

# ସୟଦ୍‌ନା ହଜ୍‌ରତ୍ ଅମିରୁଲ୍ ମୁମିନିନ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅ ଙ୍କ ୟୁରୋପ ଗସ୍ତ - (ସେପ୍ଟେମ୍ବର, ଅକ୍ଟୋବର ୨୦୧୯)

## ୧୪ ଅକ୍ଟୋବର ୨୦୧୯ (ସୋମବାର)

## ହଜୁର ଅନଓ୍ୱର ଅ:ବ:ଅଙ୍କ ଅଭିଭାଷଣର ବଳକାଅଂଶ

ହଜୁର ଅନଓ୍ୱର ଅ:ବ:ଅ କହିଲେ: ପବିତ୍ର କୁର୍‌ଆନ୍‌ରେ ପଡ଼ୋଶୀମାନଙ୍କ ହକ୍ (ଅଧିକାର) ଦେବା ପ୍ରତି ନିର୍ଦ୍ଦେଶ ରହିଛି ଏବଂ ପଡ଼ୋଶୀମାନଙ୍କର ଏପରି ସଂଜ୍ଞା ନିରୁପଣ କରାଯାଇଅଛି ଯେ ତୁମ ସହିତ ରହୁଥିବା ପଡ଼ୋଶୀ, ଯେଉଁମାନେ ଘରେ ସାଙ୍ଗରେ ରହୁଛନ୍ତି, ତୁମ ସହିତ ଯେଉଁମାନେ ଯାତ୍ରା କରୁଛନ୍ତି, ତୁମ ସହିତ କାମ କରୁଥିବା Collague ଏବଂ ଏପରି ସମସ୍ତ ଲୋକେ ଯେଉଁମାନଙ୍କ ସହିତ ତୁମର ସମ୍ପର୍କ ରହିଛି, ସେମାନେ ସମସ୍ତେ ହେଉଛନ୍ତି ତୁମର ପଡ଼ୋଶୀ । ଏହି ଦୃଷ୍ଟି କୋଣରୁ ଯଦି ଆମେ ଦେଖିବା ତେବେ କୁହାଯାଉଛି ଏଠାରେ ୧୦୦୦ରୁ ଅଧିକା ଅହେମଦୀ ରହୁଛନ୍ତି ତେଣୁ ସମ୍ପୂର୍ଣ୍ଣ ସହରଟି ଅହେମଦୀମାନଙ୍କ ପଡ଼ୋଶୀ ହୋଇଗଲା । ଏବେ ସେମାନଙ୍କର ହକ୍ ପ୍ରଦାନ କରିବାର ବିଷୟ । ସେମାନଙ୍କର ହକ୍ (ଅଧିକାର) ପ୍ରଦାନ କରିବାର ସ୍ତର କଣ ? ଇସ୍‌ଲାମ୍‌ର ପ୍ରତିଷ୍ଠାତା ହଜ୍‌ରତ୍ ମୁହମ୍ମଦ ସ:ଆ:ସ ଆମୁକ ଏ ନିର୍ଦ୍ଦେଶ ଦେଇଛନ୍ତି ଯେ ପଡ଼ୋଶୀମାନଙ୍କ୍ ହକ୍ ଦେବାର ସ୍ତର ହେଉଛି ଏହା କି ମତେ ଖୁଦାତାଲା ବାରମ୍ବାର ପଡ଼ୋଶୀମାନଙ୍କ ହକ୍ ପ୍ରଦାନ କରିବା ପ୍ରତି ଏତେ ମାତ୍ରାରେ ତାଗିଦ୍ କଲେ ଯେ ମୁଁ ଭାବିଲି କାଳେ ଓ୍ୱରାସତ୍ (ସମ୍ପତି ଭାଗ)ରେ ମଧ୍ୟ ପଡ଼ୋଶୀମାନଙ୍କର ଭାଗ ରଖିଦିଆଯିବ । ଏହା ହେଉଛି ପଡ଼ୋଶୀମାନଙ୍କର ହକ୍ ଦେବାର ସ୍ତର ଯେମିତି ଆପଣମାନେ ନିଜ ନିକଟ ସମ୍ପର୍କୀୟମାନଙ୍କର, ରକ୍ତ ସମ୍ପର୍କୀୟ ମାନଙ୍କର, ଯେଉଁମାନେ ଆପଣଙ୍କ ସମ୍ପତିଭାଗରେ ଭାଗୀଦାରୀ ଅଛନ୍ତି, ସେମାନଙ୍କ ହକ୍ ନେଉଛନ୍ତି ସେହିପରି ନିଜ ପଡ଼ୋଶୀମାନଙ୍କର ହକ୍ ଦେବାକୁ ହେବ । ଏହା ହେଉଛି ଏପରି ଶିକ୍ଷା ଯାହାକୁ ଜଣେ ପ୍ରକୃତ ମୁସଲମାନ ନିଜ ଧର୍ମ ଉପରେ ପରିଚାଳିତ ହେବା ସମୟରେ ଏବଂ ଉପାସନା ପାଇଁ ମସ୍‌ଜିଦ୍‌କୁ ଯିବାବେଳେ ଚିନ୍ତା କରିବା ଉଚିତ ଓ ଆ ଉପରେ ପରିଚାଳିତ ହେବା ଉଚିତ ।

ଏଠାରେ ଆମ ନ୍ୟାଶନାଲ୍ ଅମୀର ସାହେବ୍ କହି ସାରିଛନ୍ତି ଯେ ଏହି ସହରରେ ଝରଣା ମଧ୍ୟ ରହିଛି, ପାଣି ଅଛି, ପାଣି ପ୍ରଚୁରତା ମଧ୍ୟ ରହିଛି । ବୋଧ ହୁଏ ଆପଣମାନେ ଓ ପ୍ରାୟ ସମସ୍ତ ବିଶକିତ ରାଷ୍ଟ୍ରଗୁଡ଼ିକର, ସବୁ ସମୟରେ, ଯେତେବେଳେ ହଜୁର ଅନଓ୍ୱର ଅ:ବ:ଅଙ୍କ ଇଚ୍ଛା ସେତେବେଳେ, ନିଜର ପାଣି ପାଇପ୍‌ରୁ Tap ଖୋଲିବା ମାତ୍ରେ ପାଣି ବହିବା ଆରମ୍ଭ ହୋଇଯାଏ । ସେଥିପାଇଁ ଆପଣମାନେ ଏକଥା ଅନୁଭବ କରିପାରୁନଥିବେ ଯେ ଯେଉଁ ଦେଶଗୁଡ଼ିକରେ ପାଣି ସ୍ୱଳ୍ପତା ରହିଛି, ସେମାନଙ୍କର ଅବସ୍ଥା କଣ ହେଉଥିବ । ଆଫ୍ରୀକାରେ ବହୁତ ଏପରି ଦେଶ ଅଛି ଓ ବହୁତ ଇଲାକା ରହିଛି ବରଂ କହିବାକୁ ଗଲେ ପ୍ରାୟ ୮୦ ପ୍ରତିଶତ ଏପରି ଇଲାକା ଅଛି ଅର୍ଥାତ Remote Areas ରେ ପାଣି ସୁବିଧା ନାହିଁ । ୬ ରୁ ୭ ବା ୧୦ ରୁ ୧୨ ବର୍ଷର ପିଲାମାନେ ଛୋଟ ଛୋଟ ବାଲ୍‌ଟି ଓ ବଡ଼ ବଡ଼ ବାଲ୍‌ଟି ନିଜ ମୁଣ୍ଡରେ ଉଠାଇ ଦୁରରୁ ତିନି କିଲୋମିଟ ପର୍ଯ୍ୟନ୍ତ ପାଣି ଭରିବାକୁ ଯାଇଥାନ୍ତି ଓ ପାଣି ଧରି ଆସନ୍ତି । ସାରା ଦିନ ଏହି କାମରେ ଲାଗି ରହିଥାନ୍ତି । ସେଥିଯୋଗୁଁ ଶିକ୍ଷା ଆହାରଣ କରିବାକୁ ବଂଚିତ ହେଉଛନ୍ତି ।

ଅମୀର ସାହେବ ଏହି ସହରର ବିଶେଷତା ଏହା ବର୍ଣ୍ଣନା କରିଛନ୍ତି ଯେ ଏଠାରେ ଶିକ୍ଷାର ଉନ୍ନତି ବହୁମାତ୍ରାରେ ରହିଛି । ଏବେ ସେହି ସବୁଲୋକମାନେ ଯେଉଁମାନେ ନା କେବଳ ପାଣିରୁ ବଂଚିତ ବରଂ ଅନେକ କିଲୋମିଟର ରାସ୍ତା ଅତିକ୍ରମ କରି ଏପରି ଏକ ପୋଖରୀରୁ ପାଣି ଭରୁଛନ୍ତି ଯେଉଁଠି ମଇଳା ପାଣିଥାଏ । ସେହି ପୋଖରୀରୁ ପଶୁମାନେ ମଧ୍ୟ ପାଣି ପିଇଥାନ୍ତି, ପିଲାମାନେ ସେଠାରୁ ପିଇବାକୁ ପାଣି ନେଇ ଆସନ୍ତି । ସେହି ପାଣିକୁ ଘରେ ବ୍ୟବହାର କରାଯାଇଥାଏ । ପୁଣି ଏତେ ବାଟ ଯାତ୍ରା କରିବା ଦ୍ୱାରା, ଗରୀବୀ ଯୋଗୁଁ ଶିକ୍ଷା ଆହାରଣ ମଧ୍ୟ କରିପାରନ୍ତି ନାହିଁ । ସେହି ସବୁ ଦେଶମାନଙ୍କର ଯମାତ୍ ଅହେମଦୀୟା ଯେଉଁଠି ମସ୍‌ଜିଦ୍ ନିର୍ମାଣ କରିଥାଏ । ଯେଉଁଠି ଯମାତ୍ ସ୍ଥାପନ ହୋଇଛି, ସେଠାରେ ସ୍କୁଲ୍ ମଧ୍ୟ ନିର୍ମାଣ କରିଥାଏ । ପାଣି ପାଇଁ ହ୍ୟାଣ୍ଡପମ୍ପ ଓ ସୋଲାର ପମ୍ପ ମଧ୍ୟ ଲଗାଇଥାଏ । ଯେତେବେଳେ ସେହି ହ୍ୟାଣ୍ଡପମ୍ପ ଓ ସୋଲାର୍ ପମ୍ପ ଚାଲିଥାଏ ଓ ସେଥିରୁ ଶୁଦ୍ଧ ଜଳ ଭୂଇଁତଳୁ ବାହାରିଥାଏ । ସେତେବେଳେ ସେହି ଲୋକମାନଙ୍କର, ପିଲାମାନଙ୍କର ଚେହେରାରେ ଏତେ ଆନନ୍ଦ ଝଲକୁ ଥାଏ ଯେ ମୁଁ ଅଧିକାଂଶ ସମୟ ଏହା କହିଥାଏ ଯେ ଯେମିତି ଜଣେ ଲୋକର ୟୁରୋପରେ ଅନେକ ମିଲିୟନ୍ ଡ଼ଲାର୍ ଲଟେରୀ ଲାଗିଗଲେ ଖୁସି ଅନୁଭବ ହୋଇଥାଏ ।

ସୁତରାଂ ଯମାତ୍ ଅହେମଦୀୟା ଯେଉଁଠି ମଧ୍ୟ ମସ୍‌ଜିଦ୍ ତିଆରି କରିଥାଏ ସେଠାରେ ଏହି ପ୍ରକାରର ସାହାଯ୍ୟ ସହଯୋଗ ଯୋଗାଇବା ପାଇଁ ଚେଷ୍ଟା କରିଥାଏ । ଆମର ଶହ ଶହ ସ୍କୁଲ୍ ରହିଛି, ଡ଼ାକ୍ତରଖାନା ରହିଛି, ପାଣି ପ୍ରୋଜେକ୍ଟର ରହିଛି ଏବଂ ମଡ଼େଲ୍ ଭିଲେଜ୍, ପ୍ରୋଜେକ୍ଟର ରହିଛି । ଏହି ସମସ୍ତ ସେବା କାର୍ଯ୍ୟ ଆମେ ସମ୍ପାଦନ କରିଥାଉଁ । ଏହା କେବଳ ଅହେମଦୀମାନଙ୍କ ପାଇଁ ନୁହେଁ ବରଂ ଏହି ଯେଉଁ ଜନସେବାମୂଳକ କାର୍ଯ୍ୟ ରହିଛି । ସେଥିରେ ଆମ କ୍ଲିନିକ୍‌କୁ ଆସୁଥିବା ରୋଗୀମାନେ ଏବଂ ସ୍କୁଲ୍‌ରେ ପାଠ ପଢୁଥିବା ଛାତ୍ରଛାତ୍ରୀ ମଧ୍ୟରୁ ୮୦ ପ୍ରତିଶତ ହେଉଛନ୍ତି ଏପରି ଲୋକେ ଯେଉଁମାନେ ଅଣ ମୁସଲମାନ ଅଟନ୍ତି । ଇସାଇ ହୁଅନ୍ତୁ, ପେଗନ ସମ୍ପ୍ରଦାୟର ହୁଅନ୍ତୁ ବା ଅନ୍ୟ କୌଣସି ଧର୍ମର ଲୋକ ହୁଅନ୍ତୁ । ଆମେ ବିନା କୌଣସି ପାତର ଅନ୍ତରର ଏହି ବୋ କରିଥାଉଁ । ଲୋକଲ୍ ଅହେମଦୀମାନେ ମସ୍‌ଜିଦ୍‌କୁ ଆସିଥାନ୍ତି । ତେଣୁ ସେଥିଯୋଗୁଁ ଲୋକମାନଙ୍କୀ ଧ୍ୟାନ ଏଥିପ୍ରତି ଆକର୍ଷଣ ହୋଇଥାଏ କିନ୍ତୁ ଆମର ଉଦ୍ଦେଶ୍ୟ ହେଉଛି ନିଷ୍ଠାର ସହିତ ସେବା କରିବା ଏବଂ ଜନସେବା କାର୍ଯ୍ୟ ଯାହା ଏଠାର ଆମ ତରଫରୁ କରାଯାଉଅଛି, ସେ ସମ୍ବନ୍ଧରେ ଆମର କେତେକ ସମ୍ମାନୀୟ ଅତିଥିମାନେ ନିଜ ବକ୍ତବ୍ୟରେ କହିସାରିଛନ୍ତି ଯେ ଆମେ Charity କାମ କରିଥାଉଁ ବା ଜନସେବା କାର୍ଯ୍ୟ, ଏହି ସମସ୍ତ କାର୍ଯ୍ୟ ଆମେ ଗରୀବ ରାଷ୍ଟ୍ରଗୁଡ଼ିକରେ ବହୁତ ଅଧିକ କରିଥାଉଁ । ଏହା ଯମାତ୍ ଅହେମଦୀୟାର ଏକ ବିଶେଷ ଗୁଣ ଯେ ଆମେ ଯେଉଁଠି ମଧ୍ୟ ରହିଥାଉଁ ସେଠାରେ ଜନସେବାମୂଳକ କାର୍ଯ୍ୟ କରିଥାଉଁ ଓ ଲୋକମାନଙ୍କୁ ଏହା ବତାଇଥାଉ ଯେ ପ୍ରକୃତ ଇସ୍‌ଲାମ୍ ହେଉଛି ଏହା କି ଯେଉଁଠି ଖୁଦାତାଲାଙ୍କ ଉପାସନା ପ୍ରତି ଧ୍ୟାନ ଦିଆଯାଇଥାଏ ସେଠାରେ ଅଲ୍ଲାଃ ତାଲାଙ୍କ ପ୍ରାଣୀଜଗତ ପ୍ରତି ମଧ୍ୟ ଧ୍ୟାନ ଦିଆଯାଏ । ତେଣୁ ମୁଁ ଆଶ କରୁଛି ଏହି ମସ୍‌ଜିଦ୍ ତିଆରି ହେବାପରେ ବର୍ଷ ତମାମ ଆମ ଲୋକମାନେ ଯେଉଁ Charity work କରୁଛନ୍ତି ତାହା ଆହୁରି ଅଧିକ ହେବ ।

ହଜୁର ଅନଓ୍ୱର ଅ:ବ:ଅ କହିଲେ: ପବିତ୍ର କୁର୍‌ଆନ୍‌ରେ ଯେଉଁ ପ୍ରଥମ ସୁରଃ ରହିଛି ସେଥିରେ ପ୍ରଥମ ହିଦାୟତ (ନିର୍ଦ୍ଦେଶ) ଏହା ରହିଛି କି ସେହି ଅଲ୍ଲାଃ ତାଲାଙ୍କ ପ୍ରଶଂସାଗାନ କର ଯିଏ ହେଉଛନ୍ତି ସମଗ୍ର ସଂସାରର ଅର୍ଥାତ ବିଶ୍ୱ ବ୍ରହ୍ମାଣ୍ଡର ପାଳନକର୍ତା । ପ୍ରତ୍ୟେକଙ୍କୁ ପାଳିଥାଏ । ସେ ଇହୁଦୀମାନଙ୍କର ପାଳନକର୍ତା ଓ ଇସାଇମାନଙ୍କର ମଧ୍ୟ ପାଳନକର୍ତା । ହିନ୍ଦୁମାନଙ୍କର ପାଳନକର୍ତା ଓ ମୁସଲମାନମାନଙ୍କର ମଧ୍ୟ ପାଳନକର୍ତା । ଏହି କାରଣ ଯୋଗୁଁ ଇସ୍‌ଲାମ୍‌ର ପ୍ରତିଷ୍ଠାତା ହଜ୍‌ରତ୍ ମୁହମ୍ମଦ ମୁସ୍ତଫା ସ:ଆ:ସ ସର୍ବଦା ମାନବୀୟ ମୂଲ୍ୟବୋଧକୁ ସର୍ବାଗ୍ରେ ରଖିଛନ୍ତି । ସେଥିଯୋଗୁଁ ପବିତ୍ର କୁର୍‌ଆନ୍ ଆପଣ ସ:ଆ:ସଙ୍କୁ ସମଗ୍ର ସଂସାର ପାଇଁ ରହ୍‌ମତୁଲ୍ ଲିଲ୍ ଆଲମୀନ୍ ଅର୍ଥାତ ସମଗୟ ସଂସାର ପାଇଁ କରୁଣା ଅଭିହିତ କରିଛନ୍ତି । କିଛି ଲୋକ କହୁଛନ୍ତି ଯେ ଇସ୍‌ଲାମ୍ ଧର୍ମ ହେଉଛି ଚରମପନ୍ଥୀ ଓ ଉଗ୍ରବାଦୀର ଧର୍ମ ଅଟେ ଓ ତାହା ଉଗ୍ରବାଦର ଶିକ୍ଷା ଦେଇଥାଏ । କିନ୍ତୁ ବାସ୍ତବିକ ଇସ୍‌ଲାମ୍ କେବେ ବି ଉଗ୍ରବାଦର ଶିକ୍ଷା ଦେଇନାହିଁ । ଯଦି ଆମେ ଇତିହାସକୁ ଦେଖିବା ଓ ନ୍ୟାୟ ସଙ୍ଗତ ହୋଇ ଇତିହାସକୁ ଦେଖବବା ତେବେ ଇସ୍‌ଲାମ୍‌ର ପ୍ରତିଷ୍ଠାତ ହଜ୍‌ରତ୍ ମୁହମ୍ମଦ ସ:ଆ:ସ ଇସ୍‌ଲାମ୍‌ର ପ୍ରାରମ୍ଭିକ ୧୩ ବର୍ଷ ମକ୍କାରେ ରହିଥିଲେ, ସେତେବେଳେ ତାଙ୍କ ଉପରେ ଅକଥନୀୟ ଅତ୍ୟାଚାର ହୋଇଥିଲା । କିନ୍ତୁ ଏହା ସତ୍ୱେ ମଧ୍ୟ ସେ ଏହାର ଉତର ଦେଇନଥିଲେ । ପୁଣି ସେ ଅତ୍ୟାଚାରକୁ ସହନ ନ କରିବା ଯୋଗୁଁ ଆପଣ ସ:ଆ:ସ ଏବଂ ଆପଣଙ୍କ ସାହାବାମାନେ ମକ୍କା ଛାଡ଼ି ମଦିନା ହିଜ୍‌ରତ୍ (ପ୍ରବାଶ) କରିଗଲେ । ମଦିନାରେ ପହଂଚିବା ପରେ ମଧ୍ୟ ମକ୍କାର କାଫିର୍ (ଅମାନ୍ୟକାରୀ/ଅବିଶ୍ୱାସୀ)ମାନେ ସେମାନଙ୍କୁ ଶାନ୍ତିରେ ରହିବାକୁ ଦେଲେନାହିଁ ଓ ମୁସଲମାନମାନଙ୍କ ଉପରେ ଆକ୍ରମଣ କରିଦେଲେ । ପବିତ୍ର କୁର୍‌ଆନ୍‌ରେ ଯୁଦ୍ଧ କରିବା ପାଇଁ ଓ କଠୋରତାର ସହିତ ଯୁଦ୍ଧର ମୁକାବିଲା କରିବାପାଇଁ ଯେଉଁ ପ୍ରଥମ ନିର୍ଦ୍ଦେଶ ଦିଆଗଲା ତାହା ସେତେବେଳେ ଦିଆଗଲା ଯେତେବେଳେ ମୁସଲମାନମାନେ ହିଜ୍‌ରତ୍ କରି ମଦିନା ଚାଲିଗଲେ । ଏହି ନିର୍ଦ୍ଦେଶ ପବିତ୍ର କୁର୍‌ଆନ୍‌ର ୨୨ତମ ସୁରଃରେ ମହଜୁଦ ରହିଛି ଯେ ଏବେ ଏହି ଅତ୍ୟାଚାରୀମାନଙ୍କୁ ଉତର ଦେବାର ଆବଶ୍ୟକ ଅଛି କାରଣ ଯଦି ସେମାନଙ୍କୁ ଏହାର ଉତର ଏବେ ନ ଦିଆଯାଏ ତେବେ ଏମାନେ କେବଳ ମୁସଲମାନମାନଙ୍କୁ ନିଶେଷ କରିବାକୁ ଚାହୁଁନାହାନ୍ତି ବରଂ ପବିତ୍ର କୁର୍‌ଆନ୍‌ରେ ସ୍ପଷ୍ଟ ଭାବରେ ଏହା ଉଲ୍ଲେଖ ଅଛି ଯେ ଏମାନେ ଧର୍ମ ବିରୋଧି ଲୋକେ । ଏମାନଙ୍କ ଅତ୍ୟାଚାର ଓ ଆକ୍ରମଣ ଯୋଗୁଁ ନା କୌଣସି Sunagogue ସୁରକ୍ଷିତ ରହିବ ନା କୌଣସି ଚର୍ଚ୍ଚ ସୁରକ୍ଷିତ ରହିବ ଏବଂ ନା କୌଣସି ମସ୍‌ଜିଦ୍ ସୁରକ୍ଷିତ ରହିବ । କେବଳ ଏହି ଏକ ନିର୍ଦ୍ଦେଶରେ ପବିତ୍ର କୁର୍‌ଆନ୍ ଏହା କହିନାହିଁ ଯେ ନିଜ ମସ୍‌ଜିଦ୍ ସୁରକ୍ଷା କର ବା ନିଜ ଧର୍ମକୁ ବଂଚାଅ ବରଂ ଏହା କହିଛି ଯେ ଏମାନେ ହେଉଛନ୍ତି ଧର୍ମ ଶତୃ ଓ ଏମାନେ କୌଣସି ଧର୍ମକୁ ଜୀବିତ ରଖିବାକୁ ଚାହୁଁନାହାନ୍ତି । ତେଣୁ ସେମାନଙ୍କୁ ଜବାବ୍ ଦେବା ଜରୁରୀ । ଅତଏବ ମୁସଲମାନମାନେ ତାହାର ଜବାବ ଦେଲେ । ଯେହେତୁ ଖୁଦାଙ୍କ ସାହାଯ୍ୟ ସହଯୋଗ ମୁସଲମାନମାନଙ୍କ ସହିତ ଥିଲା ସେଥିଯୋଗୁଁ

*ଅବଶିଷ୍ଟାଂଶ ପୃଷ୍ଠା- ୦୯ ରେ ଦେଖନ୍ତୁ...*

Printed & Published by: Jameel Ahmed Nasir on behalf of Nigran Board of Badar, Name of Owner :Nigran Board of Badar. And Printed at Fazle-Umar Printing Press, Harchuwal Road Qadian, Distt: Gurdaspur-143516, Punjab, India. And published at office of Weekly Badar Mohalla Ahmadiyya, Qadian Distt:Gsp-143516, Punjab.India. Editor: Qamarul Haque Khan